୬ ଅବସର ନେଲେ ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ 8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୧୩୯ ● ୧୬ ଜୁନ୍ ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-139 ● 16th June 2024, Sunday ● Bhubaneswar

Licensed to post without pre-payment of postage No- BN-60/22-24


## ମନ୍ତ୍ରିମଣ୍ଡଳ ବିଭାଗ ବଣ୍ଟନ

# ମୁଖ୍ୟମନ୍ତ୍ରୀଙ୍କ ହାତରେ ଗୃହ, ସାଧାରଣ ପ୍ରଶାସନ

## କନକବର୍ଦ୍ଧନଙ୍କୁ କୃଷି ଓ ଶକ୍ତି, ପ୍ରଭାତୀଙ୍କୁ ମହିଳା ଶିଶୁ ବିକାଶ, ପର୍ଯ୍ୟଟନ

**ଭୁବନେଶ୍ୱର, ୧୫।୬**
**ନ୍ୟୁଜ୍ ବ୍ୟୁରୋ**

୧୨ ତାରିଖରେ ଶପଥ ଗ୍ରହଣ କରିଥିବା ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମନ୍ତ୍ରିମଣ୍ଡଳରେ ଶନିବାର ବିଭାଗ ବଣ୍ଟନ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକ୍ରମେ ରାଜ୍ୟପାଳ ରଘୁବର ଦାସ ନୂଆ ମନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗ ଆବଣ୍ଟନ କରିଛନ୍ତି ।

ବିଭାଗ ଆବଣ୍ଟନ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହାତରେ ଗୃହ, ସାଧାରଣ ପ୍ରଶାସନ, ସୂଚନା ଓ ଲୋକସମ୍ପର୍କ, ଜଳ ସମ୍ପଦ, ଯୋଜନା ଓ ସଂଯୋଜନ ବିଭାଗ ରହିଥିବା ବେଳେ ଆବଣ୍ଟନ ହୋଇନଥିବା ଅନ୍ୟ ବିଭାଗ ଗୁଡିକ ମଧ୍ୟ ରହିଛି । ସେହିପରି ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହ ଦେଓଙ୍କୁ କୃଷି ଓ କୃଷକ ସଶକ୍ତିକରଣ ଓ ଶକ୍ତି ବିଭାଗ ମିଳିଥିବା ବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗ ମିଳିଛି ।




ରାଜଭବନ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁସାରେ କ୍ୟାବିନେଟ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ରବି ନାରାୟଣ ନାଏକଙ୍କୁ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ, ନିତ୍ୟାନନ୍ଦ ଗଣ୍ଡଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ବୈଷୟିକ, ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଆଇନ, ପୂର୍ତ୍ତ ଓ ଅବକାରୀ, ଡ. ମୁକେଶ ମହାଲିଙ୍ଗଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ ଓ ସୂଚନା ପ୍ରଯୁକ୍ତିବିଦ୍ୟା, ବିଭୂତି ଭୂଷଣ ଜେନାଙ୍କୁ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ଏବଂ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଓ ସରକାରୀ ଉଦ୍ୟୋଗ ବିଭାଗ ମିଳିଛି । *(ପୃଷ୍ଠା ୭ରେ)*

# ଲୋକଙ୍କୁ ଗୁଣାତ୍ମକ ସେବା ଯୋଗାଇ ଦେବା ଲାଗି ପୁଲିସ୍‌କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର, ୧୫।୬**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ରାଜ୍ୟ ମୁଖ୍ୟଶାସନ ସଚିବଙ୍କ ସମେତ ବରିଷ୍ଠ ଅଧିକାରୀମାନଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଲୋଚନା କରିଥିବା ବେଳେ ଶନିବାର ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ, ଗୁଇନ୍ଦା ନିର୍ଦ୍ଦେଶକ, ଗୁଇନ୍ଦା ଆଇଜି ଓ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଏକ ବୈଠକରେ ଆଲୋଚନା କରିଛନ୍ତି । ସଂପ୍ରତି ରାଜ୍ୟ ଅତିଥି ଭବନଠାରେ ଚାଲିଥିବା ମୁଖ୍ୟମନ୍ତ୍ରୀଙ୍କ ଅସ୍ଥାୟୀ କାର୍ଯ୍ୟାଳୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ନେଇ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିଥିଲେ । ବିଭିନ୍ନ ଜିଲ୍ଲାର ଏସ୍‌ପିମାନେ ମଧ୍ୟ ବୈଠକରେ ସାମିଲ ହୋଇଥିଲେ । ରାଜ୍ୟରେ ପୁଲିସର ସ୍ଥିତି, ଆଇନ ଶୃଙ୍ଖଳା ପରିସ୍ଥିତି ବାବଦରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି ବୋଲି ପୁଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ କହିଛନ୍ତି । ଥାନାକୁ ଅଭିଯୋଗ ଜଣାଇବା ପାଇଁ ଆସୁଥିବା ସାଧାରଣ ଲୋକଙ୍କୁ ପୋଲିସ୍ ଉତ୍ତମ ବ୍ୟବହାର କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ଏହି ସୌଜନ୍ୟମୂଳକ ସାକ୍ଷାତ ସମୟରେ ମୁଖ୍ୟତଃ *(ପୃଷ୍ଠା ୭ରେ)*



# ଭାରତରୁ ୟୁରୋପକୁ ଚାଲିବ ହାଇସ୍ପିଡ ଟ୍ରେନ୍ !

## ଜି-୭ ସମ୍ମିଳନୀରେ ଭାରତ-ୟୁରୋପ କରିଡରକୁ ନେଇ ସହମତି

**ବାରି (ଇଟାଲୀ), ୧୫।୬**

ଆମନ୍ତ୍ରିତ ସଦସ୍ୟ ଭାବେ ଜି-୭ ଶିଖର ସମ୍ମିଳନୀରେ ଯୋଗଦେବା ଭାରତ ପାଇଁ ଅତ୍ୟନ୍ତ ଲାଭଦାୟକ ସାବ୍ୟସ୍ତ ହୋଇଛି । ଜି-୭ ଦେଶଗୁଡ଼ିକ ଭାରତକୁ ସବୁଠାରୁ ବଡ଼ ଉପହାର ଦେଇଛନ୍ତି । ଏହା ଜରିଆରେ ଏବେ ହାଇସ୍ପିଡ ରେଳପଥ ଜରିଆରେ ଭାରତକୁ ସିଧାସଳଖ ୟୁରୋପ ସହ ଯୋଡ଼ିବାକୁ ସହମତି ପ୍ରକାଶ ପାଇଛି । *(ପୃଷ୍ଠା ୭ରେ)*



### କେନ୍ଦ୍ର ସାହିତ୍ୟ ଏକାଡେମୀର ବାଲ୍ ସାହିତ୍ୟ ଏବଂ ଯୁବ ପୁରସ୍କାର ଘୋଷିତ



**ନୂଆଦିଲ୍ଲୀ, ୧୫।୬**

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରଦାନ କରାଯାଉଥିବା ବାଲ୍ ଓ ଯୁବ ପୁରସ୍କାର ଘୋଷଣା କରାଯାଇଛି । ଶନିବାର ଗୁଜରାଟର ନର୍ମଦା ଜିଲ୍ଲାରେ ଅନୁଷ୍ଠିତ କେନ୍ଦ୍ର ସାହିତ୍ୟ ଏକାଡେମୀର କାର୍ଯ୍ୟନିର୍ବାହୀ ବୈଠକରେ ଏହି ଘୋଷଣା କରାଯାଇଛି ।

୨୦୨୪ ବର୍ଷ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ୨୪ଟି ଭାଷାରେ ୨୪ ଜଣ ଲେଖକଙ୍କୁ ବାଲ୍ ସାହିତ୍ୟ ପୁରସ୍କାର ପ୍ରଦାନ କରାଯିବାକୁ ଘୋଷଣା କରାଯାଇଛି । ଓଡ଼ିଆ ଭାଷା ପାଇଁ ବରିଷ୍ଠ ଶିଶୁ ସାହିତ୍ୟିକ ମାନସ ରଞ୍ଜନ ସାମଲ ପାଇବେ ଚଳିତ ୨୦୨୪ ବର୍ଷର କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ୍ ସାହିତ୍ୟ ପୁରସ୍କାର । ସେ *(ପୃଷ୍ଠା ୭ରେ)*


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# ସୁରକ୍ଷାବାହିନୀ ଗୁଳିରେ ୮ ନକ୍ସଲ ନିପାତ



**ମାଲକାନଗିରି, ୧୫।୬**
**ନ୍ୟୁଜ୍ ବ୍ୟୁରୋ**

ପୁଣି ଥରେ ଛତିଶଗଡ଼ରେ ସୁରକ୍ଷା ବାହିନୀକୁ ମିଳିଛି ବଡ଼ ସଫଳତା । ନାରାୟଣପୁର ଜିଲ୍ଲାର ଆବୁଝମାଡ଼ ଜଙ୍ଗଲରେ ଡିଆରଜି, ଏସଟିଏଫ, ଆଇଟିବିପି ବାଟାଲିୟନର ସୁରକ୍ଷାବାହିନୀ ଏବଂ ନକ୍ସଲଙ୍କ ମଧ୍ୟରେ ଏକ ବଡ଼ ଗୁଳିବିନିମୟ ଘଟିଛି । ନାରାୟଣପୁର ଆବୁଝମାଡ଼ ଜଙ୍ଗଲରେ ହୋଇଥିବା ଏନକାଉଣ୍ଟରରେ ୮ ଜଣ ନକ୍ସଲ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ମାଓବାଦୀଙ୍କ ବିରୁଦ୍ଧରେ ସୁରକ୍ଷା ବାହିନୀର ବଡ଼ ଅପରେସନ ଜାରି ରହିଛି । ଗତ ୨ ଦିନ ଧରି ସୁରକ୍ଷା ବାହିନୀ ଏବଂ ନକ୍ସଲମାନଙ୍କ ମଧ୍ୟରେ ଗୁଳିବିନିମୟ ଚାଲିଥିଲା ।

ଖବର ଅନୁଯାୟୀ ୮ ଜଣ ନକ୍ସଲ ସୁରକ୍ଷା ବାହିନୀଙ୍କ ଗୁଳିରେ ପ୍ରାଣ ହରାଇଛନ୍ତି । ତେବେ ୨ ଜଣ ଯବାନ ମଧ୍ୟ ଆହତ ହୋଇଥିବା ଖବର ବର୍ତ୍ତମାନ ସାମ୍ନାକୁ ଆସୁଛି । ନାରାୟଣପୁର, କୋଣ୍ଡାଗାଓ, କାଙ୍କେର ଏବଂ ଦନ୍ତେୱାଡା ଜିଲ୍ଲାର ଡିଜିଆର, ଏସଟିଏଫ ଏବଂ ଆଇଟିବିପି ୫୩ତମ ବାଟାଲିୟନ ପକ୍ଷରୁ ମିଳିତ ଅପରେସନ ଜାରି ରହିଛି । ଯବାନ ଓ ନକ୍ସଲମାନଙ୍କ ମଧ୍ୟରେ ଗତ ୨ ଦିନ ଧରି ଜାରି ରହିଛି ଗୁଳିବିନିମୟ । ଏବେ ମଧ୍ୟ ସୁରକ୍ଷା ବାହିନୀ ପକ୍ଷରୁ ମିଳିତ ଅପରେସନ କୁତୁଲ ଫରସାବେଡ଼ା କୋଡ଼ତାମେଟା ଅଞ୍ଚଳରେ ଜାରି ରହିଛି ।

### ନିଟ୍‌କୁ ନେଇ ଆସିଲା ବଡ଼ ଖବର

# ପରୀକ୍ଷା କେନ୍ଦ୍ର ଅଧ୍ୟକ୍ଷଙ୍କ ସମେତ ୫ ଗିରଫ, ୨.୩ କୋଟିର ଚେକ୍ ଜବତ



**ନୂଆଦିଲ୍ଲୀ, ୧୫।୬**

ମେଡିକାଲ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ନିଟ୍)କୁ ନେଇ ଏକ ବଡ଼ ତଥ୍ୟ ସାମ୍ନାକୁ ଆସିଛି । ନିଟ୍ ଅନିୟମିତତା ଅଭିଯୋଗରେ ଗୁଜରାଟ ପୁଲିସ ଗୋଧ୍ରାରୁ ୫ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ମଧ୍ୟରେ ଜଣେ ପରୀକ୍ଷା କେନ୍ଦ୍ରର ଅଧ୍ୟକ୍ଷ ବା ପ୍ରିନ୍ସିପାଲ ଅଛନ୍ତି । ଏମାନେ ୨୭ ଛାତ୍ରଛାତ୍ରୀଙ୍କୁ ପରୀକ୍ଷାରେ ସହାୟତା କରିଥିବା ଜଣାପଡ଼ିଛି । ଏପରି କି ପରୀକ୍ଷାରେ ସହାୟତା ପାଇଁ ପ୍ରତି ଛାତ୍ରଙ୍କଠାରୁ ୧୦ ଲକ୍ଷ ଟଙ୍କା ଲେଖାଏଁ ନେଇଥିବା ଅଭିଯୋଗ ହୋଇଥିଲା । ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହିତ ସେମାନଙ୍କଠାରୁ ୨ କୋଟି ୩୦ ଲକ୍ଷ ଟଙ୍କାର ଚେକ୍ ଜବତ କରିଛି ।

ନିଟ୍ ପ୍ରଶ୍ନପତ୍ର ଲିକ୍ ହୋଇ ନ ଥିବା ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିବାବେଳେ ସୁପ୍ରିମକୋର୍ଟ ଗ୍ରେସ ମାର୍କ ପାଇଥିବା ୧୫୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କର ସାନି ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପୂର୍ବରୁ ଏହି ପରୀକ୍ଷାକୁ ନେଇ ଜଣେ ଛାତ୍ର ସୁପ୍ରିମକୋର୍ଟରେ ପିଟିସନ ଦାଖଲ କରିଛନ୍ତି । ଏହାର ବିଚାର କରି ସର୍ବୋଚ୍ଚ ନ୍ୟାୟାଳୟ ଗ୍ରେସମାର୍କ ପାଇଥିବା ଛାତ୍ରଙ୍କର ସାନି ପରୀକ୍ଷା କରାଇବାକୁ ନିର୍ଦ୍ଦେଶ ଦେଇଥିଲେ ।

# କାଶୀପୁର ଅଜଣା ରୋଗରେ ମୃତ୍ୟୁ ଘଟଣା

## ଅନୁସନ୍ଧାନ ପାଇଁ ଆରଏମ୍ଆରସିକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୫।୬**
**ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ା ଜିଲ୍ଲା କାଶୀପୁର ଅନ୍ତର୍ଗତ ମନୁଷପଦର ଗ୍ରାମରେ ଅଜଣା ରୋଗରେ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । କାଶୀପୁର ଅଞ୍ଚଳରେ ଅଜଣା ରୋଗ ବ୍ୟାପିବା ଦ୍ୱାରା ମୃତ୍ୟୁର କାରଣ ଖୋଜିବା ସହ ସେହି ଅଞ୍ଚଳରେ ସ୍ୱାଭାବିକ *(ପୃଷ୍ଠା ୭ରେ)*



# ହାଇ ସ୍ପିଡ୍ ରେଳ ପରିଯୋଜନାକୁ ନେଇ ଜାପାନ ପ୍ରଧାନମନ୍ତ୍ରୀଙ୍କ ସହ କଥା ହେଲେ ମୋଦି

**ନୂଆଦିଲ୍ଲୀ/ଆପୁଲିଆ, ୧୫।୬**

ଇଟାଲୀର ଆପୁଲିଆରେ ଅନୁଷ୍ଠିତ ଜି-୭ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦାଙ୍କୁ ଭେଟିଥିଲେ । ଏହି ଦୁଇ ନେତା ଭାରତରେ ପାଞ୍ଚ ଟ୍ରିଲିୟନ ୟେନ ବିନିଯୋଗରେ ମୁମ୍ବାଇ-ଅହମ୍ମଦାବାଦ ହାଇ ସ୍ପିଡ ରେଳ ପ୍ରକଳ୍ପ ଉପରେ ଆଲୋଚନା କରିଥିଲେ ।

ଭାରତ-ଜାପାନ ସମ୍ପର୍କକୁ ଆଲୋକିତ କରି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ) ସୋସିଆଲ ମିଡିଆ *(ପୃଷ୍ଠା ୭ରେ)*



### କୁଏତ୍ ଅଗ୍ନିକାଣ୍ଡ: ୨ ଓଡ଼ିଆଙ୍କ ପରିବାରକୁ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୫।୬**
**ନ୍ୟୁଜ୍ ବ୍ୟୁରୋ**

କୁଏତ୍ ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ୨ ଓଡ଼ିଆଙ୍କ ପରିବାରକୁ ସହାୟତା ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ତିଗିରିଆର ମହମ୍ମଦ ଜହୁର ଓ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ରଣଝାଲି ଗାଁର ସନ୍ତୋଷ ଗୌଡଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ।

ଶନିବାର ଦୁଇ *(ପୃଷ୍ଠା ୭ରେ)*

### ଏକାଳ ସକାଳ



ବର୍ଷା ଟିକେ ବହୁତ ହୁଅଇ
ଗରମ ଯାଉଛି କମି
ମୌସୁମୀ ପାଦ ଥାପିଥାପି ଆସେ
ଧରଣୀ ଉଠଇ ଝୁମି
ଖରା ଆସିଲାଣି ଥମି
ଚାତକ ଚାହିଁଛି ପାଣି ଟୋପେ ପାଇ
ଚାଷୀ ଚାହିଁଛି ହୃଦୟ ଥାମି ।

# ସଶକ୍ତ ବିରୋଧୀ ଦଳ ଭୂମିକାରେ ବିଜେଡ଼ି, ନେତା ହେବେ ନବୀନ !

**ଭୁବନେଶ୍ୱର, ୧୫।୬**
**ନ୍ୟୁଜ୍ ବ୍ୟୁରୋ**

ଗଠନ ହେବାକୁ ଯାଉଥିବା ନୂଆ ବିଧାନସଭାରେ ଏଥର ସଶକ୍ତ ବିରୋଧୀ ଦଳର ଭୂମିକା ନିର୍ବାହ କରିବ ବିଜୁ ଜନତା ଦଳ । ଦୀର୍ଘ ୨୪ବର୍ଷ ଧରି ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡ଼ି ସରକାର ଚାଲିଆସିଥିବା ବେଳେ ମୁଖ୍ୟମନ୍ତ୍ରୀ ଭାବେ ନବୀନ ତାଙ୍କର ଦାୟିତ୍ୱ ସମ୍ପାଦନ କରିଆସୁଥିଲେ । ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ବହୁମତ ପାଇବା ସହିତ ୭୮ ଆସନ ଜିତି ନୂଆ ସରକାର ଗଠନ କରିଛି ଏବଂ ମୋହନ ଚରଣ ମାଝୀ ନୂଆ ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ତେବେ ବିଜେଡ଼ି ୫୧ ଆସନରେ ବିଜୟ ଲାଭ କରି ଏବେ ମୁଖ୍ୟ ବିରୋଧୀ ଦଳ ଆସନରେ ବସିବାକୁ ଯାଉଛି । ନୂଆ ବିଧାନସଭା ଗଠନ ହେଲେ ସ୍ୱୀକୃତିପ୍ରାପ୍ତ ବିରୋଧୀ ଦଳ ଏବଂ ଏହାର ନେତାଙ୍କ ନାମ ଘୋଷଣା କରାଯିବ । ନୂଆ ବାଚସ୍ପତି ବିଧାନସଭାରେ ଏହି ନାମ ଘୋଷଣା କରିବେ । ତେବେ ବିରୋଧୀ ଦଳର ନେତା ପଦରେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଅବସ୍ଥାପିତ କରିବା ପାଇଁ ଦଳରୁ ଜିତିଥିବା ସମସ୍ତ ନେତା ସହମତ ହୋଇଛନ୍ତି । ଇତି ମଧ୍ୟରେ ଏହି ନେତା ପଦ ପାଇଁ ନବୀନଙ୍କ ନାମ ନେଇ ଏକାଧିକବାର ବୈଠକରେ ଆଲୋଚନା ହେଲାଣି । ଯଦିଓ ଏ ବାବଦରେ କୌଣସି ନିଷ୍ପତ୍ତି ଘୋଷଣା କରାଯାଇ ନାହିଁ କି ନବୀନ ନିଜ ଆଡୁ କୌଣସି ସୂଚନା ଦେଇନାହାନ୍ତି ତଥାପି ଦଳର ବରିଷ୍ଠ ନେତାମାନେ ଚାହୁଁଛନ୍ତି ନବୀନ ହିଁ ବିରୋଧୀ ଦଳର ନେତା ଆସନରେ ଭୂମିକା ନିର୍ବାହ କରନ୍ତୁ । କାରଣ ମୁଖ୍ୟମନ୍ତ୍ରୀ ପଦରେ ଦୀର୍ଘ ୨୪ ବର୍ଷ ଧରି ସଫଳତାର ସହ ଦାୟିତ୍ୱ ନିର୍ବାହ କରିବାରେ ରେକର୍ଡ କରିଥିବା ନବୀନଙ୍କର ପ୍ରଶାସନ ଓ ଜନସେବାରେ ଅନୁଭୂତି ଓ ଅଭିଜ୍ଞତା ରହିଥିବାରୁ ସେ ହିଁ ବିରୋଧୀ ଦଳ ନେତା ଭୂମିକା ତୁଲାଇ ପାରିବେ ବୋଲି ବରିଷ୍ଠ ନେତାମାନେ କହିଛନ୍ତି । ଓଡ଼ିଶାର ବିକାଶ ଓ ଜନସେବା ପ୍ରସଙ୍ଗରେ ମୁଖ୍ୟବିରୋଧୀ ଦଳ ଭାବେ ବିଜେଡ଼ି ଆଗାମୀ ବିଧାନସଭାରେ ତାର ଭୂମିକା ନିର୍ବାହ କରିବ ବୋଲି ଦଳର ବରିଷ୍ଠ ନେତା କହିଛନ୍ତି । ସେହିପରି ଗଣତନ୍ତ୍ରରେ ବିରୋଧୀ ଦଳ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହି ଦାୟିତ୍ୱକୁ ବିଜେଡ଼ି ଠିକଣା ଭାବେ ତୁଲାଇବ । ରାଜ୍ୟର ସ୍ୱାର୍ଥ ଜଡିତ ପ୍ରସଙ୍ଗରେ ସକରାତ୍ମକ ଓ ଗଠନ ମୂଳକ ପରାମର୍ଶ ମଧ୍ୟ ଦେବ । ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ବଦ୍ରିନାରାୟଣ ପାତ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅଶ୍ୱିନୀ ପାତ୍ର, ଅରୁଣ ସାହୁ, ତୁଷାରକାନ୍ତି ବେହେରା, ପ୍ରମିଳା ମଲ୍ଲିକ, କଳିକେଶ ସିଂହଦେଓ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ଅନନ୍ତ ନାରାୟଣ ଜେନା, ପ୍ରଶାନ୍ତ ବେହେରା, *(ପୃଷ୍ଠା ୭ରେ)*

# ୫୪ ଔଷଧ ଶସ୍ତା, ମଧୁମେହ ରୋଗୀଙ୍କ ସମେତ କୋଟି କୋଟି ଲୋକ ଉପକୃତ ହେବେ

**ନୂଆଦିଲ୍ଲୀ, ୧୫।୬**

ଔଷଧ ଖର୍ଚ୍ଚ ଦ୍ୱାରା ଗ୍ରାହକଙ୍କ ଘରୋଇ ଖର୍ଚ୍ଚ ବୃଦ୍ଧି ପାଇବାରେ ଲାଗିଛି । ଏହା ଦ୍ୱାରା ଗ୍ରାହକ ମଧ୍ୟ ସମସ୍ୟାରେ ପଡୁଛନ୍ତି । ମାତ୍ର ଗ୍ରାହକଙ୍କ ପାଇଁ ଖୁସି ଖବର ଆସିଛି । ସେମାନଙ୍କର ମାସିକ ଖର୍ଚ୍ଚ ଏବେ ହ୍ରାସ ପାଇବ । ବାସ୍ତବରେ କୋଟି କୋଟି ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କରି ସରକାର କିଛି ଅତ୍ୟାବଶ୍ୟକ ଔଷଧର ଦର ହ୍ରାସ କରିଛନ୍ତି । ନାକ, କାନ, ହୃଦୟ ଏବଂ ମଧୁମେହ ରୋଗର ଚିକିତ୍ସାରେ ବ୍ୟବହୃତ ଔଷଧଗୁଡ଼ିକ ବର୍ତ୍ତମାନ କମ ମୂଲ୍ୟରେ ଉପଲବ୍ଧ ହେବ । ଏସବୁ ବ୍ୟତୀତ ଲୋକମାନେ କମ ମୂଲ୍ୟରେ ମଲ୍ଟିଭିଟାମିନ ଔଷଧ ମଧ୍ୟ ପାଇପାରିବେ । ମୋଟ ୫୪ ଔଷଧର ଦର ଶସ୍ତା ହୋଇଛି ।



ନିକଟରେ ଜାତୀୟ ଫାର୍ମାସ୍ୟୁଟିକାଲ ପ୍ରାଇସିଂ ଅଥରିଟି (ଏନପିପିଏ) ଦ୍ୱାରା ଏକ ବୈଠକ ଅନୁଷ୍ଠିତ *(ପୃଷ୍ଠା ୭ରେ)*



## ସୁରକ୍ଷାକୁ ଟିପିଏନଓଡିଏଲର ସର୍ବୋଚ୍ଚ ପ୍ରାଥମିକତା : ୨୨୨୯ ଟ୍ରାନ୍ସଫର୍ମରରେ ହୋଇଛି ସୁରକ୍ଷା ପ୍ରାଚୀର

**ବାଲେଶ୍ୱର, ନ୍ୟୁଜ**

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ବିଦ୍ୟୁତ ସେବା ବିତରଣରେ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛି। ବିଭିନ୍ନ ସ୍ଥାନରେ ଅସୁରକ୍ଷିତ ତଥା ଅବ୍ୟବସ୍ଥିତ ଅବସ୍ଥାରେ ଥିବା ଟ୍ରାନ୍ସଫର୍ମରଗୁଡ଼ିକୁ ଖୋଜି ବାହାର କରିବା ସହିତ ସେଗୁଡିକର ଫେନ୍ସିଂ ବା ସୁରକ୍ଷା ପ୍ରାଚୀର ନିର୍ମାଣ କରୁଛି । ବିଗତ ୩ବର୍ଷ ମଧ୍ୟରେ ଟିପିଏନଓଡିଏଲ ସମ୍ପୃକ୍ତ ଟ୍ରାନ୍ସଫର୍ମରଗୁଡ଼ିକୁ ଚିହ୍ନଟ କରି ଉଭୟ ମାନବ ଓ ଜୀବଜନ୍ତୁଙ୍କ ଜୀବନ ଏବଂ ସମ୍ପତିର ସୁରକ୍ଷାକୁ ସୁନିଶ୍ଚିତ କରିଛି। ସୂଚନା ମୁତାବକ ବାଲେଶ୍ୱର ଜିଲ୍ଲାରେ ୬୭୧ଟି ଟ୍ରାନ୍ସଫର୍ମର ପରିସରକୁ ସୁରକ୍ଷା ପ୍ରାଚୀର ନିର୍ମାଣ କରାଯାଇ ଆବଦ୍ଧ କରାଯାଇ ଥିବାବେଳେ ବାରିପଦାରେ ୪୮୬, ଭଦ୍ରକରେ ୩୯୦, ଯାଜପୁରରେ ୩୭୬ ଏବଂ କେନ୍ଦୁଝରରେ ୩୦୬ଟିକୁ ମିଶାଇ ସମୁଦାୟ ୨ ହଜାର ୨୨୯ଟି ଟ୍ରାନ୍ସଫର୍ମର ପରିସରରେ ସୁରକ୍ଷା ପ୍ରାଚୀର ନିର୍ମାଣ କରାଯାଇଛି। ସୁରକ୍ଷା ପ୍ରାଚୀରରେ ଗୋରୁ କିମ୍ବା ଅନ୍ୟ ପଶୁମାନଙ୍କୁ ଆଦୌ ନ ବାନ୍ଧିବା ଅବା ଓଦା କପଡ଼ା ନ ଶୁଖାଇବା ପାଇଁ ଟିପିଏନଓଡିଏଲ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ଅସୁରକ୍ଷିତ ଅବସ୍ଥାରେ ଥିବା ବୈଦୁତିକ ଟ୍ରାନ୍ସଫର୍ମର ସମ୍ପର୍କରେ ମଧ୍ୟ ଜନସାଧାରଣ ୧୮୦୦-୩୪୫-୬୭୧୮ କିମ୍ବା ୧୯୧୨ରେ ଅବଗତ କରିବା ପାଇଁ ଟିପିଏନଓଡିଏଲ କହିଛି। ସେହିଭଳି ଶିକ୍ଷାନୁଷ୍ଠାନଗୁଡିକରେ ପିଲାମାନଙ୍କ ନିରାପତ୍ତାକୁ ମଧ୍ୟ ଟିପିଏନଓଡିଏଲ ଗୁରୁତ୍ୱ ଦେଉଛି। ଟିପିଏନଓଡିଏଲ ଅଧିନସ୍ଥ ୧ ହଜାର ୬୨୩ରୁ ଅଧିକ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ପରିସରରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ନିରାପତ୍ତା ପାଇଁ ସୁରକ୍ଷା ପ୍ରାଚୀର ମଧ୍ୟ ନିର୍ମାଣ କରାଯାଇଛି । ବାଲେଶ୍ୱର ଜିଲ୍ଲାରେ ୪୭୨ଟି ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ପରିସରରୁ ବିଦ୍ୟୁତ ଟ୍ରାନ୍ସଫର୍ମରଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବାବେଳେ ଯାଜପୁରରେ ୪୨୩ଟି ଶିକ୍ଷାନୁଷ୍ଠାନ ପରିସରରୁ ଟ୍ରାନ୍ସଫର୍ମରଗୁଡିକୁ ସ୍ଥାନାନ୍ତର କରାଯାଇଛି। ସେହିପରି କେନ୍ଦୁଝରରେ ୩୮୫ଟି, ଭଦ୍ରକରେ ୨୧୭ ଏବଂ ମୟୂରଭଞ୍ଜର ୧୨୯ଟି ଶିକ୍ଷାନୁଷ୍ଠାନରୁ ବିଦ୍ୟୁତ ଟ୍ରାନ୍ସଫର୍ମରଗୁଡିକୁ ସ୍ଥାନାନ୍ତର କରାଯାଇଛି। ପିଲାମାନଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଟିପିଏନଓଡିଏଲ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତ୍ୟେକଟି ଜୀବନ ମୂଲ୍ୟବାନ, ତେଣୁ କୌଣସି ବିପଦଜନକ କାର୍ଯ୍ୟରୁ ନିବୃତ ରଖିବା ସହିତ ସଚେତନ ଓ ନିରାପଦ ରହିବା ପାଇଁ କମ୍ପାନୀ ଏହାର ସମସ୍ତ ଉପଭୋକ୍ତା ତଥା ଜନସାଧାରଣଙ୍କୁ ଅନୁରୋଧ କରିଛି । ସୁରକ୍ଷା ଦିଗରେ ଟାଟା ପାୱାର ପକ୍ଷରୁ ନିଆଯାଉଥିବା ଏଭଳି ପଦକ୍ଷେପ ଜନସାଧାରଣଙ୍କ ଦ୍ୱାରା ପ୍ରଶଂସିତ ହେଉଛି ।

## ଶୁଖିଗଲା ଇନ୍ଦ୍ରାବତୀ ଜଳଭଣ୍ଡାର : ବିଦ୍ୟୁତ୍ ଉତ୍ପାଦନ ପ୍ରଭାବିତ ଆଶଙ୍କା

**ନବରଙ୍ଗପୁର, ନ୍ୟୁଜ୍‌ବ୍ୟୁରୋ**

ଜୁନ୍ ମାସର ପ୍ରଥମ ୧୧ଦିନ ବିତିଲାଣି। ଅଥଚ ମୌସୁମୀର ଦେଖାନାହିଁ। ଗ୍ରୀଷ୍ମ ଲହରୀ ବି ଜାରି ରହିଛି, ଯାହାର ବଡ଼ ପ୍ରଭାବ ଏବେ ନବରଙ୍ଗପୁର ଜିଲ୍ଲାର ଜୀବନରେଖା କୁହାଯାଉଥିବା ଇନ୍ଦ୍ରାବତୀ ଜଳଭଣ୍ଡାର ଉପରେ ପଡ଼ିଛି। ଜଳଭଣ୍ଡାରେ ମାତ୍ର ୧୭,୫୭୮ ହେକ୍ଟୋମିଟର ଜଳ ଗଚ୍ଛିତ ରହିଛି, ଯାହା ମୋଟ କ୍ଷମତାର ମାତ୍ର ୧୧.୮୩ ପ୍ରତିଶତ ଜଳ। ଗତବର୍ଷ ଆଜିର ତାରିଖରେ ୩୮,୯୦୨ ହେକ୍ଟୋମିଟର (୨୬.୧୮ ପ୍ରତିଶତ) ଜଳ ଗଚ୍ଛିତ ରହିଥିଲା। ଗତବର୍ଷ ତୁଳନାରେ ୧୫ ପ୍ରତିଶତ କମ୍ ପାଣି ରହିଥିବାରୁ ଆଉ କିଛି ଦିନ ପରେ ବିଦ୍ୟୁତ ଉତ୍ପାଦନ ପ୍ରଭାବିତ ହେବା ଆଶଙ୍କା କରାଯାଉଛି। ଇନ୍ଦ୍ରାବତୀ ଜଳଭଣ୍ଡାର ସଂଲଗ୍ନ ଅଞ୍ଚଳ ତଥା ଉପରମୁଣ୍ଡରେ ଆବଶ୍ୟକ ତୁଳନାରେ କମ୍ ବର୍ଷା କାରଣରୁ ସ୍ଥିତି ଗମ୍ଭୀର ହେବାରେ ଲାଗିଛି।

ଇନ୍ଦ୍ରାବତୀ ଜଳଭଣ୍ଡାର ଜଳଧାରଣ କ୍ଷମତା ୬୪୨ ମିଟର ହୋଇଥିବା ବେଳେ ୧ଲକ୍ଷ ୪୮ହଜାର ୫୫୦ ହେକ୍ଟୋମିଟର ଜଳ ଗଚ୍ଛିତ ହୋଇପାରିବ। ଜୁଲାଇ ପହିଲା ସୁଦ୍ଧା ୬୩୮ ମିଟର ପାଣି ଗଚ୍ଛିତ ରହିଲେ ବିଦ୍ୟୁତ ଉତ୍ପାଦନ ଉପରେ କୌଣସି ପ୍ରଭାବ ପଡ଼ିନଥାଏ। କିନ୍ତୁ ଜଳଭଣ୍ଡାର ଜଳସ୍ତର ୬୨୭.୭୭ ମିଟର ରହିଛି। ଗତବର୍ଷ ଜୁନ୍ ୧୧ତାରିଖରେ ଜଳସ୍ତର ୬୩୦.୭୨ ମିଟର ରହିଥିଲା। ଗତବର୍ଷ ତୁଳନାରେ ପ୍ରାୟ ୩ମିଟର କମ୍ ପାଣି ରହିଛି। ଜଳଭଣ୍ଡାର ମଧ୍ୟକୁ ଏବେ ପ୍ରତି ସେକେଣ୍ଡରେ ୨୦.୩୪୭ କ୍ୟୁମେକ୍ ଜଳ ପ୍ରବେଶ କରୁଥିବା ବେଳେ ପ୍ରତି ସେକେଣ୍ଡରେ ୫୧.୭୩୬ କ୍ୟୁମେକ୍ ଜଳ ନିଷ୍କାସିତ ହେଉଛି। ନିଷ୍କାସିତ ହେଉଥିବା ଜଳରୁ ୪୧.୮୮୭ କ୍ୟୁମେକ୍ ବିଦ୍ୟୁତ୍ ଉତ୍ପାଦନ ପରେ ପାୱାର ହାଉସ୍‌ରୁ ମହାନଦୀ ବେସିନ୍ ଅନ୍ତର୍ଗତ ହାତୀ ବ୍ୟାରେଜ୍‌ରେ ପ୍ରବେଶ କରୁଛି। ସେହିପରି ଇନ୍ଦ୍ରାବତୀ ନଦୀରେ ୫.୧୫ କ୍ୟୁସେକ୍ ପାଣି ପ୍ରବାହିତ ହେଉଥିଲା ବେଳେ ୪.୭୦ କ୍ୟୁସେକ୍ ପାଣି ଲିକେଜ୍ ହେଉଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ଯେତିକି ପାଣି ପଶୁଛି ତାହାର ଅଢ଼େଇ ଗୁଣ ନିଷ୍କାସିତ ହେଉଛି, ଯାହା ଜଳସଂକଟର ମୂଳ କାରଣ ବୋଲି ଜଣାପଡ଼ିଛି। ଜଳଭଣ୍ଡାର ସଂଲଗ୍ନ ଅଞ୍ଚଳରେ ଗତବର୍ଷ ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ ୨୦୯.୬ ମିମି ବର୍ଷା ହୋଇଥିବା ବେଳେ ଚଳିତ ବର୍ଷ ଜାନୁଆରୀରୁ ଜୁନ୍ ୧୫ ପର୍ଯ୍ୟନ୍ତ ମାତ୍ର ୧୩୬ ମିମି ବର୍ଷା ହୋଇଛି। ସେହିପରି ଉପରମୁଣ୍ଡରେ ବର୍ଷା କମିବା କାରଣରୁ ଜଳସ୍ତର ନିମ୍ନଗାମୀ ହେଉଥିବା କୁହାଯାଉଛି।

## ଡଲାର ତୁଳନାରେ ଦୁର୍ବଳ ହେଲା ଟଙ୍କା: ଏକ ଡଲାର ଦାମ୍ ୮୩ ଟଙ୍କା ୫୭ ପଇସା



**ନୂଆଦିଲ୍ଲୀ,**

ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ସମେତ ଏସିଆର ବିଭିନ୍ନ ଦେଶର ମୁଦ୍ରା ପ୍ରଦର୍ଶନ ଖରାପ ରହିଛି। ଡଲାର ତୁଳନାରେ ଟଙ୍କା ମୂଲ୍ୟ ଏହାର ସର୍ବକାଳୀନ ନିମ୍ନ ସ୍ତରରେ ପହଞ୍ଚିଛି। ଏକ ଡଲାର ଦାମ୍ ୮୩ ଟଙ୍କା ୫୭ ପଇସା ହୋଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ହସ୍ତକ୍ଷେପ କରିବା ପରେ ଟଙ୍କା ମୂଲ୍ୟରେ ସାମାନ୍ୟ ସୁଧାର ହୋଇଥିଲା। ବଜାର ବିଶେଷଜ୍ଞମାନଙ୍କ ମତରେ ଏସିଆର ଅନ୍ୟ ମୁଦ୍ରାଗୁଡ଼ିକ ଡଲାର ତୁଳନାରେ ଦୁର୍ବଳ ହେବାରୁ ତାହାର ପ୍ରଭାବରେ ଟଙ୍କା ଆହୁରି ଦୁର୍ବଳ ହୋଇଛି। ମାତ୍ର ରିଜର୍ଭ ବ୍ୟାଙ୍କ ହସ୍ତକ୍ଷେପ ପରେ ଭାରତୀୟ ମୁଦ୍ରା ସବଳ ହେବାରେ ଲାଗିଛି। ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୩ ଟଙ୍କା ୫୦ ପଇସା ଥିଲା। ଏବେ ସମସ୍ତଙ୍କ ନଜର ଆମେରିକାର ଫେଡେରାଲ୍ ରିଜର୍ଭର ସୁଧ ନିଷ୍ପତ୍ତି ଉପରେ ରହିଛି। ଏହା ସୁଧ ଅପରିବର୍ତ୍ତିତ ରଖିବାର ସମ୍ଭାବନା ରହିଛି। ତେବେ ଆଗାମୀ ଦିନରେ ଫେଡେରାଲ୍ ରିଜର୍ଭ କ'ଣ ପଦକ୍ଷେପ ନେବାକୁ ଯାଉଛି ସେ ବିଷୟରେ ଏହାର ମୁଖ୍ୟ ଜେରୋମି ପାୱେଲ୍ ଯାହା ଇଙ୍ଗିତ କରିବେ ତାହା ହିଁ ଡଲାରର ଆଗାମୀ ଯାତ୍ରା ପଥ ନିର୍ଦ୍ଧାରଣ କରିବ। ଏହା ବ୍ୟତୀତ ଆମେରିକାର ମୁଦ୍ରାସ୍ଫୀତି ତଥ୍ୟ ମଧ୍ୟ ପ୍ରକାଶ ପାଇବାକୁ ଯାଉଛି।

## ସମୁଦ୍ରକୁ ଗଲେ ୧୦,୮୦୦ କଇଁଛ ଛୁଆ



**ବ୍ରହ୍ମଗିରି, ନ୍ୟୁଜ ବ୍ୟୁରୋ**

ବ୍ରହ୍ମଗିରି ବନାଞ୍ଚଳ ପକ୍ଷରୁ କରାଯାଇଥିବା ଅସ୍ଥାୟୀ କଇଁଛ ଅଣ୍ଡା ହାଚେରିରୁ ଛୁଆ ଫୁଟିବା ପରେ ବନ ବିଭାଗ ସେମାନଙ୍କୁ ସମୁଦ୍ରରେ ଛାଡ଼ିଛି। କଇଁଛ ଛୁଆ ସମୁଦ୍ରକୁ ଯିବା ପରେ ଚଳିତ ବର୍ଷ ପାଇଁ ବନ ବିଭାଗ ହାଚେରି ବନ୍ଦ କରିଛି। ବନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ବ୍ରହ୍ମଗିରି ବନାଞ୍ଚଳ ଅଧୀନରେ ବାଲିହରଚଣ୍ଡୀ ଓ ଚାପମାଣିମକ ବିଟ୍ ଉପକୂଳରେ ଦୁଇଟି ହାଚେରି କରାଯାଇଥିଲା। ପୁରୀ ମଙ୍ଗଳା ନଈଠାରୁ ବାଲିହରଚଣ୍ଡୀ ମୁହାଣ ପର୍ଯ୍ୟନ୍ତ ସମୁଦ୍ର ଉପକୂଳରେ ବନ ବିଭାଗ ୨୪ ଘଣ୍ଟିଆ ପ୍ରହରା ଦେଉଥିଲା।

ଉପକୂଳରୁ ମୋଟ ୧୬ହଜାର ୮ଶହ କଇଁଛ ଅଣ୍ଡା ସଂଗ୍ରହ କରିଥିଲା। ଅଲିଭ୍ ରିଡ୍‌ଲେ କଇଁଛ ଅଣ୍ଡା ସଂଗ୍ରହ କରି ଅସ୍ଥାୟୀ ହାଚେରିରେ ଆଣି ରଖାଯାଇଥିଲା। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ୫ ହଜାର ଅଣ୍ଡା ସଂଗୃହୀତ ହୋଇଥିଲା। ସେଥିମଧ୍ୟରୁ ୧୦ହଜାର ୮ଶହ କଇଁଛ ଛୁଆ ଫୁଟି ସମୁଦ୍ରକୁ ଯାଇଛନ୍ତି। ବାକି ୬ ହଜାର ଅଣ୍ଡା ନଷ୍ଟ ହୋଇଥିବା ବନାଞ୍ଚଳ ଅଧିକାରୀ ଚନ୍ଦ୍ରଶେଖର ସାହୁ କହିଛନ୍ତି। ଚଳିତ ବର୍ଷ ପ୍ରବଳ ତାତି ଯୋଗୁ ଅଣ୍ଡା ନଷ୍ଟ ହେବାର ମୁଖ୍ୟ କାରଣ ବୋଲି ବନ ବିଭାଗ କହିଛି। ସମୁଦ୍ରକୁ କଇଁଛ ଛୁଆ ଛଡ଼ାଯିବା ପରେ ବନ ବିଭାଗ ହାଚେରି ସହିତ କଇଁଛ କ୍ୟାମ୍ପ ବନ୍ଦ କରିଛି। ତଥାପି ଉପକୂଳରେ ବନ କର୍ମଚାରୀ ସଜାଗ ଥିବା ବନାଞ୍ଚଳ ଅଧିକାରୀ କହିଛନ୍ତି।

## ଭାରତ ସବୁଠୁ ଦ୍ରୁତ ଗତିରେ ବଢୁଛି: ବିଶ୍ୱବ୍ୟାଙ୍କ

**ନୂଆଦିଲ୍ଲୀ,**

ବିଶ୍ୱର ସବୁଠୁ ଦ୍ରୁତ ଗତିରେ ବଢୁଥିବା ଅର୍ଥନୀତି ହେଉଛି ଭାରତ। ବିଶ୍ୱବ୍ୟାଙ୍କ ଏକଥାକୁ ସ୍ପଷ୍ଟ କରିଛି। ଆସନ୍ତା ତିନି ବର୍ଷରେ ଭାରତର ଅଭିବୃଦ୍ଧି ହାର ୬.୭ ପ୍ରତିଶତ ରହିବ ବୋଲି ଏହା ଆକଳନ କରିଛି। ଭାରତର ଅଭିବୃଦ୍ଧି ୨୦୨୩-୨୪ରେ ୮.୨ ପ୍ରତିଶତ ରହିବ ଯାହା ବିଶ୍ୱବ୍ୟାଙ୍କର ପୂର୍ବ ଆକଳନ ତୁଳନାରେ ୧.୯ ପ୍ରତିଶତ ଅଧିକ। ୨୦୨୫-୨୬ରେ ଏହାର ଅଭିବୃଦ୍ଧି ୬.୨ ପ୍ରତିଶତ ହେବ। ଏହି ଅଞ୍ଚଳରେ ଭାରତ ବ୍ୟତୀତ ବାଂଲାଦେଶ, ଶ୍ରୀଲଙ୍କା ଓ ପାକିସ୍ତାନ ଅର୍ଥନୀତି ମଧ୍ୟ ଦୃଢ଼ ହେବ ବୋଲି ବିଶ୍ୱବ୍ୟାଙ୍କ ଜଣାଇଛି। ଏହା ଭାରତ ସମ୍ପର୍କରେ କହିଛି ଯେ ନିବେଶରେ ମାନ୍ଦାବସ୍ଥା କାରଣରୁ ଭାରତର ଅଭିବୃଦ୍ଧି ସାମାନ୍ୟ କମିବ। ପୂର୍ବ ଆକଳନ ତୁଳନାରେ ନିବେଶ ଯଥେଷ୍ଟ ଉନ୍ନତ ରହିଛି। ଉଭୟ ସରକାରୀ ଓ ଘରୋଇ କ୍ଷେତ୍ରରେ ନିବେଶ ଉତ୍ସାହଜନକ ରହିବା ଆଶା କରାଯାଉଛି। ମୁଦ୍ରାସ୍ଫୀତିରେ ହ୍ରାସ ଓ କୃଷି ଉତ୍ପାଦନରେ ବୃଦ୍ଧି ଆଶା କରାଯାଉଥିବାରୁ ଘରୋଇ ନିବେଶ ବୃଦ୍ଧି ପାଇବ ବୋଲି ବିଶ୍ୱବ୍ୟାଙ୍କ କହିଛି।

## ଏସ୍‌ସିବିରେ ବିରଳ ଅସ୍ତ୍ରୋପଚାର

### ଛତିଶଗଡ଼ର ଯୁବକଙ୍କ ଛାତିରୁ କଢ଼ାଗଲା ୫ କେଜିର ଟ୍ୟୁମର



**କଟକ, ନ୍ୟୁଜ ବ୍ୟୁରୋ**

ଏସ୍‌ସିବି ପ୍ଲାଷ୍ଟିକ ସର୍ଜରୀ ବିଭାଗରେ ଏକ ବିରଳ ଅସ୍ତ୍ରୋପଚାର ସଫଳ ହୋଇଛି। ଅସ୍ତ୍ରୋପଚାର ଦ୍ୱାରା ଛତିଶଗଡର ଜଣେ ଯୁବକଙ୍କ ଛାତିରୁ ୫ କିଲୋ ଓଜନର ସ୍ପିଣ୍ଡିଲ୍ ସେଲ୍ ଟ୍ୟୁମର କଢ଼ାଯାଇଛି। କର୍କଟ ଚିହ୍ନଟ ପାଇଁ ଟ୍ୟୁମରର ନମୁନା ପାଥୋଲୋଜିକୁ ପରୀକ୍ଷା ପାଇଁ ପଠାଯାଇଛି ବୋଲି ପ୍ଲାଷ୍ଟିକ ସର୍ଜରୀ ବିଭାଗର ବରିଷ୍ଠ ପ୍ରଫେସର ଡାକ୍ତର ଅରୁଣ ଚୌଧୁରୀ କହିଛନ୍ତି । ଛତିଶଗଡ ବାଲବା ସିମଦେଶ ଅଞ୍ଚଳର ଅସିତ ଲାକ୍ରା(୨୫)ଙ୍କ ଛାତି, ଗଳା, କାନ୍ଧରେ ସ୍ପିଣ୍ଡିଲ୍ ସେଲ୍ ଟ୍ୟୁମର ମାଡି ଯାଇଥିଲା। ଏଥି ସହ ତାଙ୍କ ଶ୍ୱାସନଳୀ ଓ ଖାଦ୍ୟ ନଳୀ ମଧ୍ୟ ପ୍ରଭାବିତ ହୋଇଥିଲା। ରାଞ୍ଚିର ରାଜେନ୍ଦ୍ର ମେଡିକାଲ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସରେ ସେ ଚିକିତ୍ସିତ ହେଉଥିଲେ। ସେଠାକାର ଡାକ୍ତରଙ୍କ ପରାମର୍ଶକ୍ରମେ ଅସିତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନ (ଏଏଚ୍‌ପିଜିଆଇସି)କୁ ଆସିଥିଲେ। ଗତ ୨୭ ତାରିଖରେ ଅସିତଙ୍କୁ ଏସ୍‌ସିବି ପ୍ଲାଷ୍ଟିକ ସର୍ଜରି ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା। ଅସ୍ତ୍ରୋପଚାର ନିମନ୍ତେ ଏସ୍‌ସିବିରେ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ ହୋଇଥିଲା। ପ୍ରଫେସର ଡାକ୍ତର ଚୌଧୁରୀଙ୍କ ସମେତ ଡାକ୍ତର ବି. ମିଶ୍ର, ଡାକ୍ତର ଏସ୍ ରାଉତରାୟ, ଡାକ୍ତର ଡି.କେ ସାହୁ, ଷ୍ଟାଫ ନର୍ସ ଏସ୍ ଦାସ, ନିଶ୍ଚେତକ ଡାକ୍ତର ଶୁଭଶ୍ରୀ ମିଶ୍ର, ଡାକ୍ତର ପି ସାମଲ ଏହି ଟିମ୍‌ରେ ରହିଥିଲେ। ପ୍ରାୟ ୫ ଘଣ୍ଟା କାଳ ଅସ୍ତ୍ରୋପଚାର କରାଯିବା ପରେ ଅସିତଙ୍କ ଛାତିରୁ ୫ କେଜି ଓଜନର ଟ୍ୟୁମର କଢ଼ାଯାଇଥିଲା। ତାଙ୍କ ଉଭୟ ଜଂଘରୁ ମାଂସ ନେଇ ସ୍କିନ୍ ଗ୍ରାଫ୍ଟିଂ କରାଯାଇଥିଲା।

## ନୂଆ ସ୍ଥଳସେନା ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ



**ନୂଆଦିଲ୍ଲୀ,**

ଲେଫ୍ଟନାଣ୍ଟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ହେଲେ ନୂଆ ସ୍ଥଳସେନା ମୁଖ୍ୟ। ସ୍ଥଳସେନାର ଉପମୁଖ୍ୟ ଥିବା ଉପେନ୍ଦ୍ର ଦ୍ୱିବେଦୀଙ୍କୁ ସରକାର ନୂଆ ସ୍ଥଳସେନା ମୁଖ୍ୟ ଭାବେ ନିଯୁକ୍ତି ହୋଇଛନ୍ତି। ଲେଫ୍ଟନାଣ୍ଟ ଜେନେରାଲ ଦ୍ୱିବେଦୀ ବର୍ତ୍ତମାନ ସେନାର ଉପାଧ୍ୟକ୍ଷ ଅଛନ୍ତି। ଏବେ ସ୍ଥଳସେନା ମୁଖ୍ୟ ଭାବେ କାର୍ଯ୍ୟ କରୁଥିବା ଜେନରାଲ ମନୋଜ ପାଣ୍ଡେଙ୍କ କାର୍ଯ୍ୟକାଳ ଆସନ୍ତା ୩୦ ତାରିଖରେ ଶେଷ ହେବ। ସେହିଦିନ ଅର୍ଥାତ ଜୁନ୍ ୩୦ରେ ନୂଆ ସ୍ଥଳସେନା ମୁଖ୍ୟ ଦାୟିତ୍ୱ ନେବେ ଲେଫ୍ଟନାଣ୍ଟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ। ୧୯୮୪ରେ ଜାମ୍ମୁ ଓ କାଶ୍ମୀର ରାଇଫଲ୍ସ ଜରିଆରେ ସେ ସେନାରେ ପ୍ରବେଶ କରିଥିଲେ। ଦୀର୍ଘ ୪୦ ବର୍ଷ ଲମ୍ବା କ୍ୟାରିୟର ଭିତରେ ସେ ସେନାବାହିନିର ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦୀବରେ କାର୍ଯ୍ୟ କରିଛନ୍ତି। ସ୍ଥଳ ସେନା ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତ ଉଧମପୁରରେ ଅବସ୍ଥିତ ଉତ୍ତର କମାଣ୍ଡର ଜେନେରାଲ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଥିଲେ। ତାଙ୍କର ୪୦ ବର୍ଷର ଚାକିରି କାଳରେ ସେ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। କମାଣ୍ଡ ଅଫ୍ ରେଜିମେଣ୍ଟ (୧୮ ଜମ୍ମୁ-କଶ୍ମୀର ରାଇଫଲ୍ସ), ବ୍ରିଗେଡ୍ (୨୬ ସେକ୍ଟର ଆସାମ ରାଇଫଲ୍ସ), ଆସାମ ରାଇଫଲ୍ସ (ପୂର୍ବ) ଡିଆଇଜି ମଧ୍ୟ ଥିଲେ। ଲେଫ୍ଟନାଣ୍ଟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ସେନାରେ ସାହସିକ ଏବଂ ଉତ୍କୃଷ୍ଟ କାର୍ଯ୍ୟ ଲାଗି ପରମ ବିଶିଷ୍ଟ ସେବା ମେଡାଲ ଓ ଅତି ବିଶିଷ୍ଟ ସେବା ମେଡାଲ ପାଇଛନ୍ତି।

## ବେଆଇନ୍‌ରେ ଚାଲିଛି ଢାବା ଓ ଦୋକାନରେ ମଦ-ଗଞ୍ଜେଇ ବେପାର !

**ରାଉରକେଲା, ନ୍ୟୁଜ ବ୍ୟୁରୋ**

ସହରରେ ବିଭିନ୍ନ ଢ଼ାବା ଓ ଦୋକାନରେ ଚାଲିଛି ଚୋରା ମଦ ଓ ଗଞ୍ଜେଇ ବେପାର। ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡ, ପୁରୁଣା ଷ୍ଟେସନ ଓ ଟ୍ରାଫିକ୍ ମାର୍କେଟ ଆଦି ଅଞ୍ଚଳରେ ଏହି କାରବାର ଜୋରସୋରରେ ଚାଲିଛି। ସ୍ଥାନୀୟ ପୁଲିସ ଓ ଅବକାରୀ ଲୋକଦେଖାଣିଆ କାଁ ଭାଁ କିଛି ହୋଟେଲ ମାଲିକ ଓ ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ହେଲେ ବଡ ବଡ ଢାବା ଓ ଦୋକାନୀଙ୍କ ପାଖ ପଶୁନାହାନ୍ତି। ସେମାନଙ୍କ ସହ ଭିତିରି ସଲାସୁତୁରା କରି ବର୍ଷ ବର୍ଷ ଧରି ଏଭଳି ବେଆଇନ କାରବାର ପ୍ରୋତ୍ସାହନ ଦେଉଥିବା ସ୍ଥାନୀୟ ଅଞ୍ଚଳବାସୀ ଓ ବ୍ୟବସାୟୀ ଅଭିଯୋଗ କରିଛନ୍ତି। ପାନପୋଷ ସଞ୍ଜୟ ମାର୍କେଟ ପରିସରରେ ଥିବା କିଛି ଢ଼ାବା ଓ ପାନପୋଷ ଏନ୍‌ଏସି ଅସ୍ଥାୟୀ ମାର୍କେଟ ସକାଳୁ ଆରମ୍ଭ କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲୁଛି। ଖୋଲାଖୋଲି ଭାବେ ବେଆଇନ ମଦ ବିକ୍ରି ହେଉଥିଲେ ହେଁ, ଆଜି ପର୍ଯ୍ୟନ୍ତ ଥରୁଟିଏ ସ୍ଥାନୀୟ ପୁଲିସ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ରାଉରକେଲା ଡେଲିମାର୍କେଟ, ପାୱାରହାଉସ୍ ରୋଡ, ନୂଆ ବସ୍‌ଷ୍ଟାଣ୍ଡ, ଟ୍ରାଫିକ୍ ଗେଟ୍ ଆଦି ଅଞ୍ଚଳରେ ପ୍ରାୟ ଅଧିକାଂଶ ପ୍ରାୟ ଅଧିକାଂଶ ଢ଼ାବାରେ ଦିନ ରାତି ଚୋରା ମଦର ଆସର ଜମୁଛି। ଢ଼ାବା ନାଁରେ ମାଲିକମାନେ ଚୋରା ମଦ କାରବାର କରୁଛନ୍ତି। ନୂଆ ବସ୍‌ଷ୍ଟାଣ୍ଡରେ କିଛି ଚୋରାବେପାରୀ ବୁଲି ବୁଲି ଗଞ୍ଜେଇ ବେପାର କରୁଛନ୍ତି। ପ୍ଲାଣ୍ଟସାଇଟ୍ ରୋଡ, ମହତାବ ରୋଡରେ ଗଞ୍ଜେଇ ବେପାରୀ ଆଡ୍ଡାସ୍ଥଳୀ ପାଲଟିଛି। ବିଗତ ଦିନରେ ପ୍ଲାଣ୍ଟସାଇଟ୍ ପୁଲିସ ଅନେକଙ୍କୁ ଗିରଫ କରି ଜେଲ୍ ପଠାଇଛି। ତଥାପି କିଛି ବେପାରୀ ପୁଲିସକୁ ଖୋଲାଖୋଲି ଚାଲେଞ୍ଜ ଦେଇ ଗଞ୍ଜେଇ ବେପାର ଚଳାଇଛନ୍ତି। ଅଭିଯୋଗ ହେଲେ ଉଭୟ ପୁଲିସ ଓ ଅବକାରୀ ପୁଲିସ ଆଖିଦୃଶିଆ ଢ଼ାବା କର୍ମଚାରୀକୁ ଗିରଫ କରି ଜେଲ୍ ପଠାଇ ଦେଖି କାମ ସାରି ଦେଉଛନ୍ତି। ପରବର୍ତ୍ତୀ ସମୟରେ ସ୍ଥିତି ଯେମିତିକୁ ସେମିତି। ସେକ୍ଟର-୧୯ ମାର୍କେଟରେ ମଧ୍ୟ ସମାନ ସ୍ଥିତି। ଏଠି ମଧ୍ୟ ସ୍ଥାନୀୟ ପୁଲିସ ଚୁପ୍ ବସିଛି। ପ୍ଲାଣ୍ଟସାଇଟ୍ ଅଞ୍ଚଳରେ ଚୋରା ଗଞ୍ଜେଇ କାରବାର ରୋକିବାରେ ସ୍ଥାନୀୟ ପୁଲିସ ବିଫଳ ହୋଇଛି। ବସ୍ତିଗୁଡ଼ିକରେ ନକଲି ବିଦେଶୀ ମଦ ତିଆରି ହେଉଛି। ତା'ର ଟେର ପାଉନି ସ୍ଥାନୀୟ ପୁଲିସ ଓ ଅବକାରୀ ବିଭାଗ। ସହର ଓ ଏହାର ଆଖପାଖରେ ଏହି ବେଆଇନ କାରବାର ରୋକିବାକୁ ରାଉରକେଲା ଏସ୍‌ପି ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।




## ୧୦୮ ପ୍ୟାକେଟ୍ ଗଞ୍ଜେଇ ଜବତ, ୨ ଅଟକ

**ଭଦ୍ରକ, ନ୍ୟୁଜ ବ୍ୟୁରୋ**



ଭଦ୍ରକ ଜିଲ୍ଲାର ଭଣ୍ଡାରି ପୋଖରୀ ଅଞ୍ଚଳରେ ଗୁଇନ୍ଦା ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧୦୮ ଗଞ୍ଜେଇ ପ୍ୟାକେଟ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ୨ ଜଣଙ୍କୁ ଅଟକ ରଖି ଅବକାରୀ ପୋଲିସ ପକ୍ଷରୁ ପଚରାଉଚରା କରାଯାଉଛି। ସୂଚନାଅନୁଯାୟୀ ଭଦ୍ରକ ଜିଲ୍ଲାର ଭଣ୍ଡାରି ପୋଖରୀ ଅଞ୍ଚଳରେ ପିକଅପ ଭ୍ୟାନରେ ଗଞ୍ଜେଇ ଚୋରା ଚାଲାଣ କରାଯାଉଥିବା ସୂଚନା ମିଳିଥିଲା। ସୂଚନା ଆଧାରରେ କେନ୍ଦ୍ରୀୟ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ପିକଅପ ଭ୍ୟାନର ପିଛା କରାଯାଇ ଜାତୀୟ ରାଜପଥରେ ଅଟକା ଯାଇଥିଲା। ଭ୍ୟାନ ଭିତରେ ବେଆଇନ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଭ୍ୟାନ୍‌କୁ ଜବତ କରିବା ସହ ଏଥିରେ ଥିବା ୨ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି କେନ୍ଦ୍ରୀୟ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ପଚରାଉଚରା କରାଯାଉଛି । ଏହି ବେଆଇନ ଗଞ୍ଜେଇ କେଉଁଠାରୁ କେଉଁଠି କୁ ଯାଉଥିଲା ତାର ସୂଚନା ମିଳିପାରିନାହିଁ। କେନ୍ଦ୍ରୀୟ ଆବକାରୀ ଗୁଇନ୍ଦା ଅଧିକ ତଦନ୍ତ ଚଳାଇଛି।

## ପୁଣି କନ୍ଦାଇବ ପିଆଜ ଦର ! କମୁଛି ଆମଦାନୀ, ୪୦ ଛୁଇଁଲାଣି ଦର

**କଟକ, ନ୍ୟୁଜ୍ ବ୍ୟୁରୋ**

ନିର୍ବାଚନ ସରି ଫଳାଫଳ ଘୋଷଣା ପରେ ନୂଆ ସରକାର ମଧ୍ୟ ଗଠନ ହୋଇସାରିଲାଣି । ହେଲେ ଏହାରି ଭିତରେ ପିଆଜ ଦର ବୃଦ୍ଧି ଏବେ ଖାଉଟିଙ୍କ ନିଦ ହଜାଇବା ଆରମ୍ଭ କରିଛି । କିଛି ଦିନ ଧରି ଦର ନିୟନ୍ତ୍ରଣରେ ଥିଲା ବେଳେ ପୁଣି ଏହି ଦର ବଢିବାରେ ଲାଗିଛି । ମାତ୍ର ଏକ ସପ୍ତାହ ଭିତରେ ପିଆଜ ଦର କିଲୋ ପ୍ରତି ୧୦ଟଙ୍କା ବୃଦ୍ଧି ପାଇଲାଣି । ଖୁଚୁରା ବଜାରରେ ବଡ ପିଆଜ ଦର କିଲୋ ପ୍ରତି ୩୫ରୁ ୪୦ଟଙ୍କା ଛୁଇଁଛି। ଗୋଟିଏ ପଟରେ ଆଳୁ ଦର ସହ ପିଆଜ ଦର କିନ୍ତୁ ଆକାଶଛୁଆଁ ହେବାରେ ଲାଗିଛି।

କଟକର ପ୍ରମୁଖ ପରିବା ମଣ୍ଡି ଛତ୍ରବଜାରକୁ ପିଆଜ ଆମଦାନୀ କମିଥିବାର କୁହାଯାଉଛି । ଏପରିକି ଏହି ପରିବା ବଜାରକୁ ପିଆଜ ଗାଡି ମଧ୍ୟ ସବୁ ଦିନ ଅଧିକ ପରିମାଣରେ ଆସିପାରୁନାହିଁ। ଛତ୍ରବଜାରରେ ଗତ କିଛି ଦିନ ତଳେ ପିଆଜ କିଲୋ ପ୍ରତି ୨୦-୩୦ଟଙ୍କାରେ ବିକ୍ରି ହେଉଥିଲା। ତାହା ଏବେ ୩୦ରୁ ୪୦ଟଙ୍କା ହୋଇଛି। ବ୍ୟବସାୟୀଙ୍କ କହିବାନୁଯାୟୀ ମହାରାଷ୍ଟ୍ରର ନାସିକର ନୂଆ ଅମଳ ବାଧାପ୍ରାପ୍ତ ହୋଇଛି । ସେଠାରେ ଦର ଉଚ୍ଚ ରହିଥିବାରୁ ଏଠାରେ ମଧ୍ୟ ପିଆଜ ଦର ଅଧିକ ରହିଥିବାର କହୁଛନ୍ତି । କଟକ ଛତ୍ରବଜାରକୁ ଦୈନିକ ୭ଟ୍ରକ ପିଆଜ ଆମଦାନୀ ହେଉଥିଲା ବେଳେ ଅଧିକ ଦରରେ କିଣିବାକୁ ପଡୁଛି ସେହିପରି ଆଗକୁ ପୁନେ ଅଞ୍ଚଳର ପିଆଜ ଆସିଲେ ଦର କମିବ ବୋଲି କୁହାଯାଉଛି । ଏବେ କେବଳ ନାସିକରୁ ପିଆଜ ଆସୁଛି । ପଡୋଶୀ ଆନ୍ଧ୍ରପ୍ରଦେଶ ଓ ବେଙ୍ଗାଲୁରୁ ଆଦି ଅଞ୍ଚଳରୁ ପିଆଜ ଆମଦାନୀ ଏବେ ବନ୍ଦ ରହିଛି । ଅଧିକାଂଶ ପଡୋଶୀ ରାଜ୍ୟରେ ପିଆଜ ଚାଷ ଏଥର କ୍ଷତିଗ୍ରସ୍ତ ହୋଇଥିବାରୁ ସେମାନେ ବି ନାସିକ ଉପରେ ନିର୍ଭର କରୁଛନ୍ତି। ଅନୁଗୁଳ, ଟିଟିଲାଗଡ ଆଦି ଅଞ୍ଚଳର ପିଆଜ ଅମଳ ଏଥର କମିଥିବାରୁ ଏହା ଚାହିଦା ପୂରଣ କରିପାରୁନଥିବା ବ୍ୟବସାୟୀ ମତ ଦିଅନ୍ତି ।



ଅନ୍ୟପଟେ ମହାରାଷ୍ଟ୍ରର ନାସିକରେ ଥିବା ଏସିଆର ସର୍ବବୃହତ ପିଆଜମଣ୍ଡି ଲାସଲଗାଓଁରେ ପିଆଜର ହାରାହାରି ପାଇକାରୀ ମୂଲ୍ୟ ଯଥେଷ୍ଟ ବୃଦ୍ଧି ପାଇଛି । ଏଠାରେ ହାରାହାରି ପାଇକାରୀ ଦର କିଲୋ ପିଛା ୨୬ ଟଙ୍କା ଥିବା ବେଳେ ଗତ ମାସ ୨୫ ତାରିଖରେ ଏହା କିଲୋ ପିଛା ୧୭ ଟଙ୍କା ଥିଲା। ତେବେ ମହାରାଷ୍ଟ୍ରର ଅନେକ ହୋଲସେଲ ବଜାରରେ ଉତ୍ତମ ମାନର ପିଆଜ ଦର କିଲୋ ପିଛା ୩୦ ଟଙ୍କା ଅତିକ୍ରମ କରିଛି । ମହାରାଷ୍ଟ୍ରରେ ପିଆଜ ୩୦ ଟଙ୍କା ହେବା ଅର୍ଥ ଅନ୍ୟଦେଶ ସ୍ଥାନରେ ଦର ୫୦ ଉପରକୁ ଉଠିବା ସୁନିଶ୍ଚିତ ।

## ଚାଉଳ-ଡାଲି-ତେଲ ପରେ ବଢ଼ିଲା ପରିବା ଦର, ଖାଉଟି କଲବଲ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଖାଦ୍ୟ ସାମଗ୍ରୀର ଦର ହୁହୁ ହୋଇ ବଢ଼ିଚାଲିଛି। ଚାଉଳ, ଡାଲି, ତେଲ ପରେ ପନିପରିବା ଦର ମଧ୍ୟ ବଢ଼ିଛି। ମହଙ୍ଗା ମାଡ଼ରେ ଖାଉଟି କଲବଲ ହେଉଛନ୍ତି। ସାଧାରଣ ନିର୍ବାଚନ-୨୦୨୪ ଶେଷ ହେବାର ୮ ଦିନ ପରେ ବିଭିନ୍ନ ପନିପରିବା ଦର ବଢ଼ି ଆକାଶଛୁଆଁ ହୋଇଛି। ଆଳୁ ପିଆଜଠାରୁ ଆରମ୍ଭ କରି ବିଭିନ୍ନ ପରିବା ଦାମ ୧୫ରୁ ୨୦ ଟଙ୍କା ବଢ଼ିଛି। କଟକ ଛତ୍ରବଜାରରେ ଝୁଡଙ୍ଗ କିଲୋ ୧୦୦ ଟଙ୍କା ଥିବା ବେଳେ ପୋଟଳ କିଲୋ ୮୦ ଟଙ୍କା ରହିଛି । ଭୁବନେଶ୍ୱରରେ କଲରା କିଲୋ ୧୨୦ଟଙ୍କା ପହଞ୍ଚିଛି । ସେହିପରି କାକୁଡି କିଲୋ ମଧ୍ୟ ୬୦ରୁ ୭୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଜହ୍ନି ୬୦ ଟଙ୍କା ରହିଛି। ଏହା ସହ ଟମାଟୋ ଦାମ ୪୦ରୁ ୫୦ ଟଙ୍କା ଥିବା ବେଳେ ବାଇଗଣ କିଲୋ ପ୍ରତି ୩୦ରୁ ୪୦ ଟଙ୍କାରେ ବିକ୍ରି ହେଉଛି। ପନିପରିବାର ଏପରି ଅହେତୁକ ଦର ବୃଦ୍ଧି ଗ୍ରାହକଙ୍କୁ ବାଧୁଥିବା ବେଳେ ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିବା କହିଛନ୍ତି ବ୍ୟବସାୟୀ।

ପରିବା ଦର ବୃଦ୍ଧିର କାରଣ ନେଇ ଛତ୍ରବଜାର ବ୍ୟବସାୟୀ ସଂଘ ସମ୍ପାଦକ କହିଛନ୍ତି ପ୍ରବଳ ଗରମ ଗୁଳୁଗୁଳି ଏବଂ ଅସ୍ୱାଭାବିକ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଉତ୍ପାଦନ କମୁଛି। ଫଳରେ ଛତ୍ରବଜାରକୁ ଲୋକାଲ ପରିବା ବହୁତ କମ ଆସୁଛି, ଯାହା ପର୍ଯ୍ୟାପ୍ତ ହେଉନାହିଁ ।





# ଆଗକୁ ମହଙ୍ଗା ମାଡ଼ର ଆଶଙ୍କା

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**



ଦୈନିକ ବଢୁଛି ଅତ୍ୟାବଶ୍ୟକ ସାମଗ୍ରୀ ଦର । ଉଚ୍ଚ ଦରଦାମ୍ ତାତିରେ ଖାଉଟି ହତାଶ । ଦରଦାମ୍ ନିୟନ୍ତ୍ରଣକୁ ଆସୁନାହିଁ । ଇତିମଧ୍ୟରେ ଦରଦାମ୍ ତାତି ଖରା ତାତିକୁ ବଳେଇଗଲାଣି । ମହଙ୍ଗା ମାଡ଼ରେ ଖାଉଟି କଳବଳ ହେଉଥିବା ବେଳେ ବର୍ତ୍ତମାନ ଆସିଥିବା ଆଉ ଏକ ଖବର ଏବେ ଖାଉଟିଙ୍କୁ ବଡ଼ ଝଟ୍‌କା ଦେବା ଭଳି ହୋଇଛି, ଯାହା ପରୋକ୍ଷରେ ଆଗକୁ ଏହି ମହଙ୍ଗା ବଜାର ଭୟଙ୍କର ରୂପ ନେବ ବୋଲି ଏବେଠାରୁ ଚେତାଇଦେଲାଣି । ମେ' ମାସରେ ପାଇକାରୀ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି । ଏହା ଗତ ୧୫ ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ପ୍ରକାଶିତ ତଥ୍ୟ ରିପୋର୍ଟ ଅନୁଯାୟୀ ପାଇକାରୀ ମୁଦ୍ରାସ୍ଫୀତି ମେ' ମାସରେ ୨.୬୧ ପ୍ରତିଶତକୁ ବୃଦ୍ଧି ପାଇଛି । ଫେବୃୟାରୀ ୨୦୨୩ରେ ପାଇକାରୀ ମୁଦ୍ରାସ୍ଫୀତି ହାର ୩.୮୫ ପ୍ରତିଶତ ରହିଥିଲା । ସେହିପରି ଏପ୍ରିଲ୍ ମାସରେ ମୁଦ୍ରାସ୍ଫୀତି ୧.୨୬ ପ୍ରତିଶତ ରହିଥିଲା, ଯାହା ୧୩ ମାସର ସର୍ବୋଚ୍ଚ ସ୍ତର ରେକର୍ଡ କରିଥିଲା । ଏହାର ଏକ ମାସ ପୂର୍ବରୁ ମାର୍ଚ୍ଚରେ ପାଇକାରୀ ମୁଦ୍ରାସ୍ଫୀତି ୦.୫୩ ପ୍ରତିଶତ ରହିଥିଲା । ତେବେ ଫେବୃୟାରୀରେ ଏହା ୦.୨୦ ପ୍ରତିଶତ ଥିଲା । ଅନ୍ୟପକ୍ଷରେ ନିକଟରେ ପ୍ରକାଶିତ ଖୁଚୁରା ମୁଦ୍ରାସ୍ଫୀତି ହ୍ରାସ ପାଇଥିଲା । ଏପ୍ରିଲ ତୁଳନାରେ ଖାଦ୍ୟ ମୁଦ୍ରାସ୍ଫୀତି ୫.୫୨ରୁ ୭.୪୦ ପ୍ରତିଶତକୁ ବୃଦ୍ଧି ପାଇଛି । ନିତ୍ୟ ବ୍ୟବହାର୍ଯ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ମୁଦ୍ରାସ୍ଫୀତି ହାର ୫.୦୧ରୁ ୭.୨୦ ପ୍ରତିଶତକୁ ବୃଦ୍ଧି ପାଇଛି । ଇନ୍ଧନ ଏବଂ ଶକ୍ତିର ପାଇକାରୀ ମୁଦ୍ରାସ୍ଫୀତି ହାର ୧.୩୮ରୁ ୧.୩୫ ପ୍ରତିଶତକୁ ହ୍ରାସ ପାଇଛି । ବିର୍ନିମାଣ ଉତ୍ପାଦଗୁଡ଼ିକର ପାଇକାରୀ ମୁଦ୍ରାସ୍ଫୀତି ୦.୪୨ରୁ ୦.୭୮ ପ୍ରତିଶତକୁ ବୃଦ୍ଧି ପାଇଛି । ଏହା ପୂର୍ବରୁ ଜୁନ୍ ୧୨ରେ ମେ' ପାଇଁ ଖୁଚୁରା ମୁଦ୍ରାସ୍ଫୀତି ଆକଳନ କରାଯାଇଥିଲା । ଏହି ଅନୁଯାୟୀ, ମେ ମାସରେ ଖୁଚୁରା ମୁଦ୍ରାସ୍ଫୀତି ୪.୭୪ ପ୍ରତିଶତ ରହିଥିଲା । ଗତ ୧୨ ମାସରେ ଏହା ସର୍ବନିମ୍ନ ଥିଲା । ମାସକ ପୂର୍ବରୁ ଅର୍ଥାତ୍ ଏପ୍ରିଲରେ ଖୁଚୁରା ମୁଦ୍ରାସ୍ଫୀତି ୪.୮୩ ପ୍ରତିଶତକୁ ଖସି ଆସିଥିଲା । ପାଇକାରୀ ମୁଦ୍ରାସ୍ଫୀତି ଦୀର୍ଘଦିନ ଧରି ଉଚ୍ଚ ସ୍ତରରେ ରହିଲେ ବଜାରରେ ଅଧିକାଂଶ ଉତ୍ପାଦର ମୂଲ୍ୟରେ ଏହା ନକାରାତ୍ମକ ପ୍ରଭାବ ପକାଇଥାଏ । ଆହୁରି ମଧ୍ୟ ଯଦି ପାଇକାରୀ ମୂଲ୍ୟ ଅଧିକ ସମୟ ପର୍ଯ୍ୟନ୍ତ ଉଚ୍ଚାସ୍ତରରେ ରହିଥାଏ ତେବେ ସାମଗ୍ରୀ ଉତ୍ପାଦନକାରୀମାନେ ଏହାର ବୋଝ ଗ୍ରାହକଙ୍କ ଉପରେ ଲଦି ଦେଇଥାନ୍ତି । ବର୍ତ୍ତମାନ ଖୁଚୁରା ବଜାରରେ ଡାଲି, ଚାଉଳ ଠାରୁ ଆରମ୍ଭ କରି ଅଟା, ସୁଜି, ମଇଦା, ତେଲ ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଦର ଦୀର୍ଘ ଦିନ ହେବ ରେକର୍ଡ ସ୍ତରରେ ରହିଛି । ସେହିପରି ପନିପରିବାର ଉଚ୍ଚ ଦର ଏବେ ଖାଉଟିଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି ।

# ୧୨୩ କୋଟି ଠକେଇ:ଜେଲ୍‌ଗଲା ନିର୍ଦ୍ଦେଶକ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଟଙ୍କାକୁ ଦୁଇଗୁଣା କରିଦେବାର ସ୍ୱପ୍ନ ଦେଖାଇ ୧୨୩ କୋଟି ଠକିଥିବା ହରିତ କୃଷି ନିଧି ସଂସ୍ଥାର ନିର୍ଦ୍ଦେଶକ ତୁଷାର ଭଞ୍ଜୋକୁ ୩ ଦିନିଆ ରିମାଣ୍ଡ ଶେଷ ହେବା ପରେ ଜେଲ୍ ଯବାକୁ ପଡ଼ିଛି । ଶୁକ୍ରବାର ରିମାଣ୍ଡ ଶେଷ ହେବା ପରେ ତଦନ୍ତ ଅଧିକାରୀ କୋର୍ଟରେ ହାଜର କରିବା ପରେ ଜେଲ୍ ପଠାଇ ଦେଇଛନ୍ତି । ତାଙ୍କୁ ୩ ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରୁଥିଲା ଇଓଡବ୍ଲ୍ୟୁ । ଏହି ପଚରାଉଚରା ସମୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ତଦନ୍ତ ଅଧିକାରୀଙ୍କ ହାତରେ ଲାଗିଛି । ଠକେଇ ଟଙ୍କାରେ ସେ ବିଭିନ୍ନ ରାଜ୍ୟରେ ସମ୍ପତ୍ତିର କାୟା ବିସ୍ତାର କରିଛି । ଠକେଇ ଟଙ୍କାରେ ସେ ଦୁବାଇରେ ମଧ୍ୟ ସମ୍ପତ୍ତି କରିଛି । କିନ୍ତୁ ଦେଶ ଭିତରେ ସେ ଅର୍ଜନ କରିଥିବା ସମ୍ପତ୍ତିକୁ ଜବତ କରିବ ଇଓଡବ୍ଲ୍ୟୁ । ଖୁବ୍‌ଶୀଘ୍ର ଏନେଇ ପ୍ରକ୍ରିୟା ଆରମ୍ଭ କରାଯାଇଛି । ତୁଷାର ଦଶମ ଫେଲ୍ ହୋଇଥିଲେ ମଧ୍ୟ ବିଚକ୍ଷଣ ବୃଦ୍ଧି ପାଇଁ ୧୨୩ କୋଟି ଟଙ୍କା ଠକି ନେଇଛନ୍ତି । ଦଶମ ଫେଲ୍ ହେବା ପରେ ମଜୁରି ଲାଗିବା ସହ ବିଭିନ୍ନ ରାଜ୍ୟ ଯାଇ ଦିନ ମଜୁରିଆ ଭାବେ କାମ କରୁଥିଲା । କିନ୍ତୁ ପଶ୍ଚିମବଙ୍ଗରେ ଚିଟ୍‌ଫଣ୍ଡ ସଂସ୍ଥା ଲୋକଙ୍କୁ ଟଙ୍କା ଦୁଇଗୁଣା କରିଦେବାକୁ କହି ଠକୁଥିଲା । ଏହି ଚିଟ୍‌ଫଣ୍ଡ ସଂସ୍ଥାର ଶିକାର ମଧ୍ୟ ତୁଷାରଙ୍କ ପରିବାର । ତେଣୁ ସେ ମଧ୍ୟ ଏଭଳି ଢଙ୍ଗରେ ଲୋକଙ୍କୁ ଚୂନ ଲଗାଇବାକୁ ନିଷ୍ପତ୍ତି ନେଇଥିଲା । ସେବେଠୁ ସେ ତାର ଯୋଜନା ଆରମ୍ଭ କରିଦେଇଥିଲା । ସେ ପ୍ରଥମେ ପଶ୍ଚିମବଙ୍ଗରେ କିଛି ଲୋକଙ୍କୁ ତାର ରାକେଟ୍‌ରେ ସାମିଲ୍ କରିଥିଲା । ପରେ ଏଥିରେ ଅଧିକାଂଶ ଲୋକ ଯୋଡ଼ି ହେବା ପରେ ସେ ଅନ୍ୟ ରାଜ୍ୟରୁ ଏଭଳି ଠକେଇ କରିବା ପାଇଁ ସ୍ଥିର କରିଥିଲେ । ଏହାପରେ ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ଭୁବନେଶ୍ୱର ଓ ରାଉରକେଲାରେ ତାଙ୍କର ଅଫିସ କରି ଲୋକଙ୍କୁ ଠକୁଥିଲା । ଧୀରେ ଧୀରେ ତୁଷାର ସଂସ୍ଥାରେ ହଜାର ହଜାର ଲୋକ ଯୋଡ଼ି ହୋଇଥିଲା । ଏହାପରେ ସେ ଛତିଶଗଡ଼ ଆସାମ, ତ୍ରିପୁରା, ମହାରାଷ୍ଟ୍ରରେ ଅଫିସ୍ କରି ଲୋକଙ୍କୁ ଠକିଛନ୍ତି । ଏହି ଠିକା ସଂସ୍ଥାର ମାଷ୍ଟରମାଇଣ୍ଡ ଥିଲେ ତୁଷାର । ତାର ନିର୍ଦ୍ଦେଶ ଅନୁସାରେ ଲୋକଙ୍କୁ ଠକାଯାଉଥିଲା । ମୁଖ୍ୟତଃ ଜନଗହଳି ସ୍ଥାନକୁ ସେ ଟାର୍ଗେଟ୍ କରୁଥିଲା । ମଲ୍, ପାର୍କ, ମେଳା ଆଦି ସ୍ଥାନରେ ତାର ସଂସ୍ଥାର ପ୍ରଚାର କରୁଥିଲା । ସେଠାରେ ମଧ୍ୟ ତୁଷାର ନିଜେ ଉପସ୍ଥିତ ରହି ଲୋକଙ୍କୁ ବୁଝାଇ ଟଙ୍କା ଲଗାଇବାକୁ ପ୍ରବର୍ତ୍ତାଉଥିଲା । ଅଧିକ ସୁଧର ଲୋଭ ଦେଖାଇ ତୁଷାର ନିଜ କମ୍ପାନୀ ହରିତ କୃଷିନିଧି ଏବଂ ଟ୍ରାନ୍‌ସଭିଜନ ଡ୍ରିମ୍ ମଲ୍‌ଟି ଟ୍ରେଡ୍‌ରେ ଟଙ୍କା ଲଗାଇବାକୁ କହିଥିଲା । ଗ୍ରାହକ ଯୋଗାଡ଼ କରିବା ପାଇଁ ଅଧିକ କମିଶନ ଦେବାକୁ ମଧ୍ୟ କହିଥିଲା । ଯେଉଁ ଏଜେଣ୍ଟ ୪ ଲକ୍ଷରୁ ଅଧିକ ଟଙ୍କା ବିନିଯୋଗ କରିବ ତାକୁ ଦରମା ଦେବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି ।



## ଡକ୍ଟର ଆନନ୍ଦ ପ୍ରଧାନ ଆଇଆଇଏମ୍‌ସି ଢେଙ୍କାନାଳର ନୂତନ ଆଞ୍ଚଳିକ ନିର୍ଦ୍ଦେଶକ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ଜନସଞ୍ଚାର ସଂସ୍ଥାନ ବା ଆଇଆଇଏମ୍‌ସି ଢେଙ୍କାନାଳର ନୂତନ ଆଞ୍ଚଳିକ ନିର୍ଦ୍ଦେଶକ ଭାବେ ଡକ୍ଟର ଆନନ୍ଦ ପ୍ରଧାନ ନିଯୁକ୍ତି ପାଇଛନ୍ତି । ଆସନ୍ତା ୨୧ ତାରିଖ ପୂର୍ବରୁ ସେ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ରହିଛି । ସମ୍ପ୍ରତି ଆଞ୍ଚଳିକ ନିର୍ଦ୍ଦେଶକ ଥିବା ପ୍ରଫେସର ମୃଣାଳ ଚାଟାର୍ଜୀଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିବେ । ଜୁଲାଇ ୧ ତାରିଖରୁ ପ୍ରଫେସର ଚାଟାର୍ଜୀ ଛୁଟିରେ ରହୁଥିବା ମଧ୍ୟ ଚିଠିରେ ଉଲ୍ଲେଖ ରହିଛି । ସୂଚନା ଅନୁଯାୟୀ ସମ୍ପ୍ରତି ଡକ୍ଟର ପ୍ରଧାନ ଆଇଆଇଏମ୍‌ସି ଦିଲ୍ଲୀରେ ମିଡ଼ିଆ ଆଣ୍ଡ କମ୍ୟୁନିକେସନ୍ ଗଭର୍ନାନ୍ସ ବିଭାଗର ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ ଅଛନ୍ତି । ଏହାସହ ୨୦୨୫-୨୬ ଶିକ୍ଷାବର୍ଷରୁ ଆରମ୍ଭ ହେବାକୁ ଥିବା ମିଡ଼ିଆ ଆଣ୍ଡ କମ୍ୟୁନିକେସନ୍ ଗଭରନାନ୍ସ ବିଭାଗର ଏମ୍‌ଏ ପାଠ୍ୟକ୍ରମକୁ ବିକଶିତ କରିବା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଆସନ୍ତା ସପ୍ତାହ ପ୍ରାରମ୍ଭରେ ସେ ଆଇଆଇଏମ୍‌ସି ଢେଙ୍କାନାଳରେ ଯୋଗଦେବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ।

## ||||||||||| ଡାକ ସେବକ ନିଯୁକ୍ତିରେ ଜାଲିଆତି |||||||||||

# ସିବିଆଇର ଯାଞ୍ଚ ବେଳେ ୟୁପି ବୋର୍ଡର ନକଲି ମାଟ୍ରିକ୍ ସାର୍ଟିଫିକେଟ୍ ଠାବ

**ବିଷମ କଟକ, ନ୍ୟୁଜ୍ ବ୍ୟୁରୋ**




ଓଡ଼ିଶାରେ ବଡ଼ ଧରଣର ସିବିଆଇର ଚଢ଼ଉ । ରାଜ୍ୟରେ ମୋଟ ୬୭ ସ୍ଥାନରେ ଜାଲ୍ ସାର୍ଟିଫିକେଟର ଖୋଳତାଡ଼ ଆରମ୍ଭ କରିଛି ଡାକ ସେବକ । ନିଯୁକ୍ତି ସମୟରେ ଅନିୟମିତତା ନେଇ ହୋଇଥିଲା ଅଭିଯୋଗ । ଏହି ନିଯୁକ୍ତି ପାଇଁ ୬୩ ଜଣ ଆଶାୟୀଙ୍କ ବିରୋଧରେ ହୋଇଥିଲା ମାମଲା ରୁଜୁ । ୬୩ ଜଣ ଜାଲ୍ ସାର୍ଟିଫିକେଟ ମଧ୍ୟରେ ରାୟାଗଡା ଜିଲ୍ଲା ବିଷମ କଟକ ବ୍ଲକର ଘଣ୍ଟି ଖାଲର ଜଣେ ଯୁବକ ଏଥିରେ ସାମିଲ ଥିଲେ । ଯାହାକୁ ନେଇ ଏଠାରେ ମଧ୍ୟ ପାଞ୍ଚ ଜଣିଆ ସିବିଆଇ ରେଡ କରିଥିବା ଜଣାପଡିଛି । ସୂଚନା ଅନୁଯାଇ ଗ୍ରାମୀଣ ଡାକ ସେବକ ପଦବୀ ନିଯୁକ୍ତି ନିମନ୍ତେ ସାର୍ଟିଫିକେଟ ଯାଞ୍ଚ ବେଳେ ଧାରା ପଡିଥିଲା ୟୁପି ବୋର୍ଡ଼' ର ଗୋଟିଏ ମାଟ୍ରିକ୍ ନକଲି ସାର୍ଟିଫିକେଟ । ଆଉ ଧରା ପଡିଥିଲେ ପଦବୀ ସକାଶେ ମେରିଟ ଲିଷ୍ଟରେ ଥିବା ଯୋଗ୍ୟ ପ୍ରାର୍ଥୀ । ରବି ହିଆଲ ନାମକ ଜଣେ ଯୁବକ ଜାଲ୍ ସାର୍ଟିଫିକେଟ୍ ଦେଇଥିବା ବ୍ୟକ୍ତିଙ୍କ ଘର ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ଘଣ୍ଟିଖାଳ ଗ୍ରାମରେ । ଏଭଳି ଜାଲ୍ ସାର୍ଟିଫିକେଟ୍ ଧରା ପଡିବା ପରେ ଏ ନେଇ ରାୟଗଡା ଡାକ ଉପ ଅଧିକ୍ଷକ ସି.ଏଚ. ଜବାହର ରାଓ ରାୟଗଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ରାୟଗଡା ଡାକ ମଣ୍ଡଳରେ ୬୮ଟି ଗ୍ରାମୀଣ ଡାକ ସେବକ ପଦବୀ ପୂରଣ ନିମନ୍ତେ ୨୦୨୩ ରେ ଅନ୍‌ଲାଇନ୍ ମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏଥିରେ ୩୪ଜଣ ପ୍ରାର୍ଥୀ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ବିଭାଗ ତରଫରୁ ସରକାରଙ୍କ ଅନ୍‌ଲାଇନ୍ ପୋର୍ଟାଲ ଡିଜି ଲୋକରରେ ଆବେଦନକାରୀଙ୍କ ସମସ୍ତ ସାର୍ଟିଫିକେଟ ଯାଞ୍ଚ କରାଯାଇ ନିଯୁକ୍ତି ପ୍ରଦାନ କରାଯାଇଥିଲା । ପ୍ରଥମେ ୨୬ ଜଣଙ୍କ ସାର୍ଟିଫିକେଟ ଭେରିଫିକେସନ୍ ହୋଇସାରିଥିବା ବେଳେ ବଳକା ୮ ଜଣଙ୍କ ମଧ୍ୟରୁ ରବି ହିଆଲ ନିଜ ସାର୍ଟିଫିକେଟ୍ ଧରି ରାୟଗଡା ଡାକ ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ପହଞ୍ଚିଥିଲେ । ସେଠାରେ ତାଙ୍କର ସମସ୍ତ ପ୍ରମାଣପତ୍ର ଯାଞ୍ଚ ବେଳେ ରବି ଦେଇଥିବା ୨୦୧୧ ମସିହାର ୟୁପି ବୋର୍ଡ଼ ମାଟ୍ରିକ୍ ସାର୍ଟିଫିକେଟ୍‌ରେ ସନ୍ଦେହ ଉପୁଜିବାରୁ ସାର୍ଟିଫିକେଟ୍ ଯାଞ୍ଚ କରୁଥିବା ଡାକ ଉପ ଅଧିକ୍ଷକ ଡିଜି ଲକର ଓ ୟୁପି ବୋର୍ଡ଼ରେ ଖୋଳତାଡ଼ କରିବା ପରେ ତାହା ନକଲି ବୋଲି ଜଣାପଡିଥିଲା । ତେବେ ରବି ଏହି ନକଲି ସାର୍ଟିଫିକେଟ୍ କେମିତି ପାଇଲେ ବୋଲି କିଛି କହୁନଥିବା ବେଳେ ନକଲି ସାର୍ଟିଫିକେଟ୍ ପ୍ରଦାନ କରିଥିବା ଅଭିଯୋଗରେ ତାଙ୍କ ବିରୁଦ୍ଧରେ ରାୟଗଡା ପୋଲିସ ଥାନାରେ ଅଭିଯୋଗ କରାଯାଇଥିଲା । ବିଷମ କଟକ ବ୍ଲକରେ ସିବିଆଇ ଟିମ୍ ପହଞ୍ଚି ଏହାର ଖୋଳତାଡ ଆରମ୍ଭ କରିଛି । ଏହି ଟିମ୍ ଘଣ୍ଟିଖାଲର ରବି ହିଆଲଙ୍କ ଘରେ ପହଞ୍ଚି ତାଙ୍କୁ ଜେରା କରିଥିବା ଜଣାପଡିଛି । ଜେରା ସମୟରେ ସେ କେଉଁଠାରୁ ଏହି ନକଲି ଜାଲ୍ ସାର୍ଟିଫିକେଟ୍ ପାଇଁ ଥିଲେ ଓ ଏହା କେଉଁମାନେ ଯୋଗେଇ ଦେଇଛନ୍ତି ତାହାର ଖୋଳତାଡ କରି ସିବିଆଇ ଟିମ୍ ଫେରିଥିବା ସୂଚନା ମିଳିଛି ।



## ରାସ୍ତା ମରାମତି ଦାବିରେ ଠିକା ସଂସ୍ଥାର ଗାଡ଼ି ଅଟକାଇଲେ ଲୋକେ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ନୂଆପଡା ଗ୍ରାମ ନିକଟରେ ରେଳ ଠିକା ସଂସ୍ଥାର ମନମାନି କାର୍ଯ୍ୟ ବିରୋଧରେ ସ୍ଥାନୀୟ ଲୋକେ ଠିକା ସଂସ୍ଥାର ଯାନବାହାନ ଗୁଡିକୁ ରାସ୍ତାରେ ଅଟକ ରଖି ପ୍ରତିବାଦ କରିଥିଲେ । ଜାତୀୟ ରାଜପଥ ନଂ ୫୭ର ନୂଆପଡା ଠାରୁ ପୁରୁଣା ଜଗନ୍ନାଥ ସଡକର ହାଟଗାଁକୁ ସଂଯୋଗ କରୁଥିବା ରାସ୍ତାରେ ଭାରୀଯାନ ଗୁଡିକ ଚ଼ଳାଚ଼ଳ କରିବା ଯୋଗୁଁ ରାସ୍ତା ଖରାପ ହୋଇଥିବା ଅଭିଯୋଗ କରିଛନ୍ତି । ରାସ୍ତା ମରାମତି ପାଇଁ ପ୍ରାୟ ଏକ ବର୍ଷ ହେବ ଗ୍ରାମବାସୀ ଦାବି କରି ଆସୁଥିଲେ ମଧ୍ୟ ଠିକା ସଂସ୍ଥା ପ୍ରତିଶ୍ରୁତି ଦେଇ ପ୍ରତାରଣା କରି ଆସୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଠିକା ସଂସ୍ଥାର ଅଧିକାରୀମାନେ ଯାନବାହାନ ଅଟକ ଖବରପାଇ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚ଼ନା କରିଥିଲେ । ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚ଼ନା କରି ରାସ୍ତା ମରାମତି ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଯାନବାହାନ ଚ଼ଳାଚ଼ଳ ସ୍ୱାଭାବିକ ହୋଇଥିଲା ।

## ଅଟୋ-ବାଇକ୍ ଧକ୍କା:ଝିଆରୀ ମୃତ, ଦାଦା ଗୁରୁତର

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ନେଉଳପୁର ନିକଟରେ ଏକ ଦୁର୍ଘଟଣାରେ ଜଣେ ବାଳିକାର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି । ସୂଚନାଅନୁଯାୟୀ ରଜ ପାଇଁ ସକାଳ ସମୟରେ ବାଲେଶ୍ୱର ଜିଲ୍ଲା କନ୍ତାପଡା ଅଞ୍ଚଳର ଗିରିଧାରୀ ମଲ୍ଲିକ ଓ ତାଙ୍କ ଝିଆରୀ ଗୌରୀକୁ ବାଇକ୍‌ରେ ବସାଇ ଭୁବନେଶ୍ୱରରୁ ଗାଁକୁ ଫେରୁଥିବା ବେଳେ ଏକ ଅଟୋ ସହ ବାଇକ୍‌ର ଧକ୍କା ଲାଗିଥିଲା । ଉଭୟ ଗୁରୁତରଙ୍କୁ ସଙ୍ଗେ ସଙ୍ଗେ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ଝିଆରୀର ମୃତ୍ୟୁ ଘୋଷଣା କରିଥିଲେ ପରେ ଦାଦାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଧର୍ମଶାଳା ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରୀ କରିଛି ।

## ମିଶନ୍ ରୋଡ଼ରେ ବୋମା ମାଡ଼:କ୍ୟାଣ୍ଟନ୍‌ମେଣ୍ଟ ଥାନା ପୋଲିସର ଛାନ୍‌ଭିନ୍

**କଟକ, ନ୍ୟୁଜ୍ ବ୍ୟୁରୋ**



କ୍ୟାଣ୍ଟନେମଣ୍ଟ ଥାନା ଅନ୍ତର୍ଗତ ମିଶନ ରୋଡ଼ରେ ଥିବା ଏକ ଚର୍ଚ୍ଚରେ ରାତି ପ୍ରାୟ ୯ଟା ୧୫ ମିନିଟ୍ ସମୟରେ ବୋମା ମାଡ଼ ହୋଇଛି । କେହି ଦୁର୍ବୃତ୍ତ ରାସ୍ତା କଡ଼ରୁ ଚର୍ଚ୍ଚ ପରିସରକୁ ବୋମା ପକାଇଛି । ବୋମା ମାଡ଼ର କାରଣ ଅସ୍ପଷ୍ଟ ରହିଥିବା ବେଳେ ଚର୍ଚ୍ଚ ଭିତରକୁ କିଏ ଓ କାହିଁକି ବୋମା ପକାଇଛି, ତାହାକୁ ପୁଲିସ ତଦନ୍ତ କରୁଛି । ଘଟଣାସ୍ଥଳରେ କ୍ୟାଣ୍ଟନ୍‌ମେଣ୍ଟ ଥାନା ପୁଲିସ ପହଞ୍ଚି ଫାଟିଥିବା ବୋମାର ଅଂଶ ଏବଂ କିଛି କାଗଜ ଟୁକୁଡ଼ା ଜବତ କରିଛି । ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ୍ ଜବତ କରାଯାଇ ପୁଲିସ ତଦନ୍ତ ଜାରି ରଖିଛି । ବୋମା ପଡ଼ିବା ସମୟରେ ଏକ ପ୍ରଚଣ୍ଡ ଶବ୍ଦ ହୋଇଥିଲା । ଏହି ଶବ୍ଦରେ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇ ପଡ଼ିଥିଲେ । ଘଟଣା ସମ୍ପର୍କରେ କ୍ୟାଣ୍ଟନ୍‌ମେଣ୍ଟ ପୁଲିସକୁ ପଚାରିବାରୁ ଜଣାପଡ଼ିଛି ଯେ ବିସ୍ଫୋରଣ ଘଟିଥିବା ବୋମାଟି ମାରାତ୍ମକ ତଥା ଭୟଙ୍କର ବୋମା ନୁହେଁ, ଏହା ଏକ ବଡ଼ କ୍ରାକର୍ । ଅନ୍ୟପଟେ ମେୟର ସୁବାସ ସିଂ ବୋମାମାଡ଼ ଘଟଣାକୁ ନିନ୍ଦା କରିବା ସହିତ ୨୪ ଘଣ୍ଟା ଭିତରେ ଦୁର୍ବୃତ୍ତଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି ।

## |||||||||||||||| ବଡ଼ ଘାଗରା ଡ୍ୟାମ୍ ଉପରେ ନିର୍ଭରଶୀଳ ||||||||||||||||

# କେନ୍ଦୁଝର ସହରର ଅଧିକାଂଶ ଲୋକ ପାଣି ପାଇଁ ଡହଳ ବିକଳ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**



ଯାହା ଆଶଙ୍କା କରାଯାଉଥିଲା, ଶେଷରେ ତାହା ହିଁ ହେଲା । ବଡ଼ଘାଗରା ଡ୍ୟାମ୍ ପୂରାପୂରି ଶୁଖିଯିବାରୁ ଏବେ କେନ୍ଦୁଝର ସହରକୁ ଜଳଯୋଗାଣ ବନ୍ଦ ହୋଇଯାଇଛି । ଫଳରେ ଅଧା ସହରରେ ଏବେ ପାଣି ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି । ପାଖାପାଖି ୪ ହଜାର ପରିବାରର ୨୦ ହଜାର ଲୋକ ପାଣି ପାଇଁ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି । ବିକଳ୍ପ ସ୍ୱରୂପ ୱାଟ୍‌କୋ ଟ୍ୟାଙ୍କର ମାଧ୍ୟମରେ ଜଳ ଯୋଗାଣ କଟାଯାଉଥିଲେ ହେଁ ଲୋକଙ୍କ ପାଇଁ ଏହା ଯଥେଷ୍ଟ ହୋଇପାରୁନି । ସାନ ମାଛ କାନ୍ଦଣା ନଦୀରେ ଥିବା ବଡ଼ଘାଗରା ଡ୍ୟାମ୍ରୁ କେନ୍ଦୁଝର ସହରର ୧ରୁ ୧୦ନଂ ୱାର୍ଡକୁ ଜଳ ଯୋଗାଇ ଦିଆଯାଇଥାଏ । କିନ୍ତୁ କେନ୍ଦୁଝରରେ ବହୁ ଦିନ ହେଲା ଭଲ ବର୍ଷା ନହେବାରୁ ବଡ଼ ଘାଗରା ଡ୍ୟାମ୍‌ରେ ଏବେ ଆଦୌ ପାଣି ନାହିଁ । ଡ୍ୟାମ୍ ସମ୍ପୂର୍ଣ୍ଣ ଶୁଖିଯାଇଛି । ଫଳରେ ଶୁକ୍ରବାର ଠାରୁ ସହରକୁ ଡ୍ୟାମ୍‌ରୁ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ଏହି ଡ୍ୟାମ୍‌ରୁ ସହରର ପ୍ରାୟ ୨୦ ହଜାର ଲୋକ ପାଣି ପାଇଥାନ୍ତି । କିଛି ଦିନ ପୂର୍ବରୁ ଡ୍ୟାମ୍‌ରୁ ପାଣି ଶୁଖିବା ଆରମ୍ଭ କରିବାରୁ ମଟର ସାହାଯ୍ୟରେ କାଦୁଅମିଶା ପାଣି ଉଠାଇ ସହରକୁ ଯୋଗାଇ ଦିଆଯାଉଥିଲା । କିନ୍ତୁ ଶୁକ୍ରବାର ଠାରୁ ତାହା ବି ସମ୍ଭବ ହୋଇପାରୁନି । ଡ୍ୟାମ୍ ସମ୍ପୂର୍ଣ୍ଣ ଶୁଖିଯିବାରୁ ଡ୍ୟାମ୍‌ରୁ ଟୋପାଏ ବି ପାଣି ସହରକୁ ମିଳିପାରୁନି । ଫଳରେ ଜଳକଷ୍ଟରେ ଥିବା ପ୍ରାୟ ୨୦ ହଜାର ଲୋକଙ୍କୁ ଜଳଯୋଗାଣ ଦାୟିତ୍ୱରେ ଥିବା ୱାଟ୍‌କୋ ଟ୍ୟାଙ୍କର ମାଧ୍ୟମରେ ଜଳଯୋଗାଣ କରୁଛି । କିନ୍ତୁ ଏହା ଯଥେଷ୍ଟ ହୋଇପାରୁନି । ଏହି ଡ୍ୟାମ୍‌ର ସମ୍ପୂର୍ଣ୍ଣ ଜଳଧାରଣ କ୍ଷମତା ୧୯୬୨ ଆର୍‌ଏଲ୍ (ରେଡ଼ିୟସ୍ ଲେଭଲ୍) । ଡ୍ୟାମ୍‌ରେ ବର୍ତ୍ତମାନ ଅନ୍ୟୁନ ୧୯୨୬ ଆର୍‌ଏଲ୍ ଜଳ ରହିବା କଥା । କିନ୍ତୁ ଗତ ୩ ମାସ ହେବ, ଜିଲ୍ଲାର ବିଭିନ୍ନ ସ୍ଥାନରେ ଯେତିକି ପରିମାଣରେ ବର୍ଷା ହେବା କଥା ତାହା ହୋଇନାହିଁ । ନିଅଣ୍ଟିଆ ବର୍ଷା କାରଣରୁ ଯେଉଁ ପାଣି ଟିକେ ବଡ଼ଘାଗରା ଡ୍ୟାମ୍‌ରେ ଥିଲା, ତାହାବି ଶୁଖିଗଲା । କେନ୍ଦୁଝର ସହରରୁ ମୁଖ୍ୟତଃ ବଡ଼ଘାଗରା ଓ କାନ୍‌ଝରୀ ଡ୍ୟାମ୍‌ରୁ ଜଳଯୋଗାଣ ହୋଇଥାଏ । ବଡ଼ଘାଗରା ଜଳଭଣ୍ଡାରରୁ କେନ୍ଦୁଝର ସହରକୁ ପ୍ରତିଦିନ ୫୫ ଲକ୍ଷ ଲିଟର ଜଳ ଯୋଗାଇ ଦିଆଯାଇଥାଏ । ସେ ଅଞ୍ଚଳରେ ଆବଶ୍ୟକତା ୫୫ ଲକ୍ଷ ଲିଟର ଜଳ ବଦଳରେ ଏବେ ଟ୍ୟାଙ୍କର୍ ମାଧ୍ୟମରେ କମ୍ ଯୋଗାଣ ହେଉଛି । ତେବେ ସହରର ଅନ୍ୟ ଅଂଶରେ କାନ୍‌ଝରୀ ଡ୍ୟାମ୍‌ରୁ ଜଳଯୋଗାଣ ହେଉଛି । କିନ୍ତୁ ଜଳକଷ୍ଟରେ ଥିବା ୧ରୁ ୧୦ ନଂ ୱାର୍ଡକୁ କାନ୍‌ଝରୀ ଡ୍ୟାମ୍‌ରୁ ଜଳଯୋଗାଣ ପାଇଁ କୌଣସି ସଂଯୋଗ ବ୍ୟବସ୍ଥା ନଥିବାରୁ ଏହି ଅଞ୍ଚଳକୁ କାନ୍‌ଝରୀକୁ ପାଣି ଯୋଗାଇବା ସମ୍ଭବ ହୋଇପାରୁନି । ଫଳରେ କେନ୍ଦୁଝର ସହରରେ ଅଧା ଭାଗ ଏବେ ଜଳକଷ୍ଟରେ ଥିବାବେଳେ ଅନ୍ୟ ଅଧାରେ ଜଳଯୋଗାଣ ସ୍ୱାଭାବିକ ରହିଛି । ଆଉ କିଛି ଦିନ ପରେ ମୌସୁମୀ ବର୍ଷା ପରେ ହିଁ ବଡ଼ଘାଗରାରେ ପାଣି ବଢ଼ିବ ଏବଂ ସହରକୁ ଜଳଯୋଗାଣ ସ୍ୱାଭାବିକ ହେବ ବୋଲି ୱାଟ୍‌କୋ ପକ୍ଷରୁ କୁହାଯାଇଛି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ୱତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୬।୬।୨୦୨୪, ଆଷାଢ଼ ଦି୨ନ, ରବିବାର**

**ସୂର୍ଯ୍ୟୋଦୟ- ଘ୦୫।୦୮।୦୩** **ଚନ୍ଦ୍ରୋଦୟ- ଦିଘ ୧।୨୬।୦୮**

ଦଶମୀ- ଦିଘ ୪।୪୩ ପର୍ଯ୍ୟନ୍ତ । ହସ୍ତା ନକ୍ଷତ୍ର- ଦିଘ ୧।୧।୧୨ ପର୍ଯ୍ୟନ୍ତ । କନ୍ୟା ଚନ୍ଦ୍ର- ରାଘ ୧୨।୩୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । ରାଘ ୧୨।୩୪ ଗତେ ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ରାଘ ୧୨।୩୪ ମଧ୍ୟେ ବୃଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧା ଖାଦ୍ୟ-** କଳମ ଶାଗ ଦିଘ ୪।୪୩ ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୫୭ ଗତେ ଘ ୯।୩୫ ମଧ୍ୟେ । ଦିଘ ୧।୨୭ ଗତେ ଘ ୨।୫୨ ମଧ୍ୟେ । **ପର୍ବୋତ୍ସବ-** ତୃତୀୟ ରଜ, ଭୂଦାହ, ଗଙ୍ଗା ଦଶହରା, ବିଶ୍ୱ ପିତୃ ଦିବସ ।



**ମେଷ:** କର୍ମକ୍ଷେତ୍ରରେ ଆଶା ଅନୁସାରେ ଫଳ ଲାଭ କରିବେ । ଆୟ ଓ ବ୍ୟୟ ସମାନ ରହିବ । ଶରୀର ସୁସ୍ଥ ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ମହିଳାମାନେ ସୁଖୀ ହେବେ ।



**ବୃଷ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ବ୍ୟବସାୟ କ୍ଷତିରେ ଚାଲିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ କଳହ ଓ ଅଶାନ୍ତି ଦେଖାଦେବାର ସୂଚନା ।



**ମିଥୁନ:** ଆର୍ଥିକ ସ୍ଥିତି ଭଲ ରହିବ । ସାମାଜିକ ସ୍ତରରେ ପ୍ରଶଂସିତ ହେବେ । ବ୍ୟୟର ମାତ୍ରା ଅଧିକ ହେବ । ଘରେ ଆନନ୍ଦ ଦେଖାଦେବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବାର ସମ୍ଭାବନା ।



**କର୍କଟ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ରୋଜଗାର ଭଲ ହେବ । ପାରିବାରିକ ଜୀବନ ସୁଖମୟ ହେବ । ପରୋପକାରୀ ହେବାର ସୂଚନା ।



**ସିଂହ:** ପିଲାଙ୍କ ନିମନ୍ତେ ଚିନ୍ତିତ ହେବେ । ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ । ବନ୍ଧୁଙ୍କ ସହ ମତାନ୍ତର ଦେଖାଦେଇପାରେ । ବ୍ୟୟର ପରିମାଣ ବଢ଼ିବ । ଘରେ ଦ୍ୱନ୍ଦ୍ୱ ଦେଖାଦେବାର ସୂଚନା ।



**କନ୍ୟା:** ଆଜି ଆପଣଙ୍କ ଦିନଟି ଆନନ୍ଦମୟ ହେବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆୟର ପରିମାଣ ବଢ଼ିବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ପିଲାମାନେ ପଢ଼ା ପଢ଼ିରେ ଆଗେଇବାର ସୂଚନା ।



**ତୁଳା:** ଆର୍ଥିକ ସ୍ଥିତି ଭଲ ରହିବ । ଶତ୍ରୁଙ୍କ ପ୍ରତି ସତର୍କତା ଅବଲମ୍ବନୀୟ । ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଶ୍ରେୟସ୍କର । ପାରିବାରିକ ଜୀବନ ସୁଖମୟ ହେବ । ମହିଳାମାନେ ସୁଖୀ ହେବେ ।



**ବିଛା:** ବ୍ୟୟର ପରିମାଣ ଅଧିକ ହେବ । ଦୀର୍ଘ ଦିନରୁ ଅଟକି ରହିଥିବା କାର୍ଯ୍ୟ ସିଦ୍ଧି ହେବ । ଦେବ ଦର୍ଶନ ସହ ଭ୍ରମଣ ଯୋଗ ମଧ୍ୟ ରହିଛି । ଆୟ ଓ ବ୍ୟୟ ସମାନ ରହିବ । ଗୃହରେ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ଧନୁ:** ଆର୍ଥିକ ସ୍ଥିତି ପୂର୍ବ ପରି ରହିବ । ସମସ୍ତ କାର୍ଯ୍ୟ ସିଦ୍ଧି ହେବ । ତରତର ଭାବରେ କୌଣସି ପଦକ୍ଷେପ ନେବା ଉଚିତ୍ ନୁହେଁ । ପାରିବାରିକ ଜୀବନ ସୁଖମୟ ହେବ । ଦେହ ଭଲ ରହିବ ।



**ମକର:** ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ମାନସିକ ଶାନ୍ତି ଅବ୍ୟାହତ ରହିବ । ସରକାରୀ ସ୍ତରରୁ ଲାଭବାନ୍ ହୋଇପାରନ୍ତି । ମହିଳାମାନେ ସୁଖୀ ହେବେ ।



**କୁମ୍ଭ:** କର୍ମକ୍ଷେତ୍ରରେ ଆତ୍ମ ସନ୍ତୋଷ ଲାଭ କରିବେ । ଦେହ ଭଲ ରହିବ । ବନ୍ଧୁ ଦର୍ଶନ ସହ ସହଯୋଗ ମଧ୍ୟ ଲାଭ କରିବେ । ମହିଳାମାନେ ସୁଖୀ ହେବେ । କଚେରୀ ମାମଲାରେ ଶୁଣାଣି ବିଳମ୍ବ ହେଇପାରେ ।



**ମୀନ:** ଧର୍ମ କାର୍ଯ୍ୟରେ ଲିପ୍ତ ରହିବେ । ବ୍ୟବସାୟରେ ସଫଳତା ଦେଖାଦେବ । ମନରେ ପ୍ରସନ୍ନତା ରହିବ । ପିଲାମାନେ ସୁଖୀ ହେବେ । ସାଂସାରିକ ଜୀବନ ସୁଖମୟ ହେବ । ଆୟ ଭଲ ହେବ । ମହିଳାମାନେ ସୁଖୀ ହେବେ ।

## ମୋବାଇଲ୍ ଲୁଟେରା ଗିରଫ

**ବାଲିଅନ୍ତା, ନ୍ୟୁଜ୍ ବ୍ୟୁରୋ**

ମୋବାଇଲ୍ ଲୁଟ୍ ମାମଲାରେ ବାଲିଅନ୍ତା ଥାନା ଅଧୀନ ପୁରୀ ମୁଖ୍ୟ କେନାଲ ଟଙ୍କପାଣି ବ୍ରିଜ୍ ନିକଟରେ ରହୁଥିବା ଅମାନତ ଖାନ (୪୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବାଲିଅନ୍ତା ଥାନା ପୋଲିସ । ପ୍ରଶାନ୍ତ କୁମାର ଜେନା ଏନେଇ ଥାନାରେ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ପ୍ରଶାନ୍ତ ପେସାରେ ଜଣେ ବାଦାମ ବିକାଳି ଓ ସେ ବାଲକାଟି ବଜାର ଦୁର୍ଗାମଣ୍ଡପ ନିକଟରେ ଦୀର୍ଘ ୪ ବର୍ଷ ହେବ ବ୍ୟବସାୟ କରି ଆସୁଛନ୍ତି । ଗତ ଜୁନ ୧୨ ତାରିଖରେ ବାଲକାଟି ବଜାରସ୍ଥିତ ଏକ ଲସି ଦୋକାନରେ ଶୋଇଥିବା ବେଳେ ଅମାନତ ସୁଯୋଗ ଦେଖି ତାଙ୍କର ମୋବାଇଲ୍ ଫୋନ୍ ଚୋରି କରି ନେଇଥିଲା । ପ୍ରଶାନ୍ତ ଏନେଇ ବାଲକାଟି ଫାଣ୍ଡିରେ ଅଭିଯୋଗ କରିଥିଲେ । ପ୍ରଶାନ୍ତଙ୍କ ଅଭିଯୋଗ ଆଧାରରେ ମାମଲାର ତଦନ୍ତ କରୁଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଅମାନତକୁ ଗିରଫ କରିଥିଲେ ପୋଲିସ । ଅମାନତ ନିକଟରୁ ଚୋରି ମୋବାଇଲ ଫୋନ୍ ଜବତ ମଧ୍ୟ କରାଯାଇଛି ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ୱତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୭।୬।୨୦୨୪, ଆଷାଢ଼ ଦି୩ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୦୫।୦୮।୧୨** **ଚନ୍ଦ୍ରୋଦୟ- ଦିଘ ୨।୧୫।୦୯**

ଏକାଦଶୀ- ଅହୋରାତ୍ର । ଚିତ୍ରା ନକ୍ଷତ୍ର- ଦିଘ ୧।୫୦ ପର୍ଯ୍ୟନ୍ତ । ତୁଳା ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧ ନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧା ଖାଦ୍ୟ-** ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୩ ଗତେ ଦିଘ ୧୦।୨୮ ମଧ୍ୟେ । ରାଘ ୯।୧୭ ଗତେ ଘ ୧୦।୨୬ ମଧ୍ୟେ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଅଷ୍ଟ୍ରେଲିଆରେ ଦୁଇ ବର୍ଷ ନିମ୍ନ ସ୍ତରକୁ ଖସିଆସିଲା ସେୟାର ମୂଲ୍ୟ

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କେବଳ ସାଧାରଣ ଲୋକଙ୍କ ଜୀବନକୁ ପ୍ରଭାବିତ କରୁନାହିଁ, କର୍ପୋରେଟ ଜଗତ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହେଉଛି। ଷ୍ଟକ ବଜାରରେ ଯେଉଁ କମ୍ପାନିଗୁଡ଼ିକର ସେୟାର କାରବାର ହେଉଛି। ସେମାନେ ଗ୍ରୀଷ୍ମ ପ୍ରବାହ, ବାତ୍ୟା ଭଳି ଘଟଣାରେ ପ୍ରଭାବିତ ହେଉଛନ୍ତି। ଚଳିତ ବର୍ଷ ଜଳବାୟୁରେ ଏଲ୍-ନିନୋ ପ୍ରଭାବ ରହିବ ବୋଲି ଆଶଙ୍କା କରାଯାଉଥିବା ଖବର ବିଭିନ୍ନ କଂପାନିର ସେୟାର ଉପରେ ଚାପ ସୃଷ୍ଟି କଲାଣି। ବିଶେଷ କରି କୃଷି ଓ ଗ୍ରାମାଞ୍ଚଳ କ୍ଷେତ୍ରରେ କାରବାର କରୁଥିବା କମ୍ପାନିଗୁଡ଼ିକର ସେୟାର ମୂଲ୍ୟ ଚାପରେ ରହିଛି।

ଗ୍ରୀଷ୍ମ ପ୍ରବାହ, ବାତ୍ୟା ଭଳି ଘଟଣା ପାଇଁ ଭାରତ ସମେତ ଏସିଆର ବିଭିନ୍ନ ଦେଶରେ କଂପାନିର ସେୟାର ମୂଲ୍ୟ ହ୍ରାସ ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ଅଷ୍ଟ୍ରେଲିଆରେ ଏକ କଂପାନିର ଖଣି ବନ୍ଦ ରହିବାରୁ ତାହାର ସେୟାର ମୂଲ୍ୟ ଦୁଇ ବର୍ଷ ନିମ୍ନ ସ୍ତରକୁ ଖସିଆସିଛି। ସେଠାରେ ପ୍ରବଳ ବର୍ଷା ଓ ବନ୍ୟା ହେବାରୁ ଖଣି କାର୍ଯ୍ୟ ବନ୍ଦ କରିବାକୁ କଂପାନି ବାଧ୍ୟ ହୋଇଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କିଛି କଂପାନିର ସେୟାରକୁ ବଢ଼ାଇବାରେ ମଧ୍ୟ ସହାୟକ ହୋଇଛି।

ଭାରତରେ ଦୁଟ ଉତ୍ପାଦନ ହ୍ରାସ ପାଇଥିବାରୁ ଦୁଟଜାତ ଉତ୍ପାଦ କାରବାର କରୁଥିବା କଂପାନିଗୁଡ଼ିକର ସେୟାର ମୂଲ୍ୟ ବଢୁଛି। ଏଲ୍-ନିନୋ ପ୍ରଭାବ ରହିଲେ ଭାରତରେ ଟ୍ରାକଫର ଓ ଦୁଇଚକିଆ ଯାନ ବିକ୍ରି ପ୍ରଭାବିତ ହେବାର ଆଶଙ୍କା ରହିଛି।

ଏସିଆର ଜଳବାୟୁରେ ହଠାତ୍ ଏଭଳି କିଛି ପରିବର୍ତ୍ତନ ଘଟୁଛି। ଯାହାକୁ ପୂର୍ବରୁ ଆକଳନ କରାଯାଇପାରୁନାହିଁ। ଅନେକ କମ୍ପାନି ଏହା ଦ୍ୱାରା ପ୍ରଭାବିତ ହେଉଛନ୍ତି। ସେମାନେ ଗୋଟିଏ ଯୋଜନା ରଖି କାମ କରୁଥିବା ବେଳେ ପାଣିପାଗ ପରିବର୍ତ୍ତନ ଓ ସେ ସମ୍ପର୍କିତ ବିଭିନ୍ନ ଘଟଣା ଯୋଗୁଁ ସମ୍ପୂର୍ଣ୍ଣ ଯୋଜନା ବିଫଳ ହେଉଛି। ତେଣୁ ବ୍ୟବସାୟ ରଣନୀତି ପ୍ରସ୍ତୁତ କରିବା ବେଳେ ଅତ୍ୟଧିକ ଜଳବାୟୁ ପରିବର୍ତ୍ତନ ସ୍ଥିତି ବିଚାରକୁ ନେବା ଲାଗି ବିଶେଷଜ୍ଞମାନେ କଂପାନିଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ବିଭିନ୍ନ କମ୍ପାନିର ସେୟାର ନିବେଶ କରୁଥିବା ନିବେଶକମାନେ ମଧ୍ୟ ନିଜ ରଣନୀତି ବଦଳାଇବା ଦରକାର ବୋଲି ବିଶେଷଜ୍ଞମାନେ କହୁଛନ୍ତି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**
**ଓଁ ନାମ ମହାତ୍ମ୍ୟ**

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସର୍ବ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସର୍ବଦା ତେଜିବୁ (୧୭୨)



ଶ୍ରୀ ଅଭିରାମ ସରସ୍ୱତୀ

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

(କ୍ରମଶଃ)

# ସ୍ମୃତିର ଆଇନାରେ ଫକୀର ମୋହନ

ଶ୍ରୀ ନିରଞ୍ଜନ ଚନ୍ଦ୍ର ପଣ୍ଡା
୨୫ ନୂଆପଲ୍ଲୀ ଷ୍ଟ୍ରୀଟ
ଭୁବନେଶ୍ୱର - ୧୨

ଓଡ଼ିଆ ସାହିତ୍ୟ ଜଗତକୁ ଶୀର୍ଷ ସୋପାନରେ ଅଧିଷ୍ଠିତ କରାଇ ବିଂଶ ଶତାବ୍ଦୀର ପ୍ରାରମ୍ଭରେ, ସମଗ୍ର ବିଶ୍ୱ ସାହିତ୍ୟ ଜଗତକୁ ଯିଏ ଋଦ୍ଧିମନ୍ତ କରିଥିଲେ, ଯାହାଙ୍କ ଗଳ୍ପ ଉପନ୍ୟାସ କଥା କହେ ମାଟିର ମଣିଷମାନଙ୍କର, ଯାହାଙ୍କ ଦୂରଦୃଷ୍ଟି ପ୍ରଜ୍ୱଳିତ କରେ ମହାଚେତନାର, ସେ ହେଉଛନ୍ତି ମହିମାମୟ ମନୀଷୀ କଥା ସମ୍ରାଟ ଫକୀର ମୋହନ ସେନାପତି, ଓଡ଼ିଆ ଭାଷା ଓ ଜାତିର ବାସ୍ତବ ସେନାପତି। ୧୮୪୩ ମସିହା ପବିତ୍ର ମକର ସଂକ୍ରାନ୍ତି ଅବସରରେ ବାଲେଶ୍ୱର ସହର ମଧ୍ୟସ୍ଥ ମଲ୍ଲିକାଶପୁରରେ ମାତା ତୁଳସୀ ଦେବୀ ଓ ପିତା ଲକ୍ଷ୍ମୀ ଚରଣ ସେନାପତିଙ୍କ ଔରସରୁ ଭୂମିଷ୍ଠ ହୋଇଥବା ବ୍ରଜମୋହନ ସେନାପତି ହିଁ ପରବର୍ତ୍ତୀ କାଳରେ ସଂକ୍ରାନ୍ତି ପୁରୁଷ ଫକୀର ମୋହନ ସେନାପତି ଭାବେ ଅଭିହିତ ହୋଇଥିଲେ। କାରଣ ଜନ୍ମ ତାଙ୍କର ମକର ସଂକ୍ରାନ୍ତି ଓ ଦେହାବସାନ ରଜସଂକ୍ରାନ୍ତି ୧୯୧୮ ମସିହା ଜୁନ ୧୪ ତାରିଖରେ।

ଏହି ସଂକ୍ରାନ୍ତି ପୁରୁଷଙ୍କ ପୂର୍ଣ୍ଣ ଅବୟବ ମଲ୍ଲୀକାସପୁରସ୍ଥ ଶାନ୍ତିକାନନରେ ଯେଭଳି ଶୋଭାବର୍ଦ୍ଧନ କରିବା ସହ ଯୁବପିଢିକୁ ରାଜକାର୍ଯ୍ୟ ସହ ଲେଖନୀ ଚାଳନାର ଆଦର୍ଶରେ ଅନୁପ୍ରାଣିତ କରୁଛି, ଓଡିଶାର ସର୍ବପ୍ରଥମ ଓ ସର୍ବବୃହତ ବିଶ୍ୱବିଦ୍ୟାଳୟ ପ୍ରବେଶ ଦ୍ୱାରରେ ସେଇଭଳି ଏକ ପୂର୍ଣ୍ଣ ଅବୟବ ଓଡ଼ିଶାର ଭାବୀ ବୁଦ୍ଧିଜୀବୀ ଓ ସାହିତ୍ୟିକ ତଥା ଭବିଷ୍ୟତ ସମାଜର କର୍ଣ୍ଣଧାରମାନଙ୍କ ପାଇଁ ପ୍ରେରଣାର ଉତ୍ସ ବନିଯାଇଛି।

ରାଜ୍ୟସ୍ତରୀୟ ବ୍ୟାସକବି ଫକୀରମୋହନ ସ୍ମୃତି ସଂସଦ ସହଯୋଗରେ କେବଳ ଯେ ବାଣୀବିହାର ଫାଟକ ସମ୍ମୁଖରେ ବ୍ୟାସକବିଙ୍କ ପୂର୍ଣ୍ଣ ଅବୟବ ସ୍ଥାପିତ ହୋଇଛି ତାହା ନୁହେଁ, ଅପରପାର୍ଶ୍ୱରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପୂର୍ଣ୍ଣ ଅବୟବ ସ୍ଥାପନା କରାଯାଇଛି। ରାଜ୍ୟ ସରକାର ଓ ଭୁବନେଶ୍ୱର ମାହାନଗର ନିଗମର ସହଯୋଗ କ୍ରମେ ଗତ ୨୦୧୦ ଜୁନ୍ ୧୫ ତାରିଖ ଦିନ ସିଆରପି ଛକ ଠାରୁ ଶିରିଡି ସାଇବାବାଙ୍କ ମନ୍ଦିର ପାର୍ଶ୍ୱ ଦେଇ ଜୟଦେବ ବିହାର ଛକରେ ମିଶିଥିବା ରାସ୍ତାକୁ ବ୍ୟାସକବି ଫକୀର ମୋହନ ମାର୍ଗ ନାମରେ ନାମିତ କରାଯାଇଛି। ଉକ୍ତ ରାସ୍ତା ପାର୍ଶ୍ୱବର୍ତ୍ତୀ ଭିଆଇପି-୮୮୦ ନମ୍ବର ପ୍ଲଟଟି ସରକାରଙ୍କ ଠାରୁ ପ୍ରାପ୍ତି ପରେ ସେଠାରେ ଫକୀରମୋହନ ଭବନ ନିର୍ମାଣ କରାଯାଇଛି।

ପ୍ରତିବର୍ଷ ମକର ସଂକ୍ରାନ୍ତି ଓ ରଜ ସଂକ୍ରାନ୍ତି ଅବସରରେ ଫକୀରମୋହନଙ୍କ ସ୍ମୃତିଚାରଣ ପାଇଁ ଓଡିଶାର ଶିକ୍ଷାପ୍ରେମୀ ସାହିତ୍ୟିକ, ରାଜନେତା ଓ ଛାତ୍ରଛାତ୍ରୀ ତଥା ଉତ୍କଳ ସମ୍ମିଳନୀ ତରଫରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉଭୟ ବ୍ୟାସକବି ଓ କବିସମ୍ରାଟଙ୍କୁ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପୂଜ୍ୟପୂଜାର ଆଦର୍ଶକୁ ଜୀବିତ ରଖିଥାଆନ୍ତି। ଭୁବନେଶ୍ୱର ଓ ବାଲେଶ୍ୱର ବ୍ୟତୀତ କଟକ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ମୟୂରଭଞ୍ଜ ଓ କେନ୍ଦୁଝରର ବିଭିନ୍ନ ସହର ତଥା ଉପାନ୍ତ ଅଞ୍ଚଳରେ ବ୍ୟାସକବି ଫକୀର ମୋହନଙ୍କ ସାହିତ୍ୟ କୃତୀର ଆଦର ଦିନକୁ ଦିନ ବୃଦ୍ଧି ପାଇବା ସାରସ୍ୱତ ସାଧନାରତ ନାଗରିକମାନଙ୍କ ପାଇଁ ଏକ ସୁଖର ବିଷୟ। ଏହି ଅବସରରେ ସ୍କୁଲ, କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ପ୍ରବନ୍ଧ, ତଥା ପ୍ରଶ୍ନୋତ୍ତରୀ ପ୍ରତିଯୋଗିତାମାନ କରାଯାଇ ସଫଳ ପ୍ରତିଯୋଗିମାନଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଏ।

ଗତ ୧୭ ବର୍ଷ ତଳୁ ଫକୀର ମୋହନ ସ୍ମୃତି ସଂସଦ ଆନୁକୁଲ୍ୟରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର କଲ୍‌ଚରାଲ ହେରିଟେଜ୍ ବ୍ୟାସକବିଙ୍କ ଜୟନ୍ତୀ ଉପଲକ୍ଷେ ଉନ୍ମୋଚନ କରାଯାଏ। ଅଦ୍ୟାବଧି ୧୧ ଟି ଜିଲ୍ଲାର ୧୫ଟି ସଂକଳନ ଇଂରାଜୀ ଭାଷାରେ ପ୍ରକାଶିତ ହେଲାଣି। ବାଲେଶ୍ୱର ଜିଲ୍ଲାର ବହି ୨ଥର ପ୍ରକାଶିତ ହୋଇସାରିଛି। କଟକ ଜିଲ୍ଲା ପାଇଁ ୨ଟି ଭଲ୍ୟୁମ୍ ଓ ପୁରୀ ଜିଲ୍ଲା ପାଇଁ ୩ଟି ଭଲ୍ୟୁମ୍ ପ୍ରକାଶିତ ହୋଇସାରିଛି। ୨୦୧୦ ଜାନୁଆରୀ ୧୪ ତାରିଖ ଦିନ ପୁରୀ ଜିଲ୍ଲାର ୩ୟ ସଂକଳନ ଶ୍ରୀଜଗନ୍ନାଥ ବିଶେଷ ସଂକଳନ ସ୍ୱୟଂ ପୁରୀ ରାଜା ଗଜପତି ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଅନ୍ୟ ଯେଉଁ ଜିଲ୍ଲା ସଂକଳନ ପ୍ରକାଶିତ ହୋଇସାରିଛି ସେଗୁଡିକ ହେଲେ ଯାଜପୁର, କୋରାପୁଟ, ଖୋର୍ଦ୍ଧା, ଅନୁଗୁଳ, ରାୟଗଡା, ଗଞ୍ଜାମ ଓ ଗଜପତି ଜିଲ୍ଲା। ଆଗ୍ରହୀ ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଓ ଗବେଷକ ତଥା ସାରସ୍ୱତ ପ୍ରେମୀମାନେ ଚାହିଁଲେ କେବଳ ବାଲେଶ୍ୱର ଜିଲ୍ଲା ବ୍ୟତୀତ ଅନ୍ୟ ଜିଲ୍ଲାର ଏହି ଇଂରାଜୀ ସଂକଳନ ଫକୀରମୋହନ ଭବନ, ଆଇଆର୍ ସି ଭିଲେଜ ଭିଆଇପି ଏରିଆ ପ୍ଲଟ୍ ନମ୍ବର ୮୮୦ ରୁ ମଗାଇ ପାରିବେ। ଛାତ୍ରଛାତ୍ରୀଙ୍କ ସ୍ମୃତିକୁ ଉଦ୍‌ଜୀବିତ କରିବା ଉଦ୍ଦେଶ୍ୟରେ ସ୍ୱର୍ଗତ ବ୍ୟାସକବିଙ୍କ ସଂପର୍କରେ କେଇପଦ ଉପସ୍ଥାପନ ନକଲେ ଏଭଳି ପ୍ରତିଭା ସମ୍ପନ୍ନ ଜୀବନ ଯୋଦ୍ଧାଙ୍କ ପ୍ରତି ଅନ୍ୟାୟ ହେବ। କାରଣ ସମାଜକୁ ସୁଧାରିବାକୁ ହେଲେ ମହାପୁରୁଷମାନଙ୍କ ଜୀବନୀକୁ ବାରମ୍ବାର ଆଲୋଚନା କରିବା ଆବଶ୍ୟକ।

ବ୍ୟାସକବି ବାଲ୍ୟାବସ୍ଥାରେ ହିଁ ହରାଇଥିଲେ ତାଙ୍କର ଉଭୟ ପିତାମାତାଙ୍କୁ। ୩ ବର୍ଷ ବୟସ ବେଳକୁ ସେ ହୋଇଯାଇଥିଲେ ଏକ ଅନାଥ ଶିଶୁ। ତାଙ୍କ ରକ୍ଷଣାବେକ୍ଷଣର ଦାୟିତ୍ୱ ପଡ଼ିଥିଲା ବିଧବା ପିତାମହୀ କୋକିଳା ଦେବୀଙ୍କ ହାତରେ। ସେ ବାଲ୍ୟାବସ୍ଥାରୁ ହିଁ ରୋଗଗ୍ରସ୍ତ ଥିବାରୁ ତାଙ୍କ ପିତାମହୀ ବାଲେଶ୍ୱର ସଦରସ୍ଥିତ ଭୁଜାଖିଆପୀର (ଫକୀର)ଙ୍କର କୃପା ଭିକ୍ଷା କରି ତାଙ୍କୁ ବ୍ରଜମୋହନ ବଦଳରେ ଫକୀର ମୋହନ ଭାବେ ନାମିତ କରିଥିଲେ। ତଥାପି ସ୍ୱାସ୍ଥ୍ୟବସ୍ଥା ଓ ଆର୍ଥିକ ଦୁର୍ବଳତା ହେତୁ ସେ ୯ ବର୍ଷ ବୟସ ପର୍ଯ୍ୟନ୍ତ ଶିକ୍ଷାଲାଭରୁ ବଞ୍ଚିତ ଥିଲେ। ପରବର୍ତ୍ତୀ ସମୟରେ ସେ ମଲ୍ଲିକାଶପୁରସ୍ଥ ନଣ୍ଡାଗୋସାଇଁ ମଠରେ ଅବଧାନ ବୈଷ୍ଣବ ମହାନ୍ତଙ୍କଠାରୁ ଶିକ୍ଷାଲାଭ ଆରମ୍ଭ କଲେ। ବହୁ ଘାତ ପ୍ରତିଘାତ ସତ୍ତ୍ୱେ ଫକୀର ମୋହନ ୧୪ ବର୍ଷ ବୟସରେ ବାଲେଶ୍ୱର ସହରସ୍ଥ ବାରବାଟୀ ବଙ୍ଗୋତ୍କଳ ବିଦ୍ୟାଳୟରେ ସ୍କୁଲ ଶିକ୍ଷା ଲାଭ କରି ନିଜସ୍ୱ ଚେଷ୍ଟାରେ ବିପୁଳ ଜ୍ଞାନର ଅଧିକାରୀ ହୋଇପାରିଥିଲେ। ପରେ ପରେ ସେ ବାରବାଟୀ ସ୍କୁଲରେ ଶିକ୍ଷକତା କରି, ସେହି ସ୍କୁଲର ପଣ୍ଡିତଙ୍କ ଠାରୁ ସଂସ୍କୃତ ବ୍ୟାକରଣରେ ଜ୍ଞାନ ସଂଗ୍ରହ ପୂର୍ବକ ସଂସ୍କୃତରେ ରାମାୟଣ, ମହାଭାରତ, ଗୀତା, ଉପନିଷଦ, ମନୁସଂହିତା, ସଂସ୍କୃତ ଦର୍ଶନ, ଗୀତଗୋବିନ୍ଦ ଓ ଶକୁନ୍ତଳା ଭଳି ମହାନ ଗ୍ରନ୍ଥମାନ ରଚନା କରିଥିଲେ ଏବଂ ମହାଭାରତ, ରାମାୟଣ ଓ ମୁଖ୍ୟ ଉପନିଷଦକୁ ଓଡ଼ିଆରେ ମଧ ଅନୁବାଦ କରିଥିଲେ। କେବଳ ସ୍ୱାଧ୍ୟାୟ ବଳରେ ଇଂରାଜୀ ଭାଷା ଶିଖି ମହାନ୍ ନାଟ୍ୟକାର ସେକ୍ସପିୟରଙ୍କ ସମସ୍ତ ନାଟକ ଓ କାହାଣୀମାନ ପଢ଼ି ଗଳ୍ପ ଲେଖିବାର ପ୍ରେରଣା ପାଇଥିଲେ। ତାଙ୍କ ରଚିତ ଗଳ୍ପ 'ରେବତୀ' ଓଡ଼ିଶା ଭାଷାରେ ପ୍ରଥମ ଗଳ୍ପ ଭାବେ ସ୍ୱୀକୃତି ଲାଭ କରିଛି। ଏତଦ୍‌ବ୍ୟତୀତ ତାଙ୍କ 'ଗଳ୍ପସ୍ୱଳ୍ପ" ରେ ଧୂଳିଆବାବା, ଲଛମନିଆ, ରାଣ୍ଡିପୁଅ ଅନନ୍ତା, ଗାରୁଡ଼ି ମନ୍ତ୍ର, ଡାକମୁନ୍‌ସୀ, ସଭ୍ୟ ଜମିଦାର, ଅଧର୍ମ ବିତ୍ତ, ପାଠୋଇବୋହୂ ଓ ପେଟେଣ୍ଟ ମେଡ଼ିସିନ୍ ଭଳି ଗଳ୍ପ ମାଧ୍ୟମରେ ସେ ସମାଜର ପ୍ରତିଛବିକୁ ଯେ ନିଖୁଣ ରୂପ ଦେଇଥିଲେ ତାହା ନୁହଁ ସମାଜରେ ସୁଧାର ଆଣିବା ପାଇଁ ଯେଉଁ ଚେଷ୍ଟା କରିଥିଲେ ତାହା ଆଜିର ସମାଜରେ ମଧ୍ୟ ଆଲୋଚନାର ବସ୍ତୁ। ତାଙ୍କ ରଚିତ ଉପନ୍ୟାସ ମାମୁ, ପ୍ରାୟଶ୍ଚିତ, ଲଛମା, ଛ'ମାଣ ଆଠଗୁଣ୍ଠ ଯେପରି ଭାବେ ବୁଦ୍ଧିଜୀବୀ ଓ ସାହିତ୍ୟ ପ୍ରେମୀଙ୍କ ଦ୍ୱାରା ଆଦୃତ, ତାଙ୍କ ରଚିତ କାବ୍ୟ ବୌଦ୍ଧାବତାର ଏବଂ ଅବସରବାସରେ, ପୁଷ୍ପମାଳା, ପୂଜା ଫୁଲ, ଉପହାର, ମୁଁ ହାଟବାହୁଡ଼ା, କାଳିଆ ଭୂତ, ଭୂଆବିରାଡ଼ି, ଗୋଲାପ ସୁନ୍ଦରୀ, ଗିରିନଦୀ, କପୋତ କପୋତୀ, ରଜନୀଗନ୍ଧା, ଭଗ୍ନ ଶିବମନ୍ଦିର, ଗର୍ଦ୍ଦଭର ସୂକ୍ଷ୍ମବୁଦ୍ଧି, ଶର୍ଙ୍ଖବିରାଡ଼ି ଓ ବଣି, କବିର କଳିହୁଡୀ ସ୍ତ୍ରୀ, ଡାଆଣୀ ଆଲୁଅ, ସାହାଡ଼ା ଗଛ, ଲାଜକୁଳୀ ଲତା, କୋଇଲି ନାନୀ, ବେଙ୍ଗଭୋଇ, ମୋ ଗ୍ରାମ ମଲ୍ଲିକାଶପୁର ଏବଂ ଶାନ୍ତିକାନନ ଭଳି କବିତାଗୁଡ଼ିକ ଯେ ଆଧୁନିକ କବି ଓ ଲେଖକମାନଙ୍କ ପାଇଁ ସୀମାହୀନ ପ୍ରେରଣାର ଉତ୍ସ ଭାବେ କାର୍ଯ୍ୟ କରୁଛି ଏଥିରେ ସନ୍ଦେହ ନାହିଁ।

ସାରସ୍ୱତ ଜଗତ ବ୍ୟତିରେକ ଜଣେ କର୍ତ୍ତବ୍ୟନିଷ୍ଠ ସମାଜ ସଂସ୍କାରକ ଭାବେ ଫକୀରମୋହନ ଆଧୁନିକ ଜଗତର ରାଜ କର୍ମଚାରୀ ଓ ସମାଜ ସୁଧାରକମାନଙ୍କଠାରେ ମଧ୍ୟ ଆଦର୍ଶ ହୋଇ ରହିଯାଇଛନ୍ତି। ନିଜସ୍ୱ ପ୍ରତିଭା ବଳରେ ବିଶେଷ ଶିକ୍ଷାଗତ ଯୋଗ୍ୟତା ନଥାଇ ମଧ୍ୟ ସେ ଶିକ୍ଷକରୁ ପ୍ରଧାନଶିକ୍ଷକ ହୋଇ ସମଗ୍ର ଓଡ଼ିଶାରେ ଶ୍ରେଷ୍ଠତ୍ୱ ହାସଲ କରିଥିଲେ। ତାଙ୍କ ବହୁମୁଖୀ ପ୍ରତିଭାରେ ପ୍ରଭାବିତ ତତ୍କାଳୀନ ବ୍ରିଟିଶ ସରକାର ତାଙ୍କୁ ବିଭିନ୍ନ ସମୟରେ ନୀଳଗିରି, ଡୋମପଡ଼ା, ଢେଙ୍କାନାଳ, ଦଶପଲ୍ଲା, ପାଲଲହଡା, ଆନନ୍ଦପୁରରେ ଦେବାନ ଭାବେ ନିଯୁକ୍ତ କରିଥିଲେ। ୧୮୯୯ ମସିହାରେ ସେ କେନ୍ଦ୍ରାପଡ଼ା ଜମିଦାରଙ୍କ ପରାମର୍ଶଦାତା ଭାବେ ମଧ୍ୟ କାର୍ଯ୍ୟ କରିଥିଲେ।

ପତ୍ନୀ କୃଷ୍ଣକୁମାରୀଙ୍କର ୧୮୯୪ ରେ ମୃତ୍ୟୁ ହେବା ପରେ ଫକୀରମୋହନ ତାଙ୍କର ୧୩ ବର୍ଷର ପୁତ୍ର ଓ ୧୧ ବର୍ଷର କନ୍ୟାକୁ ନେଇ କଟକର ବାଖରାବାଦସ୍ଥିତ ସ୍ୱନିର୍ମିତ ଗୃହକୁ ଚାଲିଆସିଲେ। ୧୮୯୪ ରେ ସେ ମନୋନୀତ ହୋଇଥିଲେ ନିଖିଳ ଭାରତ କଂଗ୍ରେସ ଅଧିବେଶନ ଓଡ଼ିଶାରୁ ପ୍ରତିନଧିତ୍ୱ କରିବା ପାଇଁ।

୧୯୦୫ ରେ ସେ ପୁଣି ଫେରିଗଲେ ମଲ୍ଲିକାଶପୁରକୁ। ୧୯୧୭ ମସିହାରେ ଫକୀରମୋହନ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ସତ୍ୟବାଦୀ ବନ ବିଦ୍ୟାଳୟ ପରିଦର୍ଶନ କରିଥିଲେ ଏବଂ ଉକ୍ତ ବର୍ଷ ଉତ୍କଳ ସମ୍ମିଳନୀର ଅଧିବେଶନରେ ସଭାପତିତ୍ୱ କରିଥିଲେ। ମାତ୍ର ୧୯୧୮ ମସିହା ଜୁନ୍ ୧୪ ତାରିଖ ରଜସଂକ୍ରାନ୍ତି ଦିନ ସେ ଶାନ୍ତି କାନନରେ ଶାନ୍ତିରେ ଚିରନିଦ୍ରାରେ ଶୋଇଗଲେ।

# ରଜ ପର୍ବ ବିଜ୍ଞାନ ଆଧାରିତ



ଇମରଟସ୍ ପ୍ରଫେସର
ଡା. ଚତୁର୍ଭୁଜ ଭୂୟାଁ

ଆମ ସଂସ୍କୃତି, ଆମ ପାରମ୍ପରିକ ପର୍ବପର୍ବାଣି, ସାମାଜିକ ସାଂସ୍କୃତିକ ତଥା ବୈଜ୍ଞାନିକ ଆଧାରରେ ପରିପୁଷ୍ଟ। ଆମେ କେବଳ ସାମାଜିକତା ସାଂସ୍କୃତିକ ଭାବରେ ପର୍ବ ପର୍ବାଣି ପାଳନ କରୁଥିଲେ ମଧ୍ୟ ତା'ର ମୂଳରେ ନିଶ୍ଚିତ ଭାବରେ ବିଜ୍ଞାନ ସମ୍ବଳିତ ତଥ୍ୟ ରହିଛି। ଦୈନିକ ସଂସ୍କୃତି କେତେ ଯେ ମହାନ୍ ତାହା କେବଳ ଜ୍ଞାନ ବିଜ୍ଞାନର ଚର୍ଚ୍ଚାରେ ଜଣା ପଡିଥାଏ। ବର୍ଷକ ବାର ମାସ ଛଅ ଋତୁରେ ବିଭିନ୍ନ ପର୍ବ ପର୍ବାଣି ଭାରତବାସୀ ବିଭିନ୍ନ ଆଞ୍ଚଳିକ ଭାଷା ଓ ସଂସ୍କୃତିରେ ପାଳନ କରୁଥିଲା ବେଳେ ଓଡ଼ିଶାରେ ଆଷାଢ଼ ମାସ ଗ୍ରୀଷ୍ମ ପ୍ରାନ୍ତ ବର୍ଷାଆଗତ ଋତୁରେ ପଡେ। ଲୋକ ମାନେ ଏହି ରଜ ପର୍ବର ବିଶେଷତ୍ୱ ଅନୁସାରେ ଚାରି ଦିନ ଧରି ପାଳନ କରନ୍ତି। ପର୍ବର ମହତ୍ତ୍ୱ ଆନୁଯାୟୀ, ନୂଆ ଲୁଗା ବିଶେଷ କରି କନ୍ୟା ତଥା ସ୍ତ୍ରୀ ଲୋକମାନେ କେତେ ସ୍ଥାନରେ ପୁରୁଷ ମାନେ ମଧ୍ୟ ପିନ୍ଧନ୍ତି। ଏହା ସହିତ ପୁରୁଷମାନଙ୍କୁ ୪ଦିନ ଧରି ବିଶ୍ରାମ କାମ ଧନ୍ଦାରୁ ମିଳିଥାଏ। ଗାଁ ଗଣ୍ଡାରେ ଖେଳ କୁଦ ସହିତ, ଗାଁ, ଗାଁ ଭିତରେ ଖେଳ କୁଦର ବାଜି ଆସର ମଧ୍ୟ କରାଯାଏ। ଘରେ, ଘରେ ବିଭିନ୍ନ ପ୍ରକାର ପିଠା, ପଣା, ଖାଦ୍ୟ ପେୟର ମଜା ଲୋକମାନେ ନିଅନ୍ତି। ଗାଁ, ତୋଟା, ବାଡି, ଘର ଅଗଣାରେ ଦୋଳି କରି ବିଶେଷତଃ ଝିଅ/କନ୍ୟାମାନେ ବିଭିନ୍ନ ପ୍ରକାର ବେଶଭୂଷା ହୋଇ ଖେଳିଥାନ୍ତି। ଖାଇ ପିଇ ପାନ ଖାଇବା ଏକ ଅନନ୍ୟ ପରମ୍ପରା। ଏସବୁ ସହିତ ଚାଷ କାର୍ଯ୍ୟ ଚାରିଦିନ ବନ୍ଦରହେ। ଏହି ଚାରିଦିନରେ ପ୍ରଥମ ଦିନକୁ ସଜବାଜ କହନ୍ତି ବା ପ୍ରଥମ ରଜ କହିଥାନ୍ତି। ଦ୍ୱିତିୟ ତୃତୀୟ ରଜରେ ଖାଇବା ସହିତ ଖେଳକୁଦ ଇତ୍ୟାଦି ମଜା ମଜଲିସ କରି ଖୁସି ମନାନ୍ତି। ଶେଷ ରଜରେ ଗାଧୁଆ ପାଧୁଆ ସହିତ ଘର ସମସ୍ତେ ସତେଜ ହୁଅନ୍ତି, ଯେପରି ନୂତନ ପ୍ରାଣ ଭରିଯାଏ।

ଏସବୁ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ କେତେକ ଜାଗାରେ ତାସ, ଲୁଡୁପାଲି, ଡୁଡୁ, କବାଡି ଖେଳ ସହିତ ପ୍ରତିଯୋଗିତା ଦ୍ୱାରା ସାମାଜିକ ଭାଇଚାରା ସମ୍ବନ୍ଧ ଅଧିକ ନିବିଡ ହୋଇଥାଏ। ବଂଧୁ ବାନ୍ଧବ, ଦେବା ନେବା ଯିବା ଆସିବା ହେବା ଦ୍ୱାରା ଅଧିକ ଘନିଷ୍ଠତା ସହିତ ପାରସ୍ପରିକ ସ୍ନେହ ଶ୍ରଦ୍ଧା ଅଧିକ ମଜଭୁତ ହୋଇଥାଏ। ଏହି ପର୍ବ ପର୍ବାଣି ବ୍ୟକ୍ତି, ପରିବାର, ଗାଁ, ଗୋଷ୍ଠୀମାନଙ୍କ ମଧ୍ୟରେ ମତଭଦେ, ତକରାଳ, କଳି, ମତାନ୍ତର ଭୁଲିଯାଇ ଏକାଠି ହେବାର ସୁଯୋଗ ନେଇଥାଏ। ଏପରି ଏକାଧିକ ଉପକାର ପର୍ବରୁ ମିଳେ ଯାହାକୁ ଧନୀ ଗରିବ ସମସ୍ତେ ପାଳନ କରିଥାନ୍ତି।

ବିଜ୍ଞାନ ଆଧାର ସମ୍ବଳିତ ତଥ୍ୟରେ ଏହି ଗ୍ରୀଷ୍ମ ଶେଷାନ୍ତରେ ଲୋକମାନେ ଗ୍ରୀଷ୍ମର ଉତ୍ତାପରେ ଅତିଷ୍ଠ ହୋଇ ବିଶ୍ରାମ ନେଇଥାନ୍ତି। ବର୍ଷା ଆଗମନରେ ଧରା ଟିକିଏ ଥଣ୍ଡା, ଶୀତଳ ହୁଏ। ପ୍ରଥମ ବର୍ଷାର ଆନନ୍ଦ ମିଳେ। ଶରୀର ବଳ, ଋତୁ ଅନୁସାରେ ଆଗମ କାଳରେ କମିଯାଏ। ତେଣୁ ଉନ୍ନତ ପୁଷ୍ଟିକର ଖାଦ୍ୟ ପାନୀୟ, ପିଠା ପଣା ଲୋକମାନଙ୍କୁ ଶାରୀରିକ ପୋଷଣରେ ସାହାଯ୍ୟ କରେ। ସର୍ବୋପରି ବୈଦିକ ଉନ୍ନତି ସଂସ୍କୃତି ବିଜ୍ଞାନ ଭାଷାରେ କୁହାଯାଇଛି ପିଣ୍ଡ ବ୍ରହ୍ମାଣ୍ଡ ସିଦ୍ଧାନ୍ତ ତଥା, ଯାହାକି ଆଜିର ଆଧୁନିକ ବିଜ୍ଞାନ ଶାରୀରିକ, ମାନସିକ, ସାମାଜିକ, ସମୟ, ଇତ୍ୟାଦି ସ୍ୱାଧୀନକୁ ନେଇ ଚର୍ଚ୍ଚା, ବିଶ୍ଳେଷଣ କରିବାରେ ଆଗଭର ରହିଛି।

ପିଣ୍ଡ ବ୍ରହ୍ମାଣ୍ଡ ତଥ୍ୟରେ ଆମ ବ୍ରହ୍ମାଣ୍ଡ, ୫ ମହାଭୂତ, ଯଥା - ପୃଥିବୀ, ପାଣି, ଆଲୋକ, ବାୟୁ ଓ ଆକାଶ-ଯାହା ମାଟି, ପାଣି, ତେଜ, ବାୟୁ, ଆକାଶକୁ ନେଇ ଗଠିତ। ଠିକ୍ ସେପରି ଆମ ଶରୀର ପଞ୍ଚ ମହାଭୂତ ସଂଯୋଗରେ ଗଠିତ। ମରିଗଲା ପରେ ପଞ୍ଚମହାଭୂତ ନିଜ ନିଜ ତତ୍ତ୍ୱରେ ମିଶିଯାଆନ୍ତି। ଶରୀରରେ ଯାହା ଆଛି, ବ୍ରହ୍ମାଣ୍ଡରେ ତାହା ରହିଛି। ଏହାକୁ ଯୋଗ ବିଜ୍ଞାନରେ ଯୋଗୀ ଅଧିକ ପରିପୁଷ୍ଟ କରନ୍ତି।

ଏହି ରଜପର୍ବର ଚାରିଦିନ-ମାଟି, ମା' ପୃଥିବୀ, ଧରୀତ୍ରିକୁ 'ମାତା' ସମ୍ବୋଧନ କରଯାଏ। ଯାହାକୁ ରଜସ୍ୱଳା ହୁଏ ବୋଲି କହନ୍ତି। ରଜବତୀ ହେଲେ ଗର୍ଭାଧାନ କରିବା ସୁଯୋଗ ଆସେ। ରଜବତୀ ନାରୀ ବା ମା' ମାନେ ବିଶ୍ରାମ ନେବା ଯୋଗ୍ୟା ଠିକ୍ ସେପରି ପୃଥିବୀ ବା ମାଟିରେ ଲାଗିବା, ଚାଷ କରିବା, ଦୁମସୁମ ହୋଇ ଚାଲିବା ଇତ୍ୟାଦି ବିଭିନ୍ନ ପ୍ରକାର ପୀଡ଼ା ଦାୟକ କାର୍ଯ୍ୟ କରିବା ନିଷେଧ, ଯେହେତୁ 'ମା' ଗର୍ଭାଧାନ ପାଇଁ ଯୋଗ୍ୟା। କୃଷି କାର୍ଯ୍ୟ ରଜପର ଠାରୁ ଆରମ୍ଭ ହୁଏ ଏବଂ ଏହି ମାଟିରେ ବୀଜ ବପନ କରି ଅମଳ କରାଯାଏ। ରଜବତୀ ନାରୀ ୪ର୍ଥ ଦିନରେ ସ୍ନାନ କଲା ପରି ଧରୀତ୍ରି 'ମା'ର ୪ଦିନରେ ସ୍ନାନ ଅର୍ଥାତ୍ କୃଷକ ଭାଇ ସେହିଦିନ ଠାରୁ ସତେଜ ହୋଇ ନିଜ କାର୍ଯ୍ୟରେ ଲାଗିଯାଏ। ଅର୍ଥଶାସ୍ତ୍ରରେ କହନ୍ତି 'ତତ୍ ଅର୍ଦ୍ଧ କୃଷିକାର୍ଯ୍ୟ' ପ୍ରଥମେ ବାଣିଜ୍ୟ କଲେ ଅଧିକ ଅର୍ଥ, ଏବଂ ତା'ର ଅଧା କୃଷି କାର୍ଯ୍ୟ କିନ୍ତୁ କୃଷି ଉତ୍ପନ୍ନ ଖାଦ୍ୟ ଆମ ଜୀବନ ଧାରଣର ପ୍ରଥମ ମୌଳିକ 'ଆହାର' ବସ୍ତୁ। ବଂଚିବାର ମୌଳିକ ଆବଶ୍ୟକତା ଖାଦ୍ୟ, ବାସସ୍ଥାନ ପ୍ରଥମ। ଯାହାକି ଏହି ରଜପର୍ବ ପରଠାରୁ ଆରମ୍ଭ ହୁଏ।

ବର୍ଷା ପ୍ରାରମ୍ଭ ହୁଅନ୍ତେ ଗଛଲତା, ପରିପୁଷ୍ଟ ହୁଅନ୍ତି ଧରୀତ୍ରି ସବୁଜ ବନାନୀ ହୋଇ ଉଠେ, ଯାହାକି ପରିବେଶ ଜଳବାୟୁ ସମୃଦ୍ଧି ହୋଇଥାଏ। ଅନେକ ଉପକାରୀ ପୋକ ଜୋକ ଜିଇଁ ଉଠନ୍ତି ତଦ୍ୱାରା ଅନେକ ସଂକ୍ରମଣ ଜନ୍ମ ହୁଏ, ନାଳ, କୂଅ, ପୋଖରୀରେ ପାଣି ଆସିବା ଦ୍ୱାରା ଧରୀତ୍ରି ସତେଜ ଦେଖାଯାଏ। ସବୁଠାରୁ ଅଧିକ, ଶାରୀରିକ ଜ୍ଞାନ କହେ, ରଜପର୍ବ ଲୋକମାନଙ୍କ ମନରେ ଖୁସି ଭରିଦିଏ, ଯାହାର ଶରୀରରେ ଚାରି ପ୍ରକାର ଖୁସି ହରମୋନ (ହାପି ହରମୋନ ଯଥା- ଡୋପାମାଇନ୍, ସେରୋଟୋନିନ୍, ଏଣ୍ଡୋର୍ଫିନ ଏବଂ ଅକ୍ସିଟୋସିନ ସ୍ରାବ ହୋଇଥାଏ, ଯାହାକି ଲୋକମାନଙ୍କୁ ଅଧିକ ସକ୍ରିୟ କରିଥାଏ। ଏହା ସହିତ ଖେଳ କୁଦ, ଦୋଳିଖେଳାତ ବ୍ୟାୟାମ ଶରୀରକୁ ଶାନ୍ତି ଦେଇଥାଏ। ପିଠା ଏକ ଗରିଷ୍ଠ ଖାଦ୍ୟ। ଏହି ସମୟ ପୂର୍ବରୁ ଗ୍ରୀଷ୍ମ ସମୟ ପ୍ରଭାବରେ ଶରୀର ଅଗ୍ନି ତେଜ ରହିଥାଏ, ଏଣୁ ଗରିଷ୍ଠ ଖାଦ୍ୟ ଦ୍ୱାରା ଅଗ୍ନି ଶାନ୍ତ ରୂପେ ପାଚନ ହୋଇ ପୁଷ୍ଟି କରିଥାଏ। ପୁଣି ଏହାର ଉପରାନ୍ତ ପାନ ଖାଇବା ଏବଂ ଖୁଆଇବା ପରମ୍ପରା ଶରୀର ପାଚକ କ୍ରିୟାକୁ ସାହାଯ୍ୟ କରେ। କାରଣ ପାନପତ୍ର ଏକ ପାଚକ ରସ କ୍ଷରଣ କରିଥାଏ। ବର୍ଷା ଋତୁ ଦିନ, ମାସ ହିସାବରେ ସମୟକୁ ନେଇ ଆଦାନ କାଳ ଏବଂ ବିସର୍ଗ କାଳର ପ୍ରଭାବ ପିଣ୍ଡରେ ପଡେ। ସେପରି ବ୍ରହ୍ମାଣ୍ଡ ଅର୍ଥାତ୍-ପୃଥିବୀରେ ପଡିଥାଏ। ରଜ ଚାରି ଦିନ ମଧ୍ୟରେ ରଜସଂକ୍ରାନ୍ତି ଆସେ। ଆମ ଦେଶରେ ସ୍ଥଳାନୁସାରେ ମାସ ପୂର୍ଣ୍ଣମା କିମ୍ବା ସଂକ୍ରାନ୍ତି ଠାରୁ ଆରମ୍ଭ କରି ଗଣନା କରିବା ଦେଖାଯାଏ। ଯାହାକି ସମୟ ଚକ୍ରର ପରିବର୍ତ୍ତନ ଆକଳନ କରାଯାଏ। ପଙ୍ଖନୁପୁଙ୍ଖ ବିଶ୍ଳେଷଣ କଲେ ସମସ୍ତ ପର୍ବପର୍ବାଣି ପାଳନ ଅବସରରେ ରଜପର୍ବ ଓଡ଼ିଶାରେ ପାଳନ ବିଜ୍ଞାନ ସମ୍ବଳିତ ତଥ୍ୟ ସହିତ ସାମାଜିକ, ଆର୍ଥିକ, ସାଂସ୍କୃତିକ ଗୁରୁତ୍ୱ ବହନ କରେ। ପ୍ରତ୍ୟେକ ପର୍ବ ପାଳନ ପଛର ବୈଜ୍ଞାନିକ ତଥ୍ୟ ରହିଛି। ରଜପର୍ବ, ଆଷାଢ଼ ମାସ କୃଷି ପାଇଁ ଅନୁକୂଳ। ବିଭିନ୍ନ ଦୃଷ୍ଟିକୋଣରୁ କୃଷି ବିଜ୍ଞାନୀମାନଙ୍କର ପରୀକ୍ଷା ନିରୀକ୍ଷା କହେ ରଜପର୍ବ ଏକ ମାଇଲ ଖୁଣ୍ଟ, ଯେଉଁ ଠାରୁ କୃଷି ଆରମ୍ଭ ହୁଏ। ଶରୀର ବିଜ୍ଞାନ କହେ ଗ୍ରୀଷ୍ମର ଉପରାନ୍ତ ବର୍ଷା ଆଗମନରେ ଶରୀର ଶୀତଳ, ପୁଷ୍ଟିକର ତଥା ଶାନ୍ତି ଯୁକ୍ତ ହେବାକୁ ଲାଗେ। ମାନସିକ ବିଜ୍ଞାନ ଦୃଷ୍ଟିରୁ ଖୁସି ହରମୋନ ସ୍ରବଣେ ମନ ଆନନ୍ଦିତ ହୁଏ ଯାହାକି ମନ, ଶରୀର ଆତ୍ମା ଇନ୍ଦ୍ରିୟକୁ ପ୍ରସନ୍ନ କରି ସୁସ୍ଥତା ଆଣେ।

# ଆମ ଗଣପର୍ବ-ରଜ



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ଼, କୁଜଙ୍ଗ
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

ପ୍ରାଚୀନ କାଳରୁ ଓଡିଶାର କଳା, ସାହିତ୍ୟ,ସଂସ୍କୃତି, ବୀରତ୍ୱ, ସାହସିକତା ଓ ଆଧ୍ୟାତ୍ମିକ କ୍ଷେତ୍ରରେ ଭାରତ ବର୍ଷରେ ନିଜର ସ୍ୱତନ୍ତ୍ର ସ୍ଥାନ ପ୍ରଦର୍ଶନ କରିଛି। ଏହି ସ୍ୱତନ୍ତ୍ରତା ମଧ୍ୟରେ ପର୍ବ ପର୍ବାଣି ଗୁଡିକର ବୈଶିଷ୍ଟ ଓ ମହତ୍ୱ ରହିଅଛି। ପର୍ବ ପର୍ବାଣିକୁ ବାଦ୍ ଦେଲେ ଓଡିଶାର ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ତଥା ପାରମ୍ପରିକତାର ବୈଭବକୁ କଳ୍ପନା କରିବା ଅସମ୍ଭବ। ପର୍ବ ପର୍ବାଣି ଭିତରେ ଏକ ଜାତିର ଜାତୀୟ ଜୀବନ ପ୍ରତିବିମ୍ବିତ। ତେଣୁ ଅଭିଜ୍ଞ, ଚିନ୍ତାଶୀଳ, ସମାଜ ହିତୈଷୀ ମହାମାନବ ମାନେ ଅତୀତରେ ସୁସ୍ଥ ସମାଜର ସ୍ୱପ୍ନକୁ ସାକାର କରିବା ପାଇଁ ବୌଧହୁଏ ସୃଷ୍ଟି କରିଥିଲେ ଅନେକ ପର୍ବ ପର୍ବାଣି। କଥାରେ ଅଛି- 'ବାର ମାସରେ ତେର ପର୍ବ', ଅର୍ଥାତ୍ ବେଳ କାଳ ତୁଳନାରେ ବହୁ ପର୍ବ ଓଡିଶାରେ ଅନୁଷ୍ଠିତ ହୁଏ। ମାନବ ଜୀବନ ସହିତ ପର୍ବ ପର୍ବାଣୀର ଘନିଷ୍ଠ ସମ୍ବନ୍ଧ ରହିଛି। ଏଣୁ କର୍ମ କ୍ଳାନ୍ତ ଜୀବନକୁ ହାଲ୍‌କା ଓ ଉଲ୍ଲସିତ କରିବା ପାଇଁ ବୋଧହୁଏ କୃଷି ପ୍ରଧାନ ଓଡିଶାରେ ବିବିଧ



ପର୍ବପର୍ବାଣିର ସୃଷ୍ଟି। ତନ୍ମଧ୍ୟରୁ ରଜ ପର୍ବ ଅନ୍ୟତମ। ଓଡିଶାର ଗଣ ପର୍ବ ରୁପେ ରଜ ପର୍ବ ସର୍ବତ୍ର ପାଳିତ ହୁଏ। ସାଧାରଣତଃ ଜ୍ୟେଷ୍ଠ ମାସରେ ରଜ ପର୍ବ ପଡିଥାଏ। କେବେ କେବେ ଜ୍ୟେଷ୍ଠ ଓ ଆଷାଢ଼ର ସନ୍ଧି କ୍ଷଣରେ ରଜ ଉତ୍ସବ ଅନୁଷ୍ଠିତ ହୋଇଥାଏ। ତିନି ଦିନ ଧରି ଲୋକେ ରଜ ଉତ୍ସବ ପାଳନ କରନ୍ତି। ପ୍ରଥମ ଦିନକୁ ପହିଲି ରଜ, ଦ୍ୱିତିୟ ଦିନ ରଜ ସଂକ୍ରାନ୍ତି ଓ ତୃତିୟ ଦିନ ଶେଷ ରଜ ବା ଭୂମି ଦହନ ନାମରେ ପରିଚିତ। ଶେଷ ରଜର ପରବର୍ତ୍ତି ଦିନ ବସୁମତୀ ସ୍ନାନ ଓ ଠାକୁରାଣୀ ବୁଡ ପହିଲି ରଜର ପୂର୍ବ ଦିନ ସଜବାଜ ଦିନ, ସେହିଦିନ ଠାରୁ ରଜ ଶେଷ ପର୍ଯ୍ୟନ୍ତ ଲୋକଙ୍କ ମନରେ ଅପୂର୍ବ ଉତ୍ସାହ ଓ ଉଦ୍ଦିପନା ରହିଥାଏ। ଏଣୁ ରଜ ପାଇଁ ଖାଦ୍ୟ ପେୟ ଆଦି ଯାବତୀୟ ଜିନିଷ ପୂର୍ବ ଦିନରୁ ପ୍ରସ୍ତୁତ୍ ହୋଇଥାଏ। ଖାଇବା, ପିଇବା, ମୌଜ ମଜଲିସ ରଜର ମୁଖ୍ୟ କଥା। କଥାରେ ଅଛି ରଜଠାରୁ ଆଉ ମୌଜ ନାହିଁ। ରଜରେ ପିଠା ପଣାର ସୁଅ ଛୁଟେ। ପାଚିଲା ଆମ୍ବ, ପଣସ, ସପୁରୀ ଆଦି ଫଳର ସଦ୍ ବ୍ୟବହାର କରାଯାଏ। ଓଡିଶାର ସାମାଜିକ ପରମ୍ପରାରେ ରଜ ଏକ ଖାଣ୍ଟି ଓଡିଆ ପର୍ବ। ପିଠା ପଣା, ଭୋଜି ଭାତ, ନାଚ ଗୀତ, ଖେଳ ଓ ଭ୍ରମଣରେ ତ୍ରିଦିନାତ୍ମକ ରଜ ଓଡିଆ ନରନାରୀକୁ ସମ୍ମୋହିତ କରେ। ରଜ ଦୋଳି ରଜ ପର୍ବର ବିଶେଷ ଆକର୍ଷଣ। ଝିଅମାନଙ୍କ କଣ୍ଠରୁ ଶୁଣାଯାଏ ମନଫୁଲାଣିଆ ରଜ ଦୋଳି ଗୀତ।

**" ବନସ୍ତେ ଡାକିଲା ଗଜ
ବରଷକେ ଥରେ ଆସୁଛି ରଜ ଲୋ
ଘେନି ନୂଆ ସଜବାଜ"**

ଦୋଳି ଖେଳ ବ୍ୟତୀତ ତାସ୍, ଲୁଡୁ, କୌଡି, ଚେସ୍, କ୍ୟାରମ୍, ପଶା ଓ ବାଗୁଡି ପ୍ରଭୃତି ଖେଳ ରଜରେ ହୋଇଥାଏ। ତାସ୍ ଖେଳ ଅଧିକ ଲୋକଙ୍କୁ ପ୍ରଭାବିତ କରିଥାଏ। ବର୍ତ୍ତମାନ କ୍ରିକେଟ୍ ଖେଳର ବହୁଳ ପ୍ରଚଳନ ଯୋଗୁଁ ରଜରେ କ୍ରିକେଟ୍ ମ୍ୟାଚ୍ ମାନ ଅନୁଷ୍ଠିତ ହୋଇଥାଏ। ଦେବାଦେବୀ ମାନଙ୍କ ନିକଟରେ ଯାତ୍ରା ଉତ୍ସବ ଆୟୋଜନ କରାଯାଏ। ସଂଗୀତ, ପାଲା, ଦାସ୍ କାଠିଆ ଓ ନାଚ ରଜ ଉତ୍ସବକୁ ଅଧିକ ଆମୋଦିତ କରିଥାଏ। ଏହିଦିନ ବହୁ ସାରସ୍ୱତ କାର୍ଯ୍ୟକ୍ରମର ଆୟୋଜନ ହୋଇଥାଏ। ଗାଁ ଗହଳିରେ ଝିଅ ବୋହୂମାନେ ଦଳ ଦଳ ହୋଇ ବିଭିନ୍ନ ସ୍ଥାନ ବୁଲିଯାଆନ୍ତି। କେହି କେହି ବିଭିନ୍ନ ଦର୍ଶନୀୟ ସ୍ଥାନର ପରିଭ୍ରମଣରେ ଯାଇଥାନ୍ତି।

ରଜ ପର୍ବରେ ଭୂମିକୁ ସ୍ପର୍ଶ ନ କରିବା ପାଇଁ ପାଦରେ ଗୁଆ ଖୋଳପା ଓ କଦଳି ପଟୁକାରେ ଯୋତା ତିଆରି କରି ପରିଧାନ କରନ୍ତି। ଆଜି କାଲି ଯୋତା ଓ ଚପଲର ବ୍ୟବହାର କଲେଣି। ରଜ ପର୍ବରେ ମସିଣା ଉପରେ ବସନ୍ତି, ତଳେ ବସନ୍ତି ନାହିଁ। କାରଣ-ସେହିଦିନ ପୃଥିବୀ ରଜସ୍ୱଳା ହୁଏ ବୋଲି କଥିତ ଅଛି। ଯେପରି ରଜସ୍ୱଳା ନାରୀକୁ ସ୍ପର୍ଶ କରିବା ଅନୁଚିତ୍, ପୃଥିବୀକୁ ମଧ୍ୟ ସେହି କାରଣରୁ ରଜଦିନରେ ସ୍ପର୍ଶ କରିବା ଅନୁଚିତ୍। ରଜ ଦିନ ପୃଥିବୀ ରଜସ୍ୱଳା ହୋଇ ଉତ୍ପାଦନ କ୍ଷମ ହେଲା ବୋଲି ଧରାଯାଇଥାଏ। ତତ୍ ପରେ ତାହାକୁ କର୍ଷଣ କରି ବୀଜ ବପନ କଲେ ପୃଥିବୀ ଶସ୍ୟ ଉତ୍ପାଦନ କରେ। ତେଣୁ ରଜ ପର୍ବ କୃଷକ ମାନଙ୍କର ଏକ ପର୍ବ ହେଲେ ମଧ୍ୟ ତାଙ୍କର କର୍ତ୍ତବ୍ୟ ସୂଚାଇ ଦେଇଥାଏ। ରଜ ଓଡ଼ିଶାରେ ଏକ ପ୍ରଧାନ ଗଣ ପର୍ବ। ଏହା କେବଳ ଆମୋଦ ପ୍ରମୋଦର ପର୍ବ ନୁହେଁ। ସହୃଦୟତା ଓ ଭାତୃତ୍ୱର ବନ୍ଧନ ପର୍ବ। ବାହ୍ୟ ଆଡମ୍ବର ଅପେକ୍ଷା ରଜ ପର୍ବର ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ପ୍ରତ୍ୟେକ ବ୍ୟକ୍ତ ହୃଦୟଙ୍ଗମ କରିବା ଉଚିତ୍। ନୈତିକ ମୂଲ୍ୟବୋଧ, ସାଂସ୍କୃତିକ ସଚେତନତା, ବନ୍ଧୁତ୍ୱ ଓ କୃଷିର ବିକାଶ ରଜ ପର୍ବର ମୁଖ୍ୟ ଉଦ୍ଦେଶ୍ୟ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୬ ଜୁନ୍ ୨୦୨୪ ରବିବାର







**କେନ୍ଦୁଝର:** ବିଶ୍ୱର ସର୍ବବୃହତ ରଥ ନନ୍ଦିଘୋଷ ରଥର ନିର୍ମାଣ କାର୍ଯ୍ୟ ଚାଲିଛି



ଭୂଇଁପୁର-ଜାଲୀ ରାସ୍ତାର ଶୋଚନୀୟ ଅବସ୍ଥା



ନୂତନ ମୁଖ୍ୟମନ୍ତ୍ରୀଙ୍କ ଗାଁ ରାଇକଳା





ପଳାଶପଙ୍ଗା-ବାମେବାରୀ ରାସ୍ତା ବେଆଇନ୍ ପାର୍କିଙ୍ଗ ସ୍ଥଳ ପାଲଟିଛି

## କୃଷି ବିଭାଗର ଚଢ଼ଉ:୪୮୮ ବସ୍ତା ନକଲି ସାର ଜବତ





**ଧର୍ମଗଡ଼, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସ୍ଥାନରେ ନକଲି ସାର ବିକ୍ରୟ ହେଉଥିବା ସମୟରେ ଗୋଲାମୁଣ୍ଡା ବ୍ଲକ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ । ଏମିତିକି ଗୁଜରାଟ ଗୁରେଗାଓଁ ଠାରୁ ଜଣେ ବ୍ୟକ୍ତି ଆସି ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତ ଗୁଡିକକୁ ଜଣେ ଜଣେ ପିଲାର ଋଷୀମାନଙ୍କ ଠାରୁ ୨ ଶହ ଟଙ୍କା ଆଦାୟ କରି ସେମାନଙ୍କୁ କୃଷି ବିଭାଗ ଦ୍ୱାରା ନିର୍ଦ୍ଧାରିତ ଦାମ୍ ଠାରୁ କମ ଦାମ୍‌ରେ ପଟାସ, ଡ଼ିଏପି, ୟୁରିଆ ସହ ଅନ୍ୟାନ୍ୟ ସାର ବିଭିନ୍ନ ଗ୍ରାମମାନଙ୍କରେ ବିକ୍ରୀ ହେଉଥିବା ଖବର ଜାଣିବା ପରେ ଗୋଲାମୁଣ୍ଡା ବ୍ଲକର ଖତ ବ୍ୟବସାୟୀ ମାନେ କୃଷି ଅଧିକାରୀଙ୍କୁ ଜଣାଇଥିଲେ । ପରେ କୃଷି ବିଭାଗ ତରଫରୁ ତତ୍ପରତା ଦେଖାଇ ଉକ୍ତ ବ୍ୟକ୍ତିଙ୍କ ନାମରେ ଥାନାରେ ଏକ ଲିଖିତ ଅଭିଯୋଗ କରି ସେହି ବ୍ୟକ୍ତିର ଏକ ଭଡ଼ା ଗୋଦାମ ଉପରେ ଚଢ଼ଉ କରିଥିଲେ । ସେଠାରେ ପ୍ରାୟ ୪୮୮ ବସ୍ତା ସାର ଥିବା ଦେଖିବାକୁ ମିଳିଥିଲା । ତାକୁ ଜବତ କରି ଗୋଲାମୁଣ୍ଡା ସମବାୟ ସମିତି ଲିଃରେ ରଖିବା ସହ ଏହାର ନମୁନା ପାଇଁ ପାଠାଯିବ ବୋଲି କୃଷି ବିଭଗ ତରଫରୁ ପ୍ରକାଶ କରିଛନ୍ତି । ଉକ୍ତ ନକଲି ସାର ବ୍ୟବସାୟୀଙ୍କୁ ପୋଲିସରେ ଜିମା ଦେଇ ତଦନ୍ତ ଚଲାଇଛନ୍ତି । ଉକ୍ତ ଚଢଉରେ ଗୋଲାମୁଣ୍ଡା କୃଷି ଅଧିକାରୀ ନୋକେଶ୍ୱର ନାଗ, ଏ ଏ ଓ ଲିଙ୍ଗରାଜ ମେହେର, ଆସିଷ୍ଟାଣ୍ଡ ଟେକ୍ନୋଲୋଜି ମେନେଜର ଶରତ କୁମାର ରାଉତ, ରାଜସ୍ୱ ବିଭାଗର କର୍ମଚାରୀ, କୃଷକ ସଂଘର ସଭାପତି ସାହୁଲ ମଙ୍ଗରାଜ, ସମାଜ ସେବୀ ବୃଷଭ ନାଏକ, ଗୋଲାମୁଣ୍ଡା ଅଞ୍ଚଳର ଅନେକ ସାର ବ୍ୟବସାୟୀ ଓ ପୋଲିସ ବିଭାଗ ସାମିଲ ରହିଥିଲେ ।

## ରମ୍ଭା ପାନ୍ଥନିବାସରେ ରଜ ମହୋତ୍ସବ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ସ୍ଥିତ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ (ଓ.ଟି.ଡି.ସି) ପରିସର ଭୁକ୍ତ ରମ୍ଭା ପାନ୍ଥନିବାସରେ ରାଜ୍ୟର ଗଣ ପର୍ବ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଛି । ଆୟୋଜିତ କାର୍ଯ୍ୟକ୍ରମରେ ରମ୍ଭା ଏନ. ଏ. ସି ଅଧକ୍ଷ ମାନସି ସ୍ୱାଇଁ, ଡିଭିଜିନାଲ ମ୍ୟାନେଜର (ଓ.ଟି.ଡି.ସି) ପ୍ରଣବ କୁମାର ଋନ୍ଦ, ଯୁବ ଶିଳ୍ପ ଦୋଗୀ ଅନିଲ କୁମାର ସୁବୁଦ୍ଧି, ରମ୍ଭା ଥାନା ଆଇ ଆଇ ସି ସତ୍ୟ ବ୍ରତ ଭୂତିଆ, ରମ୍ଭା ଏନ ଏ ସି ଅଧକ୍ଷ ପ୍ରତିନିଧି କାହ୍ନା ସ୍ୱାଇଁ ସହିତ କର୍ମରତ କର୍ମଚାରୀ ମାନେ ଉପସ୍ଥିତ ରହି ୩ ଦିନିଆ ଉତ୍ସବର ମାହୋଲ ଶୁଭାରମ୍ଭ ହୋଇଛି । ରାଜ୍ୟର ୧୮ ଗୋଟି ଓ.ଟି.ଡି.ସି ମଧ୍ୟରେ ରମ୍ଭା ସାମିଲ ହୋଇଥିବାରୁ ରାଜ୍ୟର ପାରମ୍ପରିକ ପର୍ବ ତଥା ମହିଳା ଓ ଯୁବତୀ ମାନଙ୍କ ପାଇଁ ରଜ ଦୋଳି, ମେହେନ୍ଦି, ଅଳତା, ଓଡ଼ିଆ ସୁସ୍ୱାଦୁ ଖାଦ୍ୟକୁ ପ୍ରୋତ୍ସାହିତ କରି ଏହି ରଜ ମହୋତ୍ସବ ପାଳନ ଆରମ୍ଭ ହୋଇଛି । ପିଠା ମିଠା ମଧ୍ୟରେ ମଣ୍ଡା ପିଠା, ପୋଡ଼ ପିଠା, ସୁଜି କାକରା, ନାହ୍ରା ଆଳୁ, ମିଠା ପାନ ସମେତ ଅନେକ ପସରା ଉପଲବ୍ଧ କରାଯାଇ ସ୍ଥାନୀୟ ବାସିନ୍ଦା ତଥା ଟୁରିଷ୍ଟ ମାନଙ୍କୁ ବଣ୍ଟନ କରାଯାଇଥିଲା । ତତ୍ ସହିତ ମହିଳା ଓ ଯୁବତୀ ମାନଙ୍କ ପାଇଁ ରଜ ଦୋଳି ହୋଇଥିବା ଓ ମଜା ଉଠାଉଥିବା ଲକ୍ଷ୍ୟ କରାଯାଇଛି ।

## ରାଜଧାନୀ ଡାକ୍ତରଖାନାରେ ନକଲି ଡାକ୍ତର ଚିଠାରେ ଔଷଧ ନେଉଛନ୍ତି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ସରକାର ସରକାରୀ ହସ୍ପିଟାଲରେ ବ୍ୟବସ୍ଥା କରିଛନ୍ତି । ଏଥିସହିତ ମାଗଣାରେ ଔଷଧ ପାଇଁ ନିରାମୟ ବ୍ୟବସ୍ଥା ମଧ୍ୟ କରାଯାଇଛି । ହେଲେ କିଛି ଦଲାଲ ସରକାରୀ ସୁବିଧାର ଫାଇଦା ଉଠାଉଥିବା ଅଭିଯୋଗ ହୋଇଛି । ସେମାନେ ନକଲି ପ୍ରେସ୍‌କ୍ରିପ୍‌ସନ୍ ଜରିଆରେ ନିରାମୟରୁ ଝାଡ଼ା, ବାନ୍ତି, ଗ୍ୟାସ୍, ଥଣ୍ଡା, ଜ୍ୱର ଭଳି ଔଷଧ ନେଇ ବସ୍ତି ଓ ଗାଁରେ ବିକ୍ରି କରୁଛନ୍ତି । ଏନେଇ ନିରାମୟ ପକ୍ଷରୁ କ୍ୟାପିଟାଲ୍ ହସ୍ପିଟାଲ ପ୍ରଶାସନିକ ବିଭାଗକୁ ଜଣାଇବା ପରେ ଘଟଣା ଜଣାପଡ଼ିଛି । ଅଭିଯୋଗ ଅନୁସାରେ ଦୁଷ୍ମନ୍ତ ପ୍ରଧାନ ନାମରେ ଜଣେ ବ୍ୟକ୍ତି ଗତମାସ ୧୬ ତାରିଖ ରାତି ପ୍ରାୟ ୯ଟା ସମୟରେ ଏକ ପ୍ରେସ୍‌କ୍ରିପ୍‌ସନ୍ ଆଣି ନିରାମୟରେ ପ୍ରେସ୍‌କ୍ରିପ୍‌ସନ୍ ଜରୁରୀକାଳୀନ ବିଭାଗର ଦେଖାଇଥିଲେ । ଏହି ଡାକ୍ତରଙ୍କ ଠାରୁ ଲେଖାଯାଇଥିଲା । ଏଥିରେ ପ୍ରାୟ ୧୬ଟି ଔଷଧ ତିନିମାସ ପାଇଁ ଲେଖାଯାଇଥିଲା । ଗ୍ୟାସ୍ ମେଡିସିନ୍ ଠାରୁ ଆରମ୍ଭ କରି ଆଇଡ୍ରପ୍ କ୍ୟାଲସିୟମ୍, ଭିଟାମିନ୍ ମେଡିସିନ୍ ଆଦି ୩ ମାସ ପାଇଁ ଲେଖାଥିଲା । ଜଣେ ବ୍ୟକ୍ତି ଆସି ନିରାମୟରେ ଏହି ପ୍ରେସ୍‌କ୍ରିପ୍‌ସନ୍ ଦେଖାଇଥିଲେ । କିନ୍ତୁ ମେଡିସିନ୍ ଦେଉଥିବା ଫାର୍ମାସିଷ୍ଟଙ୍କ ସନ୍ଦେହ ହେବାରୁ ଯୁବକଙ୍କୁ ଡାକି ପଚରାଉଚରା କରିଥିଲେ । ଏନେଇ ପ୍ରେସ୍‌କ୍ରିପ୍‌ସନ୍ ଲେଖୁଥିବା ଡାକ୍ତରଙ୍କ ପାଖକୁ ଯିବାକୁ କହିବାରୁ ବ୍ୟକ୍ତିଜଣକ ସେଠାରୁ ଚମ୍ପଟ ମାରିଥିଲା । ଏନେଇ ନିରାମୟ ପକ୍ଷରୁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିବା ସହିତ ଜବତ ପ୍ରେସ୍‌କ୍ରିପସନ୍‌କୁ ମଧ୍ୟ ଦାଖଲ କରିଥିଲେ । ହସ୍ପିଟାଲ ପକ୍ଷରୁ ତଦନ୍ତ କରାଯିବା ପରେ ଏହା ଡାକ୍ତର ଲେଖୁନଥିବା ଜଣାପଡ଼ିଥିଲା । ଏପରିକି ଡାକ୍ତରଙ୍କ ଦସ୍ତଖତ ମଧ୍ୟ ନକଲି ବୋଲି ଜଣାପଡ଼ିଥିଲା । ଏଭଳି ନକଲି ପ୍ରେସ୍‌କ୍ରିପ୍‌ସନ୍ ଦେଖାଇ ପୂର୍ବରୁ ଔଷଧ ନେଉଥିବା ଜଣାପଡ଼ିଛି । ମେଡିସିନ୍ ସହ ଏକ୍ସରେ ଅନ୍ୟାନ୍ୟ ଲ୍ୟାବ୍ ପରୀକ୍ଷା ମଧ୍ୟ ନକଲି ପ୍ରେସ୍‌କ୍ରିପ୍‌ସନ୍‌ରେ କରାଯାଉଥିବା ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଛି । ଏନେଇ ଦାୟିତ୍ୱରେ ଥିବା ସଂପୃକ୍ତ ବ୍ୟକ୍ତିଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ପଚରାଯିବାରୁ ସେ କହିଥିଲେ ଯେ କୌଣସି ରୋଗୀଙ୍କୁ ଏକ ମାସରୁ ଅଧିକ ଔଷଧ ଦିଆଯାଏନାହିଁ । ଏହାସହ ବ୍ୟକ୍ତିଜଣକ ନିଜେ କିମ୍ବା ବାହାର ଡାକ୍ତରଙ୍କ ଠାରୁ ମେଡିସିନ୍ ଲେଖି ସେଥିରେ ଦସ୍ତଖତ କରିଛନ୍ତି । ପଚରାଉଚରା କରାଯିବାରୁ ସଂପୃକ୍ତ ବ୍ୟକ୍ତି ପଳାଇ ଯାଇଥିଲେ । ଭବିଷ୍ୟତରେ ଏଭଳି କିଏ ଧରାପଡ଼ିଲେ ତୁରନ୍ତ ଥାନାରେ ଅଭିଯୋଗ କରିବାକୁ ପରାମର୍ଶ ଦିଆଯାଇଛି ।

## ଯାଯାବରଙ୍କ ଆଶ୍ରୟସ୍ଥଳ ରେଳ ପ୍ଲାଟଫର୍ମ:ଯାତ୍ରୀ ଅସୁରକ୍ଷିତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ଅସୁରକ୍ଷିତ ବ୍ରହ୍ମପୁର ରେଳ ଷ୍ଟେସନ୍ । ଚାରିଆଡୁ ଖୋଲା । ମନଇଚ୍ଛା ଷ୍ଟେସନ୍ ଭିତରେ ପଶୁଛନ୍ତି ଅପରିଚିତ ଲୋକ । ରାତିସାରା ଶୋଇ ରହୁଛନ୍ତି । ଅପରଚିତଙ୍କୁ ଷ୍ଟେସନ୍ ହତାରୁ ବାହାର କରିବା ଦାୟିତ୍ୱ ଆରପିଏଫ୍‌ର । ମାତ୍ର ଏହା କେବେ ଦେଖିବାକୁ ମିଳେନି । ଏଭଳି ସ୍ଥିତିରେ ସାଧାରଣ ଯାତ୍ରୀଟିଏ ଷ୍ଟେସନ୍‌ରେ ରାତ୍ରି ଯାପନ କରିବାକୁ ଭୟ ଓ ସଙ୍କୋଚ କରୁଛନ୍ତି । ଚାରି ନମ୍ବର ପ୍ଲାଟ୍‌ଫର୍ମରୁ ଏକ ନମ୍ବର ପ୍ଲାଟଫର୍ମକୁ ଲମ୍ବିଛି ଫୁଟ୍ ଓଭର ବ୍ରିଜ୍ । ଦୁଇ କିମ୍ବା ତିନି ନମ୍ବର ପ୍ଲାଟ୍‌ଫର୍ମରେ ଓହ୍ଲାଇବାର ସୁଯୋଗ ନାହିଁ । ଏହାରି ଭିତରେ ଶୋଇ ରହିଥିଲେ କିଛି ଲୋକ । ଦେହରେ ସଫାସୁତରା ପୋଷାକ ନାହିଁ । କେହି କେହି ଖୋଲା ଫୁଙ୍ଗୁଳା ଦେହରେ ଶୋଇ ରହିଛନ୍ତି । କେହି ଜଣେ ବି ଟ୍ରେନ୍ ଯାତ୍ରୀ ଭଳି ଦେଖାଯାଉନଥିଲେ । ପଚାରିବାରେ ନିଶାସକ୍ତ ବ୍ୟକ୍ତିଙ୍କ ଭଳି ଏଣୁତେଣୁ ଉତ୍ତର ଦେଉଥିଲେ । ହିନ୍ଦୀ କଥାବର୍ତ୍ତା କରୁଥିଲେ । ଏଭଳି ସମୟରେ ଓ ସ୍ଥିତିରେ ଫୁଟ୍ ଓଭରବ୍ରିଜ୍ ଦେଇ ଗଲାବେଳେ ମନରେ ଭୟ ହେବା ସ୍ୱାଭାବିକ୍ । ଏବେ ବ୍ରହ୍ମପୁର ଷ୍ଟେସନ୍ ଉନ୍ନତିକରଣ କାର୍ଯ୍ୟ ଚାଲିଛି । କେଉଁଠି ପାଚେରି ଭଙ୍ଗାଯାଇଛି ତ ଆଉ କେଉଁଠି ଗେଟ୍ ନାହିଁ । ଏପରି ସ୍ଥଳେ ଷ୍ଟେସନ୍ ଭିତରକୁ ମନଇଚ୍ଛା ପ୍ରବେଶ କରୁଛନ୍ତି ଲୋକ । କଟକଣା ନାହିଁ କି ପ୍ରତିବନ୍ଧକ ନାହିଁ । ଷ୍ଟେସନ୍ ପରିସରରେ ଲୋକଙ୍କ ଧନଜୀବନ ସୁରକ୍ଷା ଓ ରେଳବାଇ ସମ୍ପତ୍ତିର ସୁରକ୍ଷା ଦାୟିତ୍ୱ ଆରପିଏଫ୍‌ର । ବିନା ଟିକଟରେ ଷ୍ଟେସନ୍ ଭିତରକୁ ପ୍ରବେଶ କରିବା, ପ୍ଲାଟଫର୍ମ ଟିକଟ ନଥାଇ ପ୍ରବେଶ କରିବା ବ୍ୟକ୍ତିଙ୍କୁ ଆରପିଏଫ୍ ଚିହ୍ନଟ କରିବା କଥା । ଏଭଳି ଲୋକଙ୍କୁ ଷ୍ଟେସନ ପରିସରରୁ ବାହାରକୁ ପଠାଇବା ଦାୟିତ୍ୱ ଆର୍‌ପିଏଫ୍‌ର ହୋଇଥିଲେ ମଧ୍ୟ ଏଥିପ୍ରତି ବିଶେଷ ଧ୍ୟାନ ଦିଆଯାଉନଥିବା ଅଭିଯୋଗ ହୋଉଛି । କାରଣ ରାତି ହେଲେ ଷ୍ଟେସନ୍ ପରିସରରେ ଗଣ୍ଡା ଗଣ୍ଡା ଅପରିଚିତ ବ୍ୟକ୍ତି ବୁଲୁଥିବା ଏବଂ ଶୋଇ ରହୁଥିବା ଦେଖିବାକୁ ମିଳୁଛି । ଏହାଦ୍ୱାରା ରାତିରେ ଟ୍ରେନ୍‌ରୁ ଓହ୍ଲାଇଥିବା ଯାତ୍ରୀ ଷ୍ଟେସନରେ ରାତ୍ରିଯାପନ କରିବାକୁ ଡ଼ରୁଛନ୍ତି । ଚୋରି ହେବାର ଆଶଙ୍କା ବୃଦ୍ଧି ପାଉଛି । ଏ ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି । ଏ ବାବଦରେ ଆରପିଏଫ୍‌କୁ ଅବଗତ କରିବେ ବୋଲି ଷ୍ଟେସନ୍ ମ୍ୟାନେଜର ଦୁର୍ଗାପ୍ରସାଦ ବ୍ରହ୍ମା କହିଛନ୍ତି । ଆରପିଏଫ୍ ଇନିସ୍ପେକ୍ଟର କହିବା ପ୍ରକାରେ ପ୍ରତି ତିନି ଘଣ୍ଟାରେ ଥରେ ଯାଞ୍ଚ କରାଯାଉଛି । ଅଜଣା ବ୍ୟକ୍ତିଙ୍କୁ ଷ୍ଟେସନ୍ ବାହାରକୁ ବାହାର କରାଯାଉଛି । ମାତ୍ର ଷ୍ଟେସନ୍‌ରେ ନିର୍ମାଣ କାମ ଚାଲିଥିବା ଏବଂ ପାଚେରୀ ଖୋଲାଥିବାରୁ ବାରମ୍ବାର ସେମାନେ ପ୍ରବେଶ କରୁଥିବା ସେ କହିଛନ୍ତି ।

## ଅଖିଳ ଭାରତ ଛାତ୍ର ସଂଘ ତରଫରୁ ଶିକ୍ଷାକୁ ଘରୋଇ କରଣ କରିବା ବନ୍ଦ ହେବାକୁ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପାଡ ଜିଲ୍ଲା ଅଖିଳ ଭାରତ ଛାତ୍ର ସଂଘ (ଏ.ଆଇ.ଏସ୍.ଏଫ୍) ଶାଖାର ଏକ ବୈଠକ ଜିଲ୍ଲା କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ରାପଡା ଜିଲ୍ଲା କମିଟି ତରଫରୁ ଆୟୋଜିତ ଏହି ସଭାରେ ସହିଦ୍ ମାନଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇ ଥିଲା । ରାଜ୍ୟ କମିଟି ସଭ୍ୟ ଆହ୍ୱାନ କ୍ରମେ ରାଜ୍ୟ କମିଟି ସାଧାରଣ ସମ୍ପାଦକ ଅଜୟ ସାମଲ, ରାଜ୍ୟ ନେତା ରମଣୀ ରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ଡ଼ଃ ରମେଶ ଚନ୍ଦ୍ର ମାୟକ ପ୍ରମୁଖ ଯୋଗଦାନକରି ସମାଜ ଗଠନରେ ଛାତ୍ର ସମାଜର ଭୂମିକାନ୍ତ ଉପରେ ଆଲୋଚନା କରିଥିଲେ । ପରେ ଜିଲ୍ଲା କମିଟି ପକ୍ଷରୁ ଶିକ୍ଷା ଏକ ମୌଳିକ ଅଧିକାର ରୂପେ କାର୍ଯ୍ୟ କରି ନୂତନ କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷା ବଜେଟରେ ରାଜ୍ୟ କ୍ୟାବିନେଟ୍‌ରେ ଶତକଡା ୨୦ ପ୍ରତିଶତ କାର୍ଯ୍ୟ କରିବା ସହ ଶିକ୍ଷାକୁ ବେପାରୀ କରଣ କରିବାକୁ ଆହ୍ୱାନ ଦେଇଥିଲେ । ଆସନ୍ତା ୨୧ ତାରିଖରେ କମିଟି ପକ୍ଷରୁ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତି ନିଆଯାଇଛି ।

## ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ ଶୁଭସ୍ତମ୍ଭ ଶୋଭାଯାତ୍ରା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ମାଳିକା ବର୍ଣ୍ଣିତ ପୀଠ ସିଦ୍ଧ ତପୋ ସେବାବନ ସିଦ୍ଧ ଗୁରୁ ମଠ, ଡମ୍ବରୁଗଡ଼ ଠାରେ ଆସନ୍ତା କାର୍ତ୍ତିକ ମାସରେ ଏକ ବିରାଟ ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ ଅନୁଷ୍ଠିତ ହେବାକୁ ଥିବାବେଳେ ପୁରୀରୁ ବାହାରିଥିବା ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ ଶୁଭସ୍ତମ୍ଭ ଶୋଭାଯାତ୍ରା ଯଜ୍ଞ ସ୍ଥଳରେ ପହଞ୍ଚିଛି । ଏହି ଯଜ୍ଞ ସାକାର ସହିତ ପ୍ରଚାର ପ୍ରସାର ନିମନ୍ତେ ଶ୍ରୀ ଜଗନ୍ନାଥ ଓ ପଞ୍ଚସଖା ଅଚ୍ୟୁତାନନ୍ଦ ପୀଠ ନେମାଳ ଗାଦିରୁ ଆଜ୍ଞାମାଳ ନେଇ ଶୁଭାରମ୍ଭ ପରେ ଦ୍ୱିତୀୟ ଦିନରେ ଶ୍ରୀଜଗନ୍ନାଥ ଦର୍ଶନ ସହିତ ନାମ, ସଂକୀର୍ତ୍ତନ୍ୟ ଓ ପୂଜାର୍ଚ୍ଚନା ପୂର୍ବକ ପୁରୀ ଶ୍ରୀଜଗନ୍ନାଥଙ୍କ ବଡ଼ ପଣ୍ଡା ଶ୍ରୀରାମ ଦାସ ବଡ଼ପଣ୍ଡା ସାମନ୍ତଙ୍କ ଠାରୁ ଆଜ୍ଞା ମାଳ ନେଇ ନୟାଗଡ଼ ଠାରେ ପହଞ୍ଚିଥିଲେ । ତୃତୀୟ ଦିନରେ ନୟାଗଡ଼ ଠାରୁ ବାହାରି ପାତାଳି ଶ୍ରୀକ୍ଷେତ୍ର ନାଏକ ପଡା ଗୁମ୍ଫାରେ ପଞ୍ଚଥିଲେ । ଚତୁର୍ଥ ଦିନରେ ନାଏକପଡା ଠାରୁ ସାହାଜପାଲ ଶ୍ରୀ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ । ୧୧ ତାରିଖରେ ନାମ, ସଂକୀର୍ତ୍ତନ୍ୟ ସହ ମହାସମାରୋହରେ ଡମ୍ବରୁଗଡ଼ ମଠରେ ପହଞ୍ଚିଥିଲେ । ସର୍ବ ପ୍ରଥମେ ସିଦ୍ଧଗୁରୁ ମଠର ବ୍ରହ୍ମଲୀନ ୧୦୦୮ ତ୍ୟାଗୀ ଗିରିବର ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା । ଏହି ଅବସରରେ ଏକ ସାଧୁ ଓ ଭକ୍ତ ସମ୍ମିଳନୀ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ମାର୍ଗଦର୍ଶକ ତଥା ସିଦ୍ଧ ଗୁରୁ ମଠର ମହନ୍ତ ସର୍ବେଶ୍ୱର ଦାସ ଅଧକ୍ଷତା କରିଥିଲେ ଓ ବାଞ୍ଛାନିଧି ହୋତା ସଭା ସଂଯୋଜନା କରିଥିଲେ ।

## ବାଣ ନିଷ୍କ୍ରିୟ ବେଳେ ହାବିଲଦାରଙ୍କ ମୃତ୍ୟୁ ଘଟଣା

## ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ କଟକ ମେୟର

**କଟକ, ନ୍ୟୁଜ୍ ବ୍ୟୁରୋ**

ସକାଳ ସମୟରେ ବମ୍ ସ୍କ୍ୱାର୍ଡ ଟିମ୍‌ର ତିନିଜଣ କର୍ମଚାରୀ ସିଜ୍ ହୋଇଥିବା ବାଣଗୁଡ଼ିକୁ ନିଷ୍କ୍ରିୟ କରିବାକୁ ଚେଷ୍ଟା କରୁଥିଲା ବେଳେ ହଠାତ୍ ଏକ ବାଣ ଫୁଟିବାରୁ ଘଟଣାସ୍ଥଳରେ ତିନିଜଣ ଗୁରୁତର ଆହତ ହୋଇଥିଲେ । ଡାକ୍ତରଖାନାରେ ହାବିଲଦାର ପ୍ରଦୀପ କୁମାର ମଲ୍ଲିକଙ୍କୁ ମୃତ ଘୋଷଣା କରାଯାଇଥିଲା ବେଳେ ଅନ୍ୟ ଦୁଇଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ଏହି କ୍ରମରେ କଟକ ମେୟର ସୁବାସ ସିଂ ବଡ଼ ଡାକ୍ତରଖାନରେ ପହଞ୍ଚି ଶୋକାକୁଳ ପରିବାରକୁ ସମବେଦନା ଜଣାଇବା ସହ ୨୪ ବର୍ଷ ଧରି କାର୍ଯ୍ୟରତ ଶ୍ରୀ ମଲ୍ଲିକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦରକାରଙ୍କୁ ଅନୁରୋଧ କରିଥିଲେ । ସୂଚନାଯୋଗ୍ୟ କି ମୃତ ଶ୍ରୀ ମଲ୍ଲିକଙ୍କ ୩ଟି ଝିଅ ଅଛନ୍ତି । ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତିଙ୍କ ମୃତ୍ୟୁ ଖବର ଶୁଣି ପରିବାରର ଲୋକ ଦୁଃଖରେ ଭାଙ୍ଗିପଡ଼ିଛନ୍ତି ।

### ୧ କୋଟି କ୍ଷତିପୂରଣ ପ୍ରଦାନ ପାଇଁ ଦାବି

ବାଣ ନିଷ୍କ୍ରିୟ କରିବାକୁ ଯାଇ ପ୍ରାଣ ହରାଇଥିବା ରିଜର୍ଭ ପୋଲିସର କାର୍ଯ୍ୟରତ ହାବିଲଦାର ପରିବାରକୁ ଉପଯୁକ୍ତ କ୍ଷତିପୂରଣ ସହ ଘଟଣାର ବିଧିବଦ୍ଧ ତଦନ୍ତ ଦାବି କରିଛନ୍ତି ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା । କଟକ ସଦର ଥାନାରେ କାର୍ଯ୍ୟରତ ରିଜର୍ଭ ପୋଲିସର ପ୍ରଦୀପ କୁମାର ମଲ୍ଲିକ ବାଣ ନିଷ୍କ୍ରିୟ କରିବାକୁ ଯାଇ ଯେଉଁଭଳି ବିସ୍ଫୋରଣର ଶିକାର ହେଲେ ସେଥିପାଇଁ ମୁଁ ମର୍ମାହତ ବୋଲି କହିଛନ୍ତି । ଆମ ଅଞ୍ଚଳ ଜଗତପୁର ଅଣ୍ଡେଇ ସାହିରେ ଜନ୍ମିତ ପ୍ରଦୀପ ଜଣେ ସଚ୍ଚୋଟ ଓ ପରୋପକାରୀ ଏବଂ କର୍ତ୍ତବ୍ୟପରାୟଣ ପୋଲିସ ଥିଲେ । ତେବେ ପ୍ରଦୀପ କେଉଁ ପରିସ୍ଥିତିରେ ସେଠାକୁ ଯାଇଥିଲେ ? ତାଙ୍କୁ କେଉଁ ଅଧିକାରୀଙ୍କ ନିର୍ଦ୍ଦେଶାନୁସାରେ ସେଠାକୁ ପଠାଯାଇଥିଲା ଓ ସେ କିପରି ବୋମା ନିଷ୍କ୍ରିୟକାରୀ ପୋଷାକ ବିନା ସାଧା ପୋଷାକରେ ସେଠାକୁ ଯାଇଥିଲେ ତାର ବିଧିବଦ୍ଧ ତଦନ୍ତ ପାଇଁ ଶ୍ରୀ ବେହେରା ଦାବି କରିଛନ୍ତି । ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ରାଶି ତୁରନ୍ତ ପ୍ରଦାନ ସହ ପରବାରର ଜଣକୁ ସରକାରୀ ଚାକିରି ଦେବାକୁ ସେ ସରକାରଙ୍କ ନିକଟରେ ଦାବି କରିଛନ୍ତି । ଜଣେ କର୍ତ୍ତବ୍ୟରତ ପୋଲିସ ଅଧିକାରୀ କର୍ତ୍ତବ୍ୟ ସମ୍ପାଦନ କରୁଥିବାବେଳେ ମୃତ୍ୟୁବରଣ କରିଥିଲେ ମଧ୍ୟ ତାଙ୍କୁ ଗାର୍ଡ ଅଫ୍ ଅନର୍ ଦିଆନଯିବା ଏବଂ କୌଣସି ଅଧିକାରୀ କିମ୍ବା ମାଜିଷ୍ଟ୍ରେଟ୍ ଉପସ୍ଥିତ ନରହିବାକୁ ସେ ଦୃଢ଼ ନିନ୍ଦା କରିଛନ୍ତି ।



## ନୂତନ ବନୀକରଣ ପାଇଁ ଶତାଧିକ ଗଛ କଟା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ପରିବେଶ ସନ୍ତୁଳନ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ନୂତନ ଜଙ୍ଗଲ ସୃଷ୍ଟି କରୁଥିବାବେଳେ ଗ୍ରାମବାସୀଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ଗ୍ରାମ୍ୟ ଜଙ୍ଗଲକୁ ବନ ବିଭାଗ ଦ୍ୱାରା ଶତାଧିକ ୟୁକାଲିପଟାସ ଓ ଆକାଶୀ ଗଛକୁ କଟାଯାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାଯୋଗ୍ୟ ଯେ ପ୍ରାୟ ୩୦ ବର୍ଷ ତଳେ ବୌଦ୍ଧ ବ୍ଲକ ପଦ୍ମନପୁର ଗ୍ରାମରେ ଥିବା ଅନାବାଦୀ, ଗୋଚର ଓ ସରକାରୀ ଜମିରେ ବୃକ୍ଷରୋପଣ କରାଯାଇଥିଲା । ଗାଁକୁ ପ୍ରକୃତି ମିତ୍ର ପୁରସ୍କାର ମଧ୍ୟ ମିଳିଥିଲା । ଏନେଇ ବନପାଳ ସୁଶୀଲ କୁମାର ହୋତାଙ୍କୁ ଯୋଗାଯୋଗ କରିବାରୁ ଗାଁରେ ଏକ ବୈଠକ କରାଯାଇ ଗ୍ରାମ୍ୟ ଜଙ୍ଗଲରେ ଥିବା ଚାକୁଣ୍ଡା, ୟୁକାଲିପଟାସ ଓ ଆକାଶୀ ଗଛ କାଟିବା ପାଇଁ ରିଜୋଲୁସନ କରାଯାଇ ବୌଦ୍ଧ ଡିଏଫଓଙ୍କୁ ପରମିଶନ ପାଇଁ ଦିଆଗଲା । କାଟିବା ପାଇଁ ପରମିଶନ ଦେବାରୁ ଗଛ କଟାଯାଇଛି । ତେବେ କଟାଯାଇଥିବା ଗଛକୁ ଟେଣ୍ଡର ମାଧ୍ୟମରେ ବିକ୍ରି ହେବା କଥା । କିନ୍ତୁ ଫୁଲବାଣୀର ଜନୈକ ଠିକାଦାରଙ୍କୁ ଶାଗ ମାଛ ଦରରେ ବିକ୍ରି କରି ଦେବାର ଯୋଜନା ହୋଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ସେଣ୍ଡକାପ ରଜ ମହୋତ୍ସବ ରାଣୀଙ୍କ ଦ୍ୱାରା ଉଦ୍‌ଘାଟିତ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନ ଗ୍ରାମପଞ୍ଚାୟତ ସେଣ୍ଡକାପ ଗ୍ରାମରେ ପ୍ରତି ବର୍ଷପରି ଏ ବର୍ଷ ମଧ୍ୟ ୧୯୬୧ ମସିହା ଠାରୁ ହୋଇ ଆସୁଥିବା ରଜ ମହୋତ୍ସବ ସେଣ୍ଡକାପ ପୋଇ ଆମ୍ବ ତୋଟା ଠାରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ କେନ୍ଦୁଝରର ରାଜମାତା ସୁନନ୍ଦିନୀ ଭଞ୍ଜ ଦେଓ, ମାଧବ ସର୍ଦ୍ଦାର, ଚକ୍ରଧର ପରିଡ଼ା, ୪ ନମ୍ବର ଜିଲ୍ଲାପରିଷଦ ଲୀଳାବତୀ ମହାନ୍ତ, ୫ ନମ୍ବର ଜିଲ୍ଲାପରିଷଦ ସଦସ୍ୟ ରଥ ମୁଣ୍ଡା ପ୍ରମୁଖ ଯୋଗଦେଇ ଦୀପ ଜାଳି ଜିଲ୍ଲା ସ୍ତରୀୟ ଲୋକ କଳା ଦିବସ ୨୦୨୪ କୁ ଉଦ୍‌ଘାଟନ କରିଥିଲେ । ପ୍ରସନ୍ନ ମହାପାତ୍ର ଓ ତାଙ୍କ ସହଧର୍ମିଣୀ ଏବଂ ଗ୍ରାମର ମା' ଭଉଣୀଙ୍କ ଦ୍ୱାରା ରଜବତୀଙ୍କୁ ପୂଜା କରାଯାଇଥିଲା । ଏହାପରେ ଦୋଳି ଖେଳ ଆରମ୍ଭ ହେବା ସହିତ ପୁଚୀ ଖେଳ, ଦଉଡ଼ି ଟଣା, ଗୋଡି ଉଠା ଦଉଡ ସହିତ ରଜ ଦୋଳି ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ମାତ୍ରାଧିକ ଲୋକଙ୍କ ସମାଗମ ହୋଇଥିଲା । ରଜ ମହୋତ୍ସବ କମିଟିର ସଭାପତି ସରୋଜିନୀ ନାଏକ, ସମ୍ପାଦକ ସୁମିତ୍ରା ଦଣ୍ଡପାଟ, ଦୋଳି କାରିଗର ବୁଦ୍ଧିଆ ନାଏକ, ବାଙ୍କୁ ନାଏକ, ଉପେନ୍ଦ୍ର ନାଏକ, ରଙ୍ଗ କାରିଗର ହାଡିବନ୍ଧୁ ନାଏକ, ଜୀବନ କୁମାର ନାଏକ, ରସାନନ୍ଦ ଘଣା, ନବୀନ କୁମାର ପଲେଇ, ରଞ୍ଜନ କୁମାର ବେହେରା, କାର୍ତ୍ତିକ ମହାକୁଡ, ପ୍ରଦୀପ ବେହେରା, ମୋହନ ପାତ୍ର, ଦେବେନ୍ଦ୍ର ଦାସ, ଦେବ ପାତ୍ର ପ୍ରମୁଖଙ୍କ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମ ସୁରୁରୂପେ ସମ୍ପାଦିତ ହୋଇଥିଲା ।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ରଜ ମଉଜ

## ବାଉଁଶ ଦୋଳି, ପୋଡ଼ପିଠା ସହ ମିଠାପାନର ମଜା

**ବାଲେଶ୍ୱର, ନ୍ୟୁଜ୍**

ଆମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ରଜ ଉପଲକ୍ଷେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଏକ ଉତ୍ସବର ଆୟୋଜନ ହୋଇଯାଇଛି । ରଜ ଆମ ଓଡ଼ିଆ ଜାତିର ସମ୍ମାନ ଓ ଅନନ୍ୟତାର ପରିଚୟ ଓ ଏହା ପ୍ରକୃତିରାଣୀ, ଧରିତ୍ରୀ ମା' ତଥା ନାରୀକୁ ପୂଜା କରିବା ଏବଂ ସମ୍ମାନ ଜଣାଇବାର ସ୍ୱତନ୍ତ୍ର ପରମ୍ପରା ଆମକୁ ପ୍ରକୃତି ସହ ଯୋଡ଼ି ରଖିବାର ଏହି ମହାନ ପରମ୍ପରାର ଉତ୍ସବ ପାଳନ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଏହି ପର୍ବ ଆଧାରିତ କବିତା ଆସରରେ ବାଲେଶ୍ୱର ତଥା ଆଖପାଖ ଅଞ୍ଚଳର କବିଗଣ ଯୋଗଦେଇ ନିଜର ରଚିତ କବିତା ପଠନ କରିଥିଲେ କବି ଭାଗବତ ଦାସ, କବି ପ୍ରଦୀପ ମିଶ୍ର, କବି ପ୍ରଭାକର, କବି ପ୍ରଦୀପ୍ତ ମିଶ୍ରଙ୍କ ସହ ଅନ୍ୟାନ୍ୟ କବିମାନଙ୍କ କବିତା ବେଶ ପ୍ରଭାବିତ ହୋଇଥିଲା । ଏଥିସହ କୁଳପତି ପ୍ରଫେସର ତ୍ରିପାଠୀ, ପ୍ରଫେସର ଦେବାଶିଷ ପାତ୍ର, ଅଧ୍ୟାପକ ଅନୀଲ ମହାପାତ୍ର, ରବି ନାରାୟଣ ବେହେରା ଓ ଛାତ୍ର ବିଶ୍ୱମ୍ଭରଙ୍କ କବିତା ପଠନ ଶ୍ରୋତାମାନଙ୍କୁ ଆନନ୍ଦିତ କରିଥିଲା । ବିଶ୍ୱବିଦ୍ୟାଳୟ ପରିସରରେ ସ୍ନାତକ ପରିଷଦ ସମ୍ମୁଖ ଗଛରେ ପାରମ୍ପରିକ ସାଜସଜ୍ଜା ସହ ବାଉଁଶର ଦୋଳି ବନ୍ଧାଯାଇଥିଲା । ରଜ ପର୍ବର ଏହି ଉତ୍ସବରେ କୁଳପତି ନିଜ ହାତରେ ସମସ୍ତଙ୍କୁ ପୋଡ଼ପିଠା ବଣ୍ଟନ କରିଥିଲେ । ଏହାପରେ ମ୍ୟୁଜିକ୍ ଚେୟାର ଖେଳ ଅନୁଷ୍ଠିତ ହୋଇଥିଲା । ଏଥିସହିତ ସମସ୍ତେ ମିଠାପାନ ଖାଇ ନାଚଗୀତ ସହ ଉତ୍ସବର ଭରପୁର ଆନନ୍ଦ ନେଇଥିଲେ । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମୀନା ଦାସ, ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ସମସ୍ତ ବିଭାଗ ମୁଖ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀ ମାନଙ୍କ ସହିତ ଅନେକ ଛାତ୍ରଛାତ୍ରୀ ଏହି ସାମୂହିକ ଉତ୍ସବର ଅଂଶବିଶେଷ ରହିଥିଲେ । ଏହି କାର୍ଯ୍ୟକ୍ରମଟି ଡ଼କ୍ଟର ଅସୀମ ଅମିତାଭ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା ।

## ରାଜଧାନୀରେ ଆମ୍ବ ମୋହ ଯୋଗୁଁ ଟନ୍ ଟନ୍ ଆମ୍ବ ବିକ୍ରି ଚାଲିଛି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜଧାନୀ ଫଳ ବଜାରରେ ଏବେ ବିଭିନ୍ନ କିସମର ଆମ୍ବର ସମ୍ଭାର ଦେଖିବାକୁ ମିଳୁଛି । ଆମ୍ବ ଋତୁ ଭିତ୍ତିକ ଫଳ ହୋଇଥିବାରୁ ସବୁ ସମୟରେ ଏହା ମିଳେନାହିଁ । ତେଣୁ ଏବେ ସବୁଠି ଆମ୍ବର ପସରା ଖୋଲିଛି । ରାଜଧାନୀବାସୀ ଏତେ ଆମ୍ବପ୍ରିୟ ଯେ ପ୍ରତିଦିନ ପ୍ରାୟ ୩ ଶହ ଟନ୍ ଆମ୍ବ ଖାଉଛନ୍ତି । ରାଜଧାନୀରେ ପାଖାପାଖି ୩୫ଟି ଫଳ ଗୋଦାମ ଥିବାବେଳେ ୩ ହଜାରରୁ ଅଧିକ ଆମ୍ବ ବେପାରୀ ଅଛନ୍ତି । ତା'ଛଡ଼ା ବାଟଘାଟରେ ବି ଅନେକ ଉଠା ଦୋକାନୀ ବିକ୍ରି କରୁଛନ୍ତି । ମାର୍କେଟକୁ ପ୍ରତିଦିନ ୩୦ ଟ୍ରକ୍ ଆମ୍ବ ଆସୁଛି । ପାଖାପାଖି ହିସାବ କଲେ ଦିନକୁ ୩ଶହ ଟନ୍ ବଜାରରେ ଆମ୍ବ ବିକ୍ରି ହେଉଛି ବୋଲି ଆମ୍ବ ଗୋଦାମର ବ୍ୟବସାୟୀ କହିଛନ୍ତି । ଏପ୍ରିଲ୍ ଠାରୁ ନେଇ ଜୁଲାଇ ମାସ ପର୍ଯ୍ୟନ୍ତ ବଜାର ଚଳଚଞ୍ଚଳ ହୋଇ ଉଠିଥାଏ । ବର୍ତ୍ତମାନ ବଜାରରେ ବାଇଗଣପଲେଇ କେଜିପିଛା ୧୦୦ ଟଙ୍କା, ଆମ୍ରପଲ୍ଲୀ ୭୦ ଟଙ୍କା, ଆଖୁରସ ୧୨୦, ସୁନ୍ଦରୀ ୧୦୦ ଟଙ୍କା, ଲେଙ୍ଗଡ଼ା ୮୦ଟଙ୍କା, ତୋତାପଲ୍ଲୀ ୬୦, ନିଲମ ୫୦ ଟଙ୍କାରେ ବିକ୍ରି ହେଉଛି । ଆଲଫାନ୍ସ ୧୫୦ ଟଙ୍କା ଥିବାବେଳେ ଏହା ବାରମାସୀ ମିଳିଥାଏ । କିନ୍ତୁ ତା'ର ଦର ଅନ୍ୟ ସମୟରେ ୪୦୦ ଟଙ୍କା ରହିଥାଏ । ବିଶେଷତଃ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, କୋଲକାତା ଆଦି ରାଜ୍ୟରୁ ଅଧିକ ପରିମାଣରେ ଓଡ଼ିଶାକୁ ଆମ୍ବ ଆସୁଛି ବୋଲି ଏକ ନମ୍ବର ମାର୍କେଟରେ ଥିବା ଆମ୍ବ ବ୍ୟବସାୟୀ ସନାତନ ଗିରି କହିଛନ୍ତି । ଓଡ଼ିଶାରେ ଆମ୍ବ ଉତ୍ପାଦନ ବଢୁଥିଲେ ମଧ୍ୟ ବଜାର ସୁବିଧା ନଥିବାରୁ ବ୍ୟବସାୟୀମାନେ ବାହାର ରାଜ୍ୟରୁ ଆମ୍ବ ଆଣି ବିକ୍ରି କରୁଛନ୍ତି । ଓଡ଼ିଶାରେ ଆମ୍ବ



୨୧ ଲକ୍ଷ ହେକ୍ଟର ଜମିରେ ଚାଷ ହେଉଛି । ଅନେକ ଜିଲ୍ଲାରେ ଆମ୍ବ ଚାଷ ହେଉଥିଲେ ବି କଳାହାଣ୍ଡି, ରାୟଗଡ଼ା, ମୟୂରଭଞ୍ଜ, ସୁନ୍ଦରଗଡ଼ ଢେଙ୍କାନାଳ ଓ ଅନୁଗୁଳରେ ଚାଷର ପରିମାଣ ଅଧିକ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଓଡ଼ିଶାରେ ଆମ୍ବର ଉତ୍ପାଦନ ବଢୁଥିଲେ ମଧ୍ୟ ବଜାରର ସୁବିଧା ନଥିବାରୁ ବ୍ୟବସାୟୀମାନେ ବାହାର ରାଜ୍ୟରୁ ଆମ୍ବ ଆଣି ବିକ୍ରି କରୁଛନ୍ତି । ଏନେଇ କେନ୍ଦ୍ରୀୟ ଉଦ୍ୟାନ ପରିକ୍ଷଣ କେନ୍ଦ୍ର ମୁଖ୍ୟ ଡ. ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ କହିଛନ୍ତି, "ଏପ୍ରିଲ୍ ମାସ ପହିଲାରୁ ଆମ୍ବ ବିକ୍ରି ଆରମ୍ଭ ହୋଇଯାଇଥାଏ । ଓଡ଼ିଶାରେ ପାଖାପାଖି ୫୦ ପ୍ରତିଶତ ଆମ୍ରପଲ୍ଲୀ ଚାଷ ହେଉଛି । ଏହା ଜୁନ୍‌ମାସରେ ଉତ୍ପାଦନ ହେଉଥିବାରୁ ବଜାରକୁ ବିଳମ୍ବରେ ଆସୁଛି । ତେଣୁ ବାହାର ରାଜ୍ୟର ଆମ୍ବ ଶୀଘ୍ର ମାର୍କେଟକୁ ଆସୁଥିବାରୁ ବେପାରୀମାନେ ବାହାର ରାଜ୍ୟ ଉପରେ ଆମ୍ବ ପାଇଁ ଭରସା କରୁଛନ୍ତି । ଏହି ଅଭାବକୁ ପୂରଣ କରିବା ପାଇଁ କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ର ପକ୍ଷରୁ ଗୁଲାବ୍‌ଖାସ୍, ଅର୍କ, ନୀଳାଚଳ, କେଶରୀ ଆମ୍ବକୁ କୃଷି ବୈଜ୍ଞାନିକମାନେ ଚିହ୍ନଟ କରିଛନ୍ତି । ଏହି ଆମ୍ବଗୁଡ଼ିକ ସହଳ କିସମ ହୋଇଥିବାରୁ ଏହାକୁ ଓଡ଼ିଶାରେ ଚାଷ କଲେ ଆମ୍ବ ମାର୍ଚ୍ଚ ପହିଲାରୁ ବଜାରକୁ ଆସିପାରିବ । ଚାଷୀମାନେ ମଧ୍ୟ ଉପକୃତ ହୋଇପାରିବେ । ଓଡ଼ିଶାରେ ଆମ୍ବ ଚାଷ ପାଇଁ ଭଲ ଜଳବାୟୁ ଅଛି । ଆମ୍ରପଲ୍ଲୀ ଉତ୍ତର ଭାରତରେ ଲୋକପ୍ରିୟ ହୋଇଥିଲେ ମଧ୍ୟ ଓଡ଼ିଶାରେ ନିଜସ୍ୱ ଚାହିଦାର ୫୦ ପ୍ରତିଶତ ଉତ୍ପାଦନ ହେଉଛି । ଏହାର ଓଜନ ମଧ୍ୟ ପାଖାପାଖି ୨୫୦ ଗ୍ରାମ୍ ରହୁଛି । ଆଗାମୀ ଦିନମାନଙ୍କରେ ଓଡ଼ିଶା ଅନ୍ୟ ରାଜ୍ୟ ଉପରେ ଆମ୍ବ ପାଇଁ ଭରସା କରିବ ନାହିଁ ବୋଲି ଡ. ଆଚାର୍ଯ୍ୟ ଆଶାବାଦୀ ଅଛନ୍ତି ।

# ଅବସର ନେଲେ ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ




**ନୂଆଦିଲ୍ଲୀ**

ଏଥର ଆଇସିସି ଟି-୨୦ ବିଶ୍ୱକପରେ ଏକାଧିକ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରୁ ଅନେକ ବଡ଼ ଦଳକୁ ବାଦ ଦେବାକୁ ପଡ଼ିଛି । ଏହି ତାଲିକାରେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ କେନ ୱିଲିୟମସନଙ୍କ ନେତୃତ୍ୱାଧୀନ ଟିମ ନ୍ୟୁଜିଲାଣ୍ଡର ନାମ ମଧ୍ୟ ରହିଛି। ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପରେ ଅଭିଜ୍ଞ ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ ଟି-୨୦ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି । ନ୍ୟୁ ପାପୁଆ ଗିନି ବିପକ୍ଷ ଶେଷ ଲିଗ ମ୍ୟାଚ ପରେ ସେ ଏହି ଫର୍ମାଟକୁ ବିଦାୟ ଦେବେ।

ଏଥର ଆଇସିସି ଟି-୨୦ ବିଶ୍ୱକପ ନ୍ୟୁଜିଲାଣ୍ଡ ଦଳ ପାଇଁ ଅତ୍ୟନ୍ତ ନୈରାଶ୍ୟଜନକ ଥିଲା। ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚରେ ଆଫଗାନିସ୍ତାନ ଏହି ଦଳକୁ ପରାସ୍ତ କରି ଜୋରଦାର ଝଟକା ଦେଇଥିଲା । ଏହାପରେ ଆୟୋଜକ ୱେଷ୍ଟଇଣ୍ଡିଜ ଦଳ ବିପକ୍ଷରେ ମଧ୍ୟ କି ଦଳକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଲଗାତାର ଦୁଇଟି ପରାଜୟ ପରେ ଉଗାଣ୍ଡା ସହ ଖେଳାଯାଇଥିବା ଏହି ମ୍ୟାଚରେ ନ୍ୟୁଜିଲାଣ୍ଡ ବିଜୟୀ ହୋଇଥିଲେ ମଧ୍ୟ ସୁପର-୮ରେ ପହଞ୍ଚିବା ପାଇଁ ଏହା ଯଥେଷ୍ଟ ନଥିଲା। ଗ୍ରୁପ ସିରୁ ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜ ପରବର୍ତ୍ତୀ ରାଉଣ୍ଡରେ ସ୍ଥାନ ସୁନିଶ୍ଚିତ କରିଛନ୍ତି।

# ପାକିସ୍ତାନ, ନ୍ୟୁଜିଲାଣ୍ଡ ବିଦା: ଆମେରିକା ଓ ଆଫ୍‌ଗାନିସ୍ତାନ ସୁପର-୮ରେ

**ଲାଉଡରହିଲ/ତରେବା**

ଆମେରିକା ଓ ଆୟର୍ଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ଗ୍ରୁପ୍-ଏ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଯାଇଛି। ଏହି ଫଳାଫଳ, ଆୟୋଜକ ଆମେରିକାକୁ ସିଧାସଳଖ ସୁପର-୮ରେ ପହଞ୍ଚାଇ ଦେଇଛି। ଭାରତ (୬ ପଏଣ୍ଟ) ପରେ ଆମେରିକା (୫ ପଏଣ୍ଟ) ଦ୍ୱିତୀୟ ସ୍ଥାନରେ ରହି ଏହି ସ୍ଥାନ ପକ୍କା କରିଛି। ପାକିସ୍ତାନ ଓ କାନାଡ଼ାକୁ ପରାସ୍ତ କରିଥିବାରୁ ଆମେରିକା ଏହାର ପୁରସ୍କାର ପାଇଛି। ପଦାର୍ପଣ ବିଶ୍ୱକପ୍‌ରେ ଶୀର୍ଷ ୮ ଭିତରେ ସାମିଲ ହୋଇପାରିଛି। ଅନ୍ୟ ପକ୍ଷରେ ଆମେରିକାଠୁ ହାରିଥିବା ପୂର୍ବ ବିଜେତା ପାକିସ୍ତାନ (୩ ପଏଣ୍ଟ)ର ଅଭିଯାନ ଲିଗ୍ ପର୍ଯ୍ୟାୟରେ ଶେଷ ହୋଇଯାଇଛି। ଏହି ଗ୍ରୁପ୍‌ର ଅନ୍ୟ ଦୁଇ ଦଳ ଆୟର୍ଲାଣ୍ଡ ଓ କାନାଡା ମଧ୍ୟ ବିଦାୟ ନେଇଛନ୍ତି। ସେହିପରି ଗ୍ରୁପ୍-ସିରେ ଥିବା ବଡ଼ ଦଳ ନ୍ୟୁଜିଲାଣ୍ଡର ଅଭିଯାନ ମଧ୍ୟ ଲିଗ୍ ପର୍ଯ୍ୟାୟରୁ ଶେଷ ହୋଇଯାଇଛି । ଗ୍ରୁପ୍-ସିରୁ ୱେଷ୍ଟ୍‌ଇଣ୍ଡିଜ୍ ପରେ ଆଫ୍‌ଗାନିସ୍ତାନ ଦ୍ୱିତୀୟ ଦଳ ଭାବେ ସୁପର-୮ରେ ପ୍ରବେଶ କରିଛି।




ଶୁକ୍ରବାର ମ୍ୟାଚ୍‌ରେ ଆଫ୍‌ଗାନିସ୍ତାନ ୭ ୱିକେଟ୍‌ରେ ପପୁଆ ନ୍ୟୁ ଗିନିକୁ ପରାସ୍ତ କରିଛି । ଏହି ବିଜୟ ସହ ଦଳ ସୁପର-୮ ସ୍ଥାନ ନିଶ୍ଚିତ କରିଦେବାରୁ ଏହି ଗ୍ରୁପ୍‌ରେ ଥିବା ତାରକା ଖଚିତ ନ୍ୟୁଜିଲାଣ୍ଡ ଏଲିମିନେଟ୍ ହେବାକୁ ବାଧ୍ୟ ହୋଇଛି।

ତ୍ରିନିଦାଦସ୍ଥିତ ବ୍ରାଏନ୍ ଲାରା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଗ୍ରୁପ୍-ସି ମ୍ୟାଚ୍‌ରେ ଫଜଲହକ୍ ଫାରୁକି (୪-୦-୧୬-୩) ଓ ନବୀନ ଉଲ୍ ହକ୍ (୨.୫-୦-୪-୨)ଙ୍କ ଘାତକ ବୋଲିଂ ସାମ୍ନା କରିପାରି ନପାରି ପପୁଆ ନ୍ୟୁଗିନି ୧୯.୫ ଓଭରରେ ୯୫ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ନୂର ଅହମ୍ମଦ ଗୋଟିଏ ୱିକେଟ୍ ନେଇଥିଲା ବେଳେ ଅନ୍ୟ ୪ ଜଣ ରନ୍‌ଆଉଟ୍ ହୋଇଥିଲେ। ଜବାବରେ ଆଫ୍‌ଗାନିସ୍ତାନ ୧୫.୧ ଓଭରରେ ୩ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ଗୁଲ୍‌ବଦ୍ଦିନ ନାଏବ ୪୯* (୩୬ ବଲ୍, ୪ ଚୌକା, ୨ ଛକା) ଓ ମହମ୍ମଦ ନବି ୧୬* ଅପରାଜିତ ରହି ଦଳକୁ ବିଜୟ ଭେଟି ଦେଇଥିଲେ।

**ସଂକ୍ଷିପ୍ତ ସ୍କୋର:** ପପୁଆ ନ୍ୟୁଗିନି ୧୯.୫ ଓଭରରେ ୯୫ (କିପ୍ଲିନ୍ ଦୋରିଗା-୨୭, ଅଲେଇ ନାଓ-୧୩, ଫଜଲହକ୍ ଫାରୁକି-୩/୧୬, ନବୀନ ଉଲ୍‌ହକ୍-୨/୪) ଆଫଗାନିସ୍ତାନ ୧୫.୧ ଓଭରରେ ୧୦୧/୩ (ଗୁଲ୍‌ବଦ୍ଦିନ ନାଏବ-୪୯*, ମହମ୍ମଦ ନବି-୧୬*, ଅଜମାତୁଲ୍ଲା ଉମରଜାଇ-୧୩, ସେମୋ କାମିଆ-୧/୧୬, ନୋର୍ମାନ ଭନୁଆ-୧/୧୮)

# ୟୁରୋ କପ୍ ଆରମ୍ଭରୁ ଜର୍ମାନି ଜଲ୍‌ୱା





**ମ୍ୟୁନିକ୍**

ୟୁରୋ କପ୍ ଆରମ୍ଭ ହୋଇଛି। ସ୍କଟ୍‌ଲାଣ୍ଡ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ଜର୍ମାନୀର ଜଲ୍‌ୱା ଦେଖିବାକୁ ମିଳିଛି। ପ୍ରଥମାର୍ଦ୍ଧ ସୁଦ୍ଧା ୩ ଥର ବିଜେତା ଜର୍ମାନୀ ୩-୦ରେ ଆଗୁଆ ରହିଛି। ଦଳ ପାଇଁ ୧୦ ମିନିଟରେ ଯୁବ ତାରକା ଫ୍ଲୋରିଆନ୍‌ୱିଜ ପ୍ରଥମ ଗୋଲ ଦେଇଥିଲେ। ମାତ୍ର ୨୧ ବର୍ଷ ୪୨ ଦିନରେ ସେ ମଧ୍ୟ ୟୁରୋ କପ୍‌ର ସର୍ବକନିଷ୍ଠ ଗୋଲ ସ୍କୋରର ହୋଇଛନ୍ତି । ଏହା ପରେ ୧୯ତମ ମିନିଟରେ ଅନ୍ୟତମ ୨୧ ବର୍ଷୀୟ ମୁସିଆଲା ଦ୍ୱିତୀୟ ଗୋଲ ଦେଇଥିବାବେଳେ ପ୍ରଥମାର୍ଦ୍ଧ ଇନଜ୍ୟୁରି ଟାଇମ୍ (୪୫+୩ ମିନିଟ୍)ରେ ଜର୍ମାନୀକୁ ୩-୦ରେ ଆଗୁଆ ରଖିଥିଲେ। ହାର୍ଭେଜ୍ ସେ ପେନାଲ୍ଟିରୁ ଏହି ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ୩-୦ରେ ଆଗୁଆ ହେବାରେ ଫ୍ରାନ୍ସ (୨୦୧୬) ପରେ ଜର୍ମାନୀ ଦ୍ୱିତୀୟ ଦଳ ହୋଇଛି।

ଶନିବାର ଭାରତୀୟ ସମୟ ସନ୍ଧ୍ୟା ୬.୩୦ରେ ହଙ୍ଗେରି-ସ୍ୱିଜରଲାଣ୍ଡ ଏବଂ ୯.୩୦ରେ ସ୍ପେନ କ୍ରୋଏସିଆ ମୁକାବିଲା ହେବ। ମୋଟ ୨୪ ଦଳ ଅଂଶଗ୍ରହଣ କରୁଥିବା ଏହି ପ୍ରତିଯୋଗିତାକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ୨୦୨୦ରେ ଅନୁଷ୍ଠିତ ଗତ ସଂସ୍କରଣ ଫାଇନାଲ୍‌ରେ ଇଂଲଣ୍ଡକୁ ହରାଇ ଇଟାଲି ବିଜେତା ହୋଇଥିଲା। ଶନିବାର ରାତି ୧୨.୩୦ରେ ଆଲବାନିଆ ସହ ଖେଳି ଇଟାଲି ଟାଇଟଲ ଡିଫେନ୍ସ ଅଭିଯାନ ଆରମ୍ଭ କରିବ।

# ବର୍ଷା ଧୋଇ ଦେଲା ଭାରତର ଶେଷ ମ୍ୟାଚ୍



**ଫ୍ଲୋରିଡା**

ଟି-୨୦ ବିଶ୍ୱକପରେ ବର୍ଷା ଯୋଗୁ ଧୋଇ ହୋଇଯାଇଛି ଟିମ ଇଣ୍ଡିଆର ଶେଷ ଗ୍ରୁପ ମ୍ୟାଚ୍। ପୂର୍ବରୁ ସୁପର ୮ରେ ପ୍ରବେଶ କରି ସାରିଥିବା ଭାରତ ଶନିବାର ଫ୍ଲୋରିଡାରେ କାନାଡାକୁ ଭେଟିବାର ଥିଲା।

କିନ୍ତୁ ବର୍ଷା ଓ ଓଦା ଅଉଟ ଫିଲ୍ଡ ଯୋଗୁ ମ୍ୟାଚ୍‌କୁ ବାତିଲ କରି ଦିଆଯାଇଛି । ଏହାର ଅର୍ଥ ଭାରତର ଗ୍ରୁପ ପର୍ଯ୍ୟାୟରେ ଅପରାଜେୟ ରହି ସୁପର ୮କୁ ଯାଇଛି। ଏବେ ସୁପର ୮ରେ ମ୍ୟାଚ୍ ଗୁଡ଼ିକ ଭାରତୀୟ ଟିମ ୱେଷ୍ଟଇଣ୍ଡିଜରେ ଖେଳିବ।

ଗ୍ରୁପ ଏରେ ଥିବା ଟିମ ଇଣ୍ଡିଆ ପ୍ରଥମ ମ୍ୟାଚ୍‌ରେ ଆୟର୍ଲ୍ୟାଣ୍ଡକୁ ନ୍ୟୁୟର୍କରେ ହରାଇଥିଲା। ସମାନ ସ୍ଥାନରେ ଚୀରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ମାତ ଦେଇଥିଲା। ତୃତୀୟ ମ୍ୟାଚ୍‌ରେ ବିଶ୍ୱକପର ସହ ଆୟୋଜକ ଆମେରିକାକୁ ହରାଇ ଭାରତୀୟ ଟିମ ସୁପର ୮ରେ ନିଜ ସ୍ଥାନ ପକ୍କା କରିଥିଲା।

ଶନିବାର ଶେଷ ମ୍ୟାଚ୍‌କୁ ଟିମ ଇଣ୍ଡିଆ କେବଳ ଔପଚାରିକ ପାଇଁ ଖେଳି ଥାଆନ୍ତା କାରଣ କାନାଡା ସୁପର ୮ରୁ ରେସକୁ ବାଦ ପଡ଼ିଥିବା ବେଳେ ଭାରତୀୟ ଟିମ ପରବର୍ତ୍ତୀ ରାଉଣ୍ଡକୁ ଯାଇ ସାରିଥିଲା। ତଥାପି ସୁପର ୮ ପୂର୍ବରୁ ଭାରତୀୟ ଟିମ ନିଜ ବ୍ୟାଟିଂ ଲାଇନକୁ ଆଜିର ମ୍ୟାଚ୍‌ରେ ପରଖିବାକୁ ଲକ୍ଷ୍ୟ ରଖିଥିଲା । କିନ୍ତୁ ବର୍ଷା ଯୋଗୁ ମ୍ୟାଚ୍‌କୁ ବାତିଲ କରି ଦିଆଯାଇଛି।

ଗତକାଲି ଆମେରିକା ଓ ଆୟର୍ଲ୍ୟାଣ୍ଡ ମ୍ୟାଚ୍ ମଧ୍ୟ ବର୍ଷା ଯୋଗୁ ଧୋଇ ହୋଇଯାଇଥିଲା । ଏଥିଯୋଗୁ ଆମେରିକା ଗ୍ରୁପ ଏରୁ ଭାରତ ସହ ସୁପର ୮କୁ ଯାଇଛି । ପାକିସ୍ତାନ ଚଳିତ ବିଶ୍ୱକପର ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେଇଛି । ଗ୍ରୁପ ପର୍ଯ୍ୟାୟରେ ଦଳ ଭାରତ ଓ ଆମେରିକା ଠାରୁ ହାରିବାରୁ ବାହାରର ରାସ୍ତା ଦେଖିଛି।

# ଖେଲୋ ଇଣ୍ଡିଆ ଜୋନାଲ ମହିଳା ଉସୁ ଲିଗ୍‌ରେ ଜିନ୍ଦଲ କ୍ରୀଡ଼ା ଛାତ୍ରାବାସର ଖେଳାଳିଙ୍କ ଉଲ୍ଲେଖନୀୟ ସଫଳତା

**ଯୋଡ଼ା : ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ବଡ଼ବିଲସ୍ଥିତ ଜିନ୍ଦଲ କ୍ରୀଡା ଛାତ୍ରାବାସର ଉଷୁ ଖେଳାଳିମାନେ କର୍ଣ୍ଣାଟକର ବାଗୋଲକୋଟଠାରେ ଆୟୋଜିତ ସମ୍ମାନଜନକ ଖେଲୋ ଇଣ୍ଡିଆ ଜୋନାଲ ମହିଳା ଉସୁ ଲିଗରେ ୪ଟି ସ୍ୱର୍ଣ୍ଣ ପଦକ ଓ ଗୋଟିଏ କାଂସ୍ୟ ପଦକ ଜିତି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି) ର ସାମାଜିକ ସଂସ୍ଥା ଜେଏସପି ଫାଉଣ୍ଡେସନର ଅଧକ୍ଷା ଶାଲୁ ଜିନ୍ଦଲଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଓ ତତ୍ତ୍ୱାବଧାନରେ ଏହି ଛାତ୍ରାବାସ ପ୍ରତିଷ୍ଠା କରାଯାଇଛି।

ଯୋଡ଼ା-ବଡ଼ବିଲ ଅଞ୍ଚଳ ଓ ଜେଏସପି ଫାଉଣ୍ଡେସନ ପାଇଁ ଗୌରବ ଆଣିଥିବା ବିଜେତା ଖେଳାଳିଙ୍କ ମଧ୍ୟରେ ଅଛନ୍ତି, ସୁମନ ପାତ୍ର (୩୯ କେଜି ସବ୍-ଜୁନିୟର) ସ୍ୱର୍ଣ୍ଣ ପଦକ, ସ୍ୱେତାରାଣୀ ମହାନ୍ତ (୪୮ କେଜି ଜୁନିୟର) ସ୍ୱର୍ଣ୍ଣ ପଦକ, ସବିତା ମୁଣ୍ଡା (୫୬ କେଜି ଜୁନିୟର) ସ୍ୱର୍ଣ୍ଣ ପଦକ, ମଞ୍ଜୁ ମୁଣ୍ଡା (୪୫ କେଜି ସିନିଅର) ଓ ଲକ୍ଷ୍ମୀ ମୁଣ୍ଡା (୪୫ କେଜି ଜୁନିୟର) ବ୍ରୋଞ୍ଜ ପଦକ ।



ଏହି ଉଲ୍ଲେଖନୀୟ ସଫଳତା ଅବହେଳିତ ଅଞ୍ଚଳର ପ୍ରତିଭାବାନ ଯୁବକମାନଙ୍କୁ ସଶକ୍ତ କରିବା ଦିଗରେ ଜେଏସପି ଫାଉଣ୍ଡେସନର ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଏ।

କମ୍ପାନୀର ସଭାପତି ତଥା ସିଏସଆର ମୁଖ୍ୟ ଏବଂ କର୍ପୋରେଟ ଯୋଗାଯୋଗ ବିଭାଗ ମୁଖ୍ୟ - ଓଡିଶା, ପ୍ରଶାନ୍ତ କୁମାର ହୋତା, କ୍ରୀଡ଼ାବିତ ମାନଙ୍କର ଉଲ୍ଲେଖନୀୟ ସଫଳତାକୁ ନେଇ ଖୁସି ବ୍ୟକ୍ତ କରିବା ସହ କହିଛନ୍ତି, ଏହି ଆଥଲେଟଙ୍କ ସଫଳତା କ୍ରୀଡ଼ା କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ଏବଂ ଜେଏସପି ଫାଉଣ୍ଡେସନର ସାମାଜିକ ଉନ୍ନତି ମୂଳକ କାର୍ଯ୍ୟକୁ ଦର୍ଶାଉଛି। ଅଧକ୍ଷା ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ଜେଏସପି ଫାଉଣ୍ଡେସନ ଏହି ଆଦିବାସୀ ଅଞ୍ଚଳରେ ଉଭୟ ଆଥଲେଟିକ ଉତ୍କର୍ଷତା ଏବଂ ଗରିବ ଯୁବକମାନଙ୍କର ସାମଗ୍ରିକ ବିକାଶରେ ସାହାଯ୍ୟ କରିଆସୁଛି। ଏହାବ୍ୟତୀତ ଆମର ପ୍ରେରଣାର ଉତ୍ସ ହେଉଛନ୍ତି ଜେଏସପିର ଅଧକ୍ଷ ତଥା ସମ୍ମାନୀୟ ଲୋକସଭା ସାଂସଦ, ନବୀନ ଜିନ୍ଦଲ ଜୀ, ଯିଏ କି ଭାରତର ଆଥଲେଟିକ୍ସ ଏବଂ କ୍ରୀଡ଼ା କ୍ଷେତ୍ରରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ।

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ସାମାଜିକ ଶାଖା, ଜେଏସପି ଫାଉଣ୍ଡେସନ, କେନ୍ଦୁଝର ଜିଲ୍ଲାର ଯୁବକମାନଙ୍କୁ ଉଷୁ ଖେଳିବାକୁ ସହାୟତା ଏବଂ ପ୍ରୋତ୍ସାହନ ଦେଇଆସୁଛି । ଫାଉଣ୍ଡେସନ, ଓଡିଶା ରାଜ୍ୟ ଉଷୁ ଆସୋସିଏସନ ସହଯୋଗରେ, ଗତ ଏକ ଦଶନ୍ଧିରୁ ଅଧିକ ଦିନ ଧରି କେନ୍ଦୁଝର ଜିଲ୍ଲା ଉଷୁ ଦଳକୁ ପୃଷ୍ଠପୋଷକତା କରିଆସୁଛି। ଫାଉଣ୍ଡେସନ ପକ୍ଷରୁ ତାଲିମ କେନ୍ଦ୍ରର ବିକାଶ, ଜାତୀୟ ସ୍ତରର ପ୍ରଶିକ୍ଷକଙ୍କ ଦ୍ୱାରା ତାଲିମ ସୁବିଧା, ଖେଳାଳିଙ୍କ ପାଇଁ ପୁଷ୍ଟିକର ଖାଦ୍ୟ, ପୋଷାକ ଏବଂ ପରିବହନ ସୁବିଧା ଇତ୍ୟାଦି ପ୍ରଦାନ କରାଯାଉଛି । ଉଷୁ ବ୍ୟତୀତ ଜେଏସପି ଫାଉଣ୍ଡେସନ ଦେଶର ୩୦,୦୦୦ରୁ ଅଧିକ ଗ୍ରାମୀଣ ଓ ଆଦିବାସୀ କ୍ରୀଡ଼ା ପ୍ରତିଭାଙ୍କୁ ମାର୍ଶାଲ ସ୍ପୋର୍ଟସ, ମହିଳା ହକି, ପୁରୁଷ ହକି, ମହିଳା ଫୁଟବଲ, କବାଡ଼ି, ଖୋ-ଖୋ ଏବଂ କ୍ରିକେଟରେ ପ୍ରୋତ୍ସାହିତ କରୁଛି ।

# ଦୁର୍ବୃତ୍ତଙ୍କ ଅମାନବୀୟ କାଣ୍ଡ : ଚା ଦୋକାନୀ ଉପରକୁ ଫିଙ୍ଗିଲେ ଗରମ ଚା

**କଟକ : ନ୍ୟୁଜ୍ ବ୍ୟୁରୋ**

ଦୁର୍ବୃତ୍ତଙ୍କ ଅମାନବୀୟ କାଣ୍ଡ। ତତଲା ଚା ହାଣ୍ଡି ଢାଳିଲେ ଦୁର୍ବୃତ୍ତ। କଟକ ନରଦା ପଞ୍ଚାୟତ ନାନପୁରର ଘଟଣା। ପହିଲି ରଜ ସନ୍ଧ୍ୟାରେ ଚା ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ରବୀନ୍ଦ୍ର ତରାଇଙ୍କ ଉପରକୁ କିଛି ଗରମ ଚା ଫୋପାଡିଥିଲେ ଦୁର୍ବୃତ୍ତ । କେବଳ ଚା ଫିଙ୍ଗିନଥିଲେ ଗାଳିଗୁଲଜ ବି କରିଥିଲେ। ଗୁରୁତର ଅବସ୍ଥାରେ ରବୀନ୍ଦ୍ର ତରାଇଙ୍କୁ ସ୍ଥାନୀୟ ଲୋକେ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ମେଡିକାଲକୁ ସ୍ଥାନାନ୍ତର ହୋଇଥିଲା । ଏ ସଂପର୍କରେ ପରିବାର ପକ୍ଷରୁ ସାଲେପୁର ଥାନାରେ ଅଭିଯୋଗ ହୋଇଛି । ପୋଲିସ ତଦନ୍ତ ଆରମ୍ଭ କରିଛି । ଦିନକୁ ଦିନ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ବଢ଼ିବାରୁ ଏଭଳି କାଣ୍ଡ ଘଟିଥିବା ସନ୍ଦେହ ହେଉଛି।

# ମେଟ୍ରୋ ରେଳ ପ୍ରକଳ୍ପରେ ବଳିପଡ଼ିବ ହଜାରେରୁ ଅଧିକ ଗଛ

**ଭୁବନେଶ୍ୱର : ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱରରେ ନିର୍ମାଣଧୀନ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ହଜାରରୁ ଅଧିକ ଗଛ ବଳି ପଡ଼ିବ। ଯେଉଁ ରାସ୍ତା ଦେଇ ପ୍ରକଳ୍ପ ଯିବାକୁ ନକ୍ସା ପ୍ରସ୍ତୁତ ହୋଇଛି ସେଠାରେ ବହୁ ପରିମାଣର ଗଛ ରହିଛି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବିମାନବନ୍ଦରଠାରୁ ତ୍ରିଶୂଳିଆ ଛକ ଯାଏଁ ପ୍ରାୟ ୨୬ କିଲୋମିଟର ପର୍ଯ୍ୟନ୍ତ ଏହି ଟ୍ରେନ୍ ଚାଲିବ। ଉଭୟ ଆରମ୍ଭ ଓ ଶେଷ ଷ୍ଟେସନ ମଝିରେ କ୍ୟାପିଟାଲ ହସ୍ପିଟାଲ, ଶିଶୁ ଭବନ ଛକ, ବାପୁଜୀ ନଗର, ଭୁବନେଶ୍ୱର ରେଳଷ୍ଟେସନ, ବାଣୀବିହାର, ଜୟଦେବ ବିହାର, ଡମଣା ଛକ, ପଟିଆ ଛକ, କିଟ୍ ଛକ, ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପରି ୨୦ଟି ସ୍ଥାନରେ ଷ୍ଟେସନ କରିବାକୁ ନିଷ୍ପତ୍ତି ହୋଇଛି । ଯେଉଁ ନକ୍ସା ପ୍ରସ୍ତୁତ ହୋଇଛି ସେଥିରେ ରାସ୍ତାର ମିଡିଆନ୍‌ରେ ଖୁଣ୍ଟଗୁଡ଼ିକ ନିର୍ମାଣ କରାଯିବ। ମେଡିଆନ୍‌ର ଉଭୟ ପାର୍ଶ୍ୱରେ ରେଳପଥ ପାଇଁ ୩.୫ ମିଟର ଲେଖାଏଁ ଏବଂ ଦୁଇଟି ଖୁଣ୍ଟ ମଧ୍ୟରେ ଦୂରତା ୨୮ ମିଟର ରହିବ। ଓଭରହେଡ୍ ଟ୍ରାକ୍ ନିର୍ମାଣ ହେବାକୁ ଥିବାରୁ ମେଡିଆନ୍‌ରେ ଥିବା ଗଛଗୁଡ଼ିକ ପ୍ରଭାବିତ ହେବା ଏକପ୍ରକାର ଥୟ।



ବିଶେଷକରି ରାଜମହଲ ଛକରୁ ବାଣୀବିହାର ଛକ, ବାଣୀବିହାରରୁ ଜୟଦେବ ବିହାର, କିଟ୍ ଛକରୁ ତ୍ରିଶୁଳିଆ ଛକ ମଧ୍ୟରେ ଥିବା ମେଡିଆନ୍‌ରେ ପ୍ରାୟ ଏକ ହଜାର ଗଛ ରହିଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ସୌନ୍ଦର୍ଯ୍ୟୀକରଣ ମଧ୍ୟ ହୋଇଛି । ପ୍ରକଳ୍ପ ପାଇଁ ୪ରୁ ୫ ବର୍ଷ ତଳେ ଲଗାଯାଇଥିବା ଏହି ଗଛ ସହ ସୌନ୍ଦର୍ଯ୍ୟୀକରଣ ପାଇଁ ଲାଗିଥିବା ଗଛଗୁଡ଼ିକୁ ମଧ୍ୟ ଏବେ କାଟିବାକୁ ପଡ଼ିବ। ଗଛଗୁଡ଼ିକ ଛୋଟ ହୋଇଥିବାରୁ ତାହାକୁ ନଷ୍ଟ କରିବା ବଦଳରେ ସୁରକ୍ଷା ଦେବାକୁ ମତପ୍ରକାଶ କରିଛନ୍ତି ପରିବେଶବିତ୍। ସତ୍ୟବ୍ରତ ମିଶ୍ରଙ୍କ କହିବାନୁଯାୟୀ ଗତ ୧୪ ବର୍ଷ ମଧ୍ୟରେ ଏହି ରାସ୍ତାଗୁଡ଼ିକର ସମ୍ପ୍ରସାରଣ ପାଇଁ ବାରମ୍ବାର ଗଛ କାଟିବାକୁ ପଡ଼ିଛି । ରାଜମହଲରୁ ବାଣୀବିହାର ମଧ୍ୟରେ ବହୁ ପୁରୁଣା ବର, ଆମ୍ବ, ପଣସ, ଜାମୁ, କରଞ୍ଜ, ଦେବଦାରୁ ପରି ବିଶାଳ ବୃକ୍ଷ କଟାଯାଇଥିଲା। ସମ୍ପ୍ରସାରଣ ପରେ ନୂଆ ଗଛ ଲଗାଯାଇଥିଲେ ମଧ୍ୟ ତାହା ପୂର୍ବଭଳି ବଡ଼ ହୋଇପାରୁ ନାହିଁ କି ଲୋକଙ୍କୁ ସେବା ଯୋଗାଇପାରୁ ନାହିଁ । ଏବେ ଯେଉଁ ଗଛଗୁଡ଼ିକ ଲଗାଯାଇଛି ତାହା ମଧ୍ୟ ସେତେଟା ଉପଯୋଗୀ ହୋଇପାରୁ ନ ଥିବାରୁ ଗ୍ରୀଷ୍ମ ଦିନରେ ସହରରେ ଅସମ୍ଭାଳ ତାତି ଅନୁଭୂତ ହେଉଛି।

ଜୁନ୍ ମାସରେ ମଧ୍ୟ ପାରଦ ୪୦ ଡିଗ୍ରୀ ଉପରେ ରହୁଛି । ଖରାରେ ଟିକିଏ ଛାଇ ପାଇବାକୁ ଲୋକେ ଆଉଟୁପାଉଟୁ ହେଉଛନ୍ତି । ତ୍ରିଶୁଳିଆରୁ ବାରଙ୍ଗ ରାସ୍ତା ସମ୍ପ୍ରସାରଣ ଚାଲିଥିବାରୁ ପାଖାପାଖି ୩୦୦ ଗଛ କଟା ସରିଲାଣି । ଆଗକୁ ଆହୁରି କେତେ ଗଛ ବଳି ପଡ଼ିବ ତାହା କହିବା ମୁସ୍କିଲ । ତେଣୁ ମେଡିଆନ୍‌ରେ ଥିବା ଗଛଗୁଡ଼ିକୁ ସୁରକ୍ଷିତ ଭାବେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ପାରିବ। କିଛି ନ ହେଲେ ମଧ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଖୋଲା ସ୍ଥାନରେ ପୁଣିଥରେ ରୋପଣ କରାଗଲେ ସହରବାସୀ ଉପକୃତ ହୋଇପାରିବେ। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଜଣେ ଅଧିକାରୀଙ୍କ କହିବାନୁଯାୟୀ, ଭୁବନେଶ୍ୱର ସହରରେ ଗଛ ସୁରକ୍ଷା ଦିଗରେ ସବୁବେଳେ ଗୁରୁତ୍ୱ ଦିଆଯାଉଛି । ମେଟ୍ରୋ ପ୍ରକଳ୍ପ ପାଇଁ କେତେ ଗଛ ପ୍ରଭାବିତ ହେବ ତାହାର ଚୂଡ଼ାନ୍ତ ରିପୋର୍ଟ ଏଯାଏ ଆସି ନାହିଁ । କାମ କରୁଥିବା ବିଭାଗର ଯନ୍ତ୍ରୀଙ୍କ ରିପୋର୍ଟ ପରେ ଆମେ ପଦକ୍ଷେପ ନେବୁ । ତେବେ ଗୋଟିଏ କଥା ଦେଖିବାକୁ ମିଳିଛି ଯେ ମେଡିଆନ୍‌ରେ ଥିବା ଗଛଗୁଡ଼ିକ ଏଇ କିଛି ବର୍ଷ ତଳେ ଲଗାଯାଇଥିଲା। ସେଗୁଡ଼ିକ ଛୋଟ ହୋଇଥିବାରୁ ତାହାକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇପାରିବ। ଏଦିଗରେ ଆମେ ପଦକ୍ଷେପ ନେଉଛୁ । ଗଛ ଯେମିତି କଟା ନ ହେବ ସେଦିଗରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଛୁ।

ସୂଚନାଯୋଗ୍ୟ ଯେ ୨୦୨୩ ଉତ୍କଳ ଦିବସ ଅବସରରେ ମେଟ୍ରୋ ଟ୍ରେନ୍ ପ୍ରକଳ୍ପକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଥିଲେ। ଏଥିସହ ଭୁବନେଶ୍ୱର ବିମାନବନ୍ଦରରୁ କଟକର ତ୍ରିଶୁଳିଆ ପର୍ଯ୍ୟନ୍ତ ମେଟ୍ରୋ ଟ୍ରେନ୍ ଚଳାଚଳ କରିବ ଓ ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ଓ କଟକ ସହ ଭୁବନେଶ୍ୱର ଓ କଟକ ସହରର ଅନ୍ୟ ଅଞ୍ଚଳରେ ଚଳାଚଳ କରିବ ବୋଲି ଘୋଷଣା କରିଥିଲେ। ୨୦୨୪ ଜାନୁଆରୀ ପହିଲା ତଥା ନୂଆବର୍ଷରେ ପ୍ରକଳ୍ପର ମୂଳଦୁଆ ପଡ଼ିଥିଲା।

# ରକ୍ତଦାନର ଉପକାରିତା ବୁଝାଇଲେ ସିଡିଏମଓ

**କଣ୍ଟାବାଞ୍ଜି : ନ୍ୟୁଜ୍ ବ୍ୟୁରୋ**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସ୍ଥାନୀୟ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ସ୍ଥାନୀୟ ବିଜୁ ପଟ୍ଟନାୟକ ରକ୍ତ କେନ୍ଦ୍ର ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର କୁବେର ଚନ୍ଦ୍ର ମହନ୍ତ, ସମ୍ମାନିତ ଅତିଥି ଭାବେ ନଗରପାଳ ବରିୟମ ସିଂ ସାଲୁଜା ଯୋଗଦେଇଥିଲେ । ମଞ୍ଚରେ ମେଡିକାଲ ଅଫିସର ଡାକ୍ତର ରାକେଶ ପଣ୍ଡିତ, ବ୍ଲଡ ବ୍ୟାଙ୍କ ଅଧିକାରୀ ଡାକ୍ତର ମାତା ଶ୍ରଦ୍ଧାଞ୍ଜଳି , ଡାକ୍ତର ଇପ୍ସିତା ବେହେରା, ଡାକ୍ତର ବେଣୁଧର ରାଉତ ସହ ମାରୱାଡି ଯୁବା ମଞ୍ଚ ବିକାଶ ଶାଖାର ସଭାପତି ଅଜୟ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲଡ ବ୍ୟାଙ୍କ କମିଟି ସଦସ୍ୟ ଆଶିଷ ଖଇତାନ ମଞ୍ଚ ପରିଚାଳନା କରିଥିଲେ। ୨୦୨୩-୨୦୨୪ ବର୍ଷରେ ରକ୍ତଦାନ ଶିବିର ଆୟୋଜନ କରିଥିବା ପ୍ରେସ କ୍ଲବ, ତେରାପନ୍ଥ ଯୁବକ ପରିଷଦ, ମାରୱାଡି ଯୁବା ମଞ୍ଚ ବିକାଶ ଶାଖା, ଅଲ ଇଣ୍ଡିଆ ମୋବାଇଲ ରିଟେଲ ଆସୋସିଏସନ୍, ମାରୱାଡି ଯୁବା ମଞ୍ଚ ପ୍ରଗତି ମହିଳା ଶାଖା ସହ ବିଭିନ୍ନ ସଂଗଠନକୁ ସମ୍ମାନିତ କରାଯାଇଥିଲା।

# ଏସ୍‌ସିବିରେ ନିୟମିତ ହେବ ଯକୃତ ପ୍ରତିରୋପଣ ଓପିଡି

**କଟକ : ନ୍ୟୁଜ୍ ବ୍ୟୁରୋ**

ଏସ୍‌ସିବିରେ ଭିତ୍ତିଭୂମି ପ୍ରସ୍ତୁତ ଯକୃତ ପ୍ରତିରୋପଣ ନିମନ୍ତେ ମହଜୁଦ ହୋଇରହିଛି । ସମସ୍ତ ପ୍ରକାର ଅତ୍ୟାଧୁନିକ ମେସିନ ପ୍ରତିରୋପଣ ନିମନ୍ତେ ଉଦ୍ଦିଷ୍ଟ ମଡ୍ୟୁଲାର ଓ.ଟି ସର୍ବୋତ୍କୃଷ୍ଟ ବୋଲି ବିବେଚନା କରାଯାଉଛି । ଏହି ପରିପ୍ରେକ୍ଷୀରେ ବଡ ମେଡିକାଲରେ ଯକୃତ ପ୍ରତିରୋପଣ ସଂଖ୍ୟା ବୃଦ୍ଧି ଦିଗରେ ଏବେ ଗୁରୁତ୍ୱ ଦେଉଛନ୍ତି। ମେଡିକାଲ କର୍ତ୍ତୃପକ୍ଷ ରାଜ୍ୟର ବିଭିନ୍ନ ପ୍ରାନ୍ତର ଯକୃତ ରୋଗୀ କିପରି ନିଃଶୁଳ୍କରେ ପ୍ରତିରୋପଣ ଭଳି ମହଙ୍ଗା ଚିକିତ୍ସା ସେବା ପାଇବେ ତାହାକୁ ବିଶେଷ ଦୃଷ୍ଟି ଦିଆଯାଉଛି। ସୁପରସ୍ପେସିଆଲିଟି ଆଉଟଡୋର୍‌ର ୧୬ନମ୍ବର ରୁମ୍‌ରେ ପ୍ରତି ଗୁରୁବାର ଓ.ପି.ଡି କାର୍ଯ୍ୟ କରିବ। ଏବେ ଓ.ପି.ଡି ରହିଥିଲେ ସୁଦ୍ଧା ଏହାକୁ ନିୟମିତ କରିବା ଦିଗରେ ଅଗ୍ରାଧିକାର ଦେଇଛନ୍ତି କର୍ତ୍ତୃପକ୍ଷ। ଅନ୍ୟପକ୍ଷରେ ଏସ୍‌ସିବିରେ ଦ୍ୱିତୀୟ ଯକୃତ ପ୍ରତିରୋପଣ ନିମନ୍ତେ ଉଦ୍ୟମ ଆରମ୍ଭ କରାଯାଇଛି । ଏସିଆନ୍ ଇନଷ୍ଟିଚ୍ୟୁଟ ଅଫ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି (ଏଆଇଜି)ର ଡାକ୍ତରୀ ଦଳ ପହଞ୍ଚି ପ୍ରତିରୋପଣ ନିମନ୍ତେ ଅପେକ୍ଷାରତ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି ।



ଏଆଇଜି ଲିଭର୍ ଟ୍ରାନ୍ସପ୍ଲାଣ୍ଟ ୟୁନିଟ ନିର୍ଦ୍ଦେଶକ ତଥା ମୁଖ୍ୟ ପି. ବାଲଚନ୍ଦ୍ରନ ମେନନ୍ ଓ ଉପସଭାପତି ସନ୍ତୋଷ ସାହୁ ଗୁରୁବାର ଏସ୍‌ସିବି ଆସିଥିଲେଫ ଏଆଇଜି ଡାକ୍ତରଙ୍କ ସମେତ ଏସ୍‌ସିବି ମେଡିକାଲର ଡାକ୍ତରୀ ଦଳ ମଧ୍ୟ ଯୋଗ ଦେଇଥିଲେ। ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ର, ଏସ୍‌ସିବି ଲିଭର ଟ୍ରାନ୍ସପ୍ଲାଣ୍ଟ ୟୁନିଟ ମୁଖ୍ୟ ତଥା ନୋଡାଲ ଅଫିସର ପ୍ରଫେସର ଡାକ୍ତର ରାଜେଶ ଦୋରା, ପ୍ରଫେସର ଡାକ୍ତର ସୁଶାନ୍ତ ଜେନା, ଡାକ୍ତର ମାନସ ବେହେରା, ଡାକ୍ତର ରାକେଶ ବାରିକ, ଡାକ୍ତର ମନୋଜ ପାଣି, ଡାକ୍ତର ଲକ୍ଷ୍ମୀନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୋଟ୍ ୧୪ଜଣ ଯକୃତ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଇନଡୋର ଓପିଡିରେ ୪ଜଣଙ୍କ ସ୍କ୍ରିନିଂ ହୋଇଥିବା ବେଳେ ଆଉଟଡୋର ଓପିଡିରେ ୧୦ଜଣ ରୋଗୀ ଡାକ୍ତରଙ୍କୁ ଭେଟିଥିଲେ । ତେବେ ଇନଡୋର ଓପିଡିକୁ ଆସିଥିବା ୪ଜଣ ରୋଗୀଙ୍କ ଭିତରୁ ୨ଜଣଙ୍କ ପ୍ରତିରୋପଣ କରାଯିବ ବୋଲି ସବୁଜ ସଙ୍କେତ ମିଳିଛି । ଉକ୍ତ ଦୁଇ ରୋଗୀଙ୍କୁ ଯିଏ ଯକୃତ ଦାନ କରିବେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଖୁବଶୀଘ୍ର ଆରମ୍ଭ କରାଯିବ। ଏସ୍‌ସିବି ମେଡିକାଲର ଡାକ୍ତର ପ୍ରତିରୋପଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବେ । ଏପରିସ୍ଥଳେ ଯାହା ସହଯୋଗ ଆବଶ୍ୟକ ହେବ, ତାହା ଏଆଇଜି ପକ୍ଷରୁ ଯୋଗାଇ ଦିଆଯିବ। ଅନ୍ୟପକ୍ଷରେ ପ୍ରଥମ ଯକୃତ ପ୍ରତିରୋପିତ ହୋଇଥିବା ତିଗିରିଆ ଅଞ୍ଚଳର ମାନସ କୁମାର ବାରିକ ଗୁରୁବାର ବଡ ମେଡିକାଲ ଆସିଥିଲେ। ସେ ସମ୍ପୂର୍ଣ୍ଣ ବିପଦମୁକ୍ତ ହୋଇଛନ୍ତି ବୋଲି ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ସ୍ପଷ୍ଟ କରିଛନ୍ତି ମେଡିକାଲ କର୍ତ୍ତୃପକ୍ଷ। ପ୍ରତିରୋପଣର ଗୋଟିଏ ମାସ ପରେ ମାନସଙ୍କୁ ଡିସଚାର୍ଜ କରାଯାଇଥିଲା। ହେଲେ ସେ କଟକରେ ରହୁଥିଲେ। ପ୍ରତି ସପ୍ତାହରେ ଆସି ଡାକ୍ତରଙ୍କୁ ଭେଟୁଥିଲେ। ତାଙ୍କ ପ୍ରତି ସଂକ୍ରମଣର ଭୟ ଥିଲା। ହେଲେ ଗୁରୁବାର ଶେଷଥର ନିମନ୍ତେ ସ୍ୱାସ୍ଥ୍ୟପରୀକ୍ଷା କରାଯିବା ପରେ ସେ ସମ୍ପୂର୍ଣ୍ଣ ଆରୋଗ୍ୟଲାଭ କରିଥିବା ଜଣାପଡ଼ିଛି । ମାନସ ତିଗିରିଆ ଫେରିଥିଲେ। ପ୍ରକାଶଯୋଗ୍ୟ, ଦୀର୍ଘ ୧୧ ବର୍ଷ ଧରି ଯକୃତ ପ୍ରତିରୋପଣ ନେଇ ଲାଗି ରହିଥିବା ଦ୍ୱନ୍ଦରେ ପୂର୍ଣ୍ଣଚ୍ଛେଦ ପଡିଥିଲା। ଗତ ଏପ୍ରିଲ ୩ ତାରିଖରେ ବଡ ମେଡିକାଲରେ ପ୍ରଥମ ଯକୃତ ପ୍ରତିରୋପଣ ସଫଳତାର ସହ ସମ୍ପନ୍ନ ହୋଇଥିଲା, ଯାହା ରାଜ୍ୟର ସର୍ବବୃହତ ସରକାରୀ ହସ୍ପିଟାଲ ତଥା ଏସ୍‌ସିବି ମେଡିକାଲ ସମେତ ସମଗ୍ର ରାଜ୍ୟ ପାଇଁ ଗୌରବର ବିଷୟ ପାଲଟିଥିଲା। ମାନସଙ୍କ ପତ୍ନୀ ରଶ୍ମିତା ବାରିକ ଯକୃତ ଦାନ କରିଥିଲେ। ପ୍ରଥମ ପ୍ରତିରୋପଣର ସଫଳତା ପରେ ଦ୍ୱିତୀୟ ପ୍ରତିରୋପଣ ନିମନ୍ତେ ଏସ୍‌ସିବି କର୍ତ୍ତୃପକ୍ଷ ପ୍ରସ୍ତୁତି ଆରମ୍ଭ କରିଛନ୍ତି।








ଭୁବନେଶ୍ୱର : ଜୟ ମା' ଭବାନୀ ଚାରିଟେବୁଲ ଟ୍ରଷ୍ଟର ୭ମ ବାର୍ଷିକ ଉତ୍ସବ ପାଳନ ଅବସରରେ ଉତ୍କଳ ରଙ୍ଗମଞ୍ଚ ପରିସରରେ ଆୟୋଜିତ ସଭାରେ ପଣ୍ଡିତ ଦାସରଥୀ ସାମନ୍ତରାୟଙ୍କୁ 'ଉତ୍କଳଶ୍ରୀ' ସମ୍ମାନରେ ସମ୍ମାନିତ କରୁଛନ୍ତି ମୁଖ୍ୟ ଅତିଥି ବାବା ରାମନାରାୟଣ ଦାସ ମହାରାଜ। ନିକଟରେ ଅଛନ୍ତି ଅନୁଷ୍ଠାନର ସଭାପତି ଡ. ନାରାୟଣ ମହାପାତ୍ର, ସମ୍ମାନିତ ଅତିଥି ଶାଶ୍ୱତୀ ମିଶ୍ର ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

## ବେଗୁନିଆ-ବାଘମାରି ରାସ୍ତାରେ ଓଲଟିଲା ବସ୍

**ଖୋର୍ଦ୍ଧା, ନ୍ୟୁଜ ବ୍ୟୁରୋ**

୫୭ ନଂ ଜାତୀୟ ରାଜପଥର ବେଗୁନିଆ-ବାଘମାରି ରାସ୍ତାରେ ଓଲଟିଲା ବସ୍ । ବସ୍‌ଟି ଫୁଲବାଣୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଆହତ ହୋଇଥିବା ଦୁଇ ଜଣ ଯାତ୍ରୀଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ଆଉ ବସ୍‌ରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି । ଷ୍ଟିଅରିଂ ତ୍ରୁଟି ବାହାରିବାରୁ ନିୟନ୍ତ୍ରଣ ହରାଇ ଓଲଟି ପଡିଥିଲା ବସ୍। ସ୍ଥାନୀୟ ଲୋକେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି ।

# ନିଟ୍ ପରୀକ୍ଷା ମାମଲାରେ ଅଦାଲତ ନିଷ୍ପତ୍ତି ଆମେ ମାନିବୁ : କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର

**ନୂଆଦିଲ୍ଲୀ,**

ନିଟ୍ ପରୀକ୍ଷାକୁ ନେଇ ଚାଲିଥିବା ବିବାଦ ବେଳକୁ ବେଳ ଜଟିଳ ହେବାକୁ ଲାଗି ଥିବାବେଳେ ପ୍ରଶ୍ନପତ୍ର ଲିକ୍ ଘଟଣା ଅଭିଯୋଗ କରି ଏହାର ସିବିଆଇ ତଦନ୍ତ କରିବାକୁ ସୁପ୍ରିମକୋର୍ଟରେ ମାମଲା ରୁଜୁ ହୋଇଥିଲା। ଏହି ପ୍ରସଙ୍ଗରେ ଶୁଣାଣି ସୁପ୍ରିମକୋର୍ଟ କରି କେନ୍ଦ୍ର ସରକାର ଏବଂ ଏନଟିଏକୁ ଦୁଇ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ନୋଟିସ୍ ଜାରି କରିଛନ୍ତି । ଏହାମଧ୍ୟରେ ନିଟ୍ ପରୀକ୍ଷାର୍ଥୀ ଏବଂ ସେମାନଙ୍କ ଅଭିଭାବକ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଛନ୍ତି । ଗୁଜରାଟର



ଏକ ନିର୍ଦ୍ଦିଷ୍ଟ କେନ୍ଦ୍ରରେ ପରୀକ୍ଷା ଦେବାକୁ କେତେକ ରାଜ୍ୟର ପରୀକ୍ଷାର୍ଥୀ ୧୦ ଲକ୍ଷ ଲେଖାଏଁ ଟଙ୍କା ଲାଞ୍ଚ ଦେଇଥିଲେ । ଏହି ବିଷୟ ଜଣାପଡ଼ିବା ପରେ ସଂପୃକ୍ତ କେନ୍ଦ୍ରର ୪ ପର୍ଯ୍ୟବେକ୍ଷକଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ଠାରୁ ଏଭଳି ୨୦ରୁ ୩୦ ପରୀକ୍ଷାର୍ଥୀଙ୍କ ତଥ୍ୟ ମିଳିଥିଲା ବୋଲି ଛାତ୍ରଛାତ୍ରୀମାନେ କେନ୍ଦ୍ର ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ପରୀକ୍ଷାରେ ଅନିୟମିତତା କିମ୍ବା ପ୍ରଶ୍ନପତ୍ର ଲିକ୍‌କୁ ନେଇ ଯେଉଁ ଅଭିଯୋଗ ହୋଇଛି ସେ ସମ୍ପର୍କରେ ଯାଞ୍ଚ କରିବାକୁ ଏନଟିଏ ପକ୍ଷରୁ ସ୍ୱତନ୍ତ୍ର କମିଟି ଯାଞ୍ଚ କରୁଛି। ଏହାଛଡ଼ା ନିଟ୍ ପରୀକ୍ଷା ବିବାଦକୁ ନେଇ ଅଦାଲତ ଯାହା ନିଷ୍ପତ୍ତି ନେବେ ତାହାକୁ ଆମେ ମାନିବୁ ବୋଲି ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

# ପହିଲି ରଜରେ ଉଡ଼ିଗଲା ସାଢ଼େ ୫ କୋଟିର ଆମିଷ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପହିଲି ରଜ, ତା' ପୁଣି ଶୁକ୍ରବାର। ଉପରକୁ ମେଘୁଆପାଗ। ଆମିଷପ୍ରିୟଙ୍କ ପାଇଁ ତେଣୁ ସୃଷ୍ଟି ହୋଇଥିଲା ଅପୂର୍ବ ସଂଯୋଗ। ଆଜି ପହିଲି ରଜରେ ଆମିଷ ପାଇଁ ଦୋକାନରେ ସକାଳୁ ଗହଳି ଆରମ୍ଭ ହୋଇ ଦିନ ୮ରୁ ୧୦ ଭିତରେ ପ୍ରବଳ ଗହଳି ଦେଖା ଯାଇଥିଲା। ରାଜଧାନୀରେ ଆଜି ଦିନକରେ ଅଢ଼େଇ କୋଟି ଟଙ୍କାର ମଟନ୍ ବିକ୍ରି ହୋଇଥିବା କୁହାଯାଉଛି। ଅନେକ ସ୍ଥାନରେ ଖାସିମାଂସ କିଲୋ ୮୦୦ ଟଙ୍କାକୁ ଟପି ଯାଇଥିଲା। ଲୋକେ ସେଥିରେ ବି ଅରାଜି ନଥିବା ଦେଖିବାକୁ ମିଳିଥିଲା। ବ୍ୟବସାୟୀମାନେ ରଜ ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି କରି ଉଦଳା, ସୋର, ବାରିକପୁର, ଗଣିହା, ଯଶିପୁର, ମୟୂରଭଞ୍ଜ, ଦଶପଲ୍ଲା, ନୟ ?ାଗଡ଼, ଖୋର୍ଦ୍ଧ ?ା, ଏପରିକି କୋଲକାତାରୁ ଖାସି ଅଧିକ ସଂଖ୍ୟାରେ ଖାସି ଆଣି ରଖିଥିଲେ ବି ଅନେକ ଗ୍ରାହକ ହତାଶ ହୋଇଥିଲେ। ସେହିପରି ବ୍ରଏଲ ? କୁକୁଡ଼ା କେଜି




୨୪୦ରୁ ୧୫୦ ଟଙ୍କାରେ ବିକ୍ରି ହୋଇଥିବା ବେଳେ କଲ ? ବାର୍ଡ ୨୫୦ ଓ ଦେଶୀ ୬୫୦ ଟଙ୍କାରେ ବିକ୍ରି ହୋଇଥିଲା। ଆଜି ଭୁବନେଶ୍ୱରିଆ ଦେଢ଼କୋଟିର ଚିକେନ୍ ଖାଇଛନ୍ତି। ସେହିପରି ମାଛ ପ୍ରାୟ କୋଟିଏ ଟଙ୍କାର ବିକ୍ରି ହୋଇଥିବା ଜଣା ପଡ଼ିଛି। ?ରୋହି ?କେଜି ୧୬୦ ରୁ ୨୦୦ ଟଙ୍କା ଥିବାବେଳେ, ଭାକୁର ୨୪୦ରୁ ୨୬୦, ଜଳଙ୍ଗା, ମିରକାଳି ୨୦୦, ଚିଙ୍ଗୁଡ଼ି ସାଇଜ୍ ? ଅନୁସାରେ ୨୦୦ ରୁ ୪୦୦, କଙ୍କଡ଼ା ସାଇଜ୍ ? ଅନୁସାରେ ୩୫୦ରୁ ୧୨୦୦, ପୋହଳା ୨୦୦, ମହୁରାଳି ୨୦୦ ଟଙ୍କାରେ ବିକ୍ରି ହୋଇଥିଲା। ପହିଲି ରଜରେ ରାଜଧାନୀରେ ପ୍ରାୟ ୫ କୋଟି ଟଙ୍କାର ଆମିଷ ବ୍ୟବସାୟ ହୋଇଛି ବୋଲି ଅଲ୍ ଓଡ଼ିଶା ନନ୍ ?ଭେଜ୍ ?ଟ୍ରେଡର୍ସ ଫେଡେରେସନର ରାଜ୍ୟ ସଭାପତି ସେଖ୍ ? ମୁନ୍ତାକିମ୍ ? ବକ୍ସ ସୂଚନା ଦେଇଛନ୍ତି। ୟୁନିଟ୍-୪ ମାର୍କେଟ୍ ମାଂସ ଓ ମାଛ ପାଇଁ ଜଣାଶୁଣା ହୋଇଥିବାରୁ ସେଠାରେ ଅଧିକ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ୟୁନିଟ୍ ?-୮, ଖଣ୍ଡଗିରି, ପାତ୍ରପଡ଼ା, ହଂସପାଳ, ନୀଳାଦ୍ରିବିହାର, ବରଗଡ଼, ବାଲିଅନ୍ତା ଆଦି ସ୍ଥାନରେ ଆମିଷ ବିକ୍ରି ହୋଇଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ଓଏସ୍‌ଇଏଫଡ଼ି ସଂଘର କାର୍ଯ୍ୟକର୍ତ୍ତା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କ ଶିକ୍ଷାର ବିକାଶ ନିମନ୍ତେ ସର୍ବଦା ଚେଷ୍ଟିତ ସଂଘ ଓଡ଼ିଶା ସ୍ପେସିଆଲ ଏଜୁକେଟର ଫେଡ଼େରସନ ଫର ଦିବ୍ୟାଙ୍ଗ (ଓଏସ୍‌ଇଏଫଡ଼ି) ସଂଘର ରାଜ୍ୟ ଯୁଗ୍ମ ସମ୍ପାଦକ ଆୟୁଷ୍ମାନ ଚୌଧୁରୀ ଓ ସହ କୋଷାଧକ୍ଷ ରାକେଶ କୁମାର ସାହୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝିଙ୍କୁ ସାକ୍ଷାତ କରିଥିଲେ। ପ୍ରତ୍ୟେକ ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କ ଶିକ୍ଷା ପାଇଁ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନିମନ୍ତେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଏପରିକି ଓଡ଼ିଶାରେ ୬୪୦୦୦ରୁ ଅଧିକ ସାଧାରଣ ବିଦ୍ୟାଳୟ ଅଛି ଏବଂ ପ୍ରାୟ ୧ ଲକ୍ଷ ୫୦ ହଜାର ବିଶେଷ ଅବଶ୍ୟକ ରଖିଥିବା ପିଲା ଏହି ବିଦ୍ୟାଳୟ ମାନଙ୍କରେ ନାମ ଲେଖାଇଛନ୍ତି କିନ୍ତୁ ସେମାନଙ୍କୁ ପଢ଼ାଇବା ପାଇଁ ତାଲିମପ୍ରାପ୍ତ ସ୍ୱତନ୍ତ୍ର ଶିକ୍ଷକଙ୍କ ଆବଶ୍ୟକତା ରହିଛି ଯାହାର କି ସମ୍ପୂର୍ଣ୍ଣ ଅଭାବ ରହିଛି ଏବଂ ଆଜି ଯାଏଁ ସାଧାରଣ ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। ସୁପ୍ରିମକୋର୍ଟ ପ୍ରାଥମିକ ବିଦ୍ୟାଳୟରେ ୧୦ ଜଣ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କ ପାଇଁ ଜଣେ ସ୍ୱତନ୍ତ୍ର ଶିକ୍ଷକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍ତରରେ ୧୫ ଜଣ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କ ପାଇଁ ଜଣେ ସ୍ୱତନ୍ତ୍ର ଶିକ୍ଷକ ଏବଂ ଯେଉଁ ବିଦ୍ୟାଳୟରେ ଜଣେ ବିଦିବ୍ୟାଙ୍ଗ ବିଦ୍ୟାର୍ଥୀ ଶିକ୍ଷା ଗ୍ରହଣ କରୁଥିବ ସେଠାରେ ଜଣେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ, ତତ୍‌ସହିତ ବାରମ୍ବାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ହେଲା ନାହିଁ। ଏହି ନିଯୁକ୍ତି ପାଇଁ ଆମ ସଂଘ ପକ୍ଷରୁ ପୂର୍ବ ସରକାରଙ୍କୁ ବାରମ୍ବାର ଅନୁରୋଧ କଲୁ, ଅହୋରାତ୍ର ଧାରଣା



ଦେଇଥିଲେ ମଧ୍ୟ କିଛି ସୁଫଳ ମିଳିଲା ନାହିଁ। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଓଡ଼ିଶାରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କର ଉତ୍ତମ ଶିକ୍ଷା ପାଇଁ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରିବେ ସଂଘ ଆଶାବାଦୀ ରହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୁଖ୍ୟମନ୍ତ୍ରୀଙ୍କ ହାତରେ...

ସେହିପରି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଭାବେ ଶପଥ ନେଇଥିବା ୫ ଜଣଙ୍କୁ ମଧ୍ୟ ଶନିବାର ବିଭାଗ ମିଳିଛି। ଏହି କ୍ରମରେ ଗଣେଶ ରାମ ସିଂ ଖୁଣ୍ଟିଆଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ ନିଯୁକ୍ତି ରାଜ୍ୟ ବୀମା ବିଭାଗ ମିଳିଥିବା ବେଳେ ସୂର୍ଯ୍ୟବଂଶୀ ସୂରଜଙ୍କୁ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିଛି। ପ୍ରଦୀପ ବଳସମାନ୍ତଙ୍କୁ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ, ଗୋକୁଳାନନ୍ଦ ମଲ୍ଲିକଙ୍କୁ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ସମ୍ପଦ କୁମାର ସ୍ୱାଇଁଙ୍କୁ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମିଳିଛି।

## ଲୋକଙ୍କୁ ଗୁଣାତ୍ମକ...

ରାଜ୍ୟର ଆଇନ୍ ଶୃଙ୍ଖଳା ପରିସ୍ଥିତି ସମେତ ଅନେକ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଆସନ୍ତା ଜୁଲାଇରୁ କାର୍ଯ୍ୟକାରୀ ହେବାକୁ ଥିବା ଦେଶର ତିନୋଟି ଗୁରୁତ୍ୱପୂର୍ଣ୍ଣ ଆଇନ ବାବଦରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି ପୁଲିସ ଡିଜି । ଏତଲା ଦେବାକୁ ଥାନାକୁ ଆସୁଥିବା ଯେକୌଣସି ବ୍ୟକ୍ତି ଯେପରି ହାରାସ ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ଭାରତରୁ ୟୁରୋପକୁ ...

ଏହାଦ୍ୱାରା ପଶ୍ଚିମ ଏସିଆରୁ ୟୁରୋପ ପର୍ଯ୍ୟନ୍ତ ଭାରତର ବାଣିଜ୍ୟ ବହୁଗୁଣିତ ବୃଦ୍ଧି ପାଇବ । ଜି-୭ ଶେଷରେ ଗ୍ରୁପ ଅଫ ସେଭେନ ଔଦ୍ୟୋଗିକ ରାଷ୍ଟ୍ରମାନେ ଭାରତ-ପଶ୍ଚିମ-ୟୁରୋପ ଅର୍ଥନୈତିକ କରିଡର (ଆଇଏମ୍ଇସି) ଭଳି କଂକ୍ରିଟ ଭିତ୍ତିଭୂମି ପ୍ରସ୍ତାବକୁ ଅଧିକ ପ୍ରୋତ୍ସାହିତ କରିବାକୁ ପ୍ରତିଶ୍ରୁତି ଦେଇ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ଏହା ସହ ଏହି ପ୍ରକଳ୍ପକୁ ସଡ଼କ ପଥ ବ୍ୟତୀତ ହାଇସ୍ପିଡ ରେଳପଥ ସହ ଯୋଡ଼ିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ଭାରତ-ପଶ୍ଚିମ ଏସିଆ-ୟୁରୋପ ଅର୍ଥନୈତିକ କରିଡର (ଆଇଏମଇସି) ପ୍ରକଳ୍ପରେ ଏସିଆ, ମଧ୍ୟପ୍ରାଚ୍ୟ ଏବଂ ପଶ୍ଚିମ ମଧ୍ୟରେ ଯୋଗାଯୋଗ ସୁନିଶ୍ଚିତ କରିବା ପାଇଁ ସାଉଦି ଆରବ, ଭାରତ, ଆମେରିକା ଏବଂ ୟୁରୋପ ମଧ୍ୟରେ ଏକ ବିଶାଳ ସଡ଼କ, ରେଳ ଏବଂ ଜାହାଜ ଚଳାଚଳ ନେଟୱାର୍କର ପରିକଳ୍ପନା କରାଯାଇଛି । ଚୀନର ବେଲ୍ଟ ଆଣ୍ଡ ରୋଡ ଇନିସିଏଟିଭ (ବିଆରଆଇ)ର ରଣନୈତିକ ପ୍ରଭାବ ହ୍ରାସ କରିବା ପାଇଁ ସମାନ ଚିନ୍ତାଧାରାର ଦେଶଗୁଡ଼ିକର ଏକ ପଦକ୍ଷେପ ଭାବରେ ମଧ୍ୟ ଆଇଏମ୍ଆଇସିକୁ ଦେଖିବାକୁ ମିଳୁଛି। ବିଆରଆଇ ହେଉଛି ଚୀନକୁ ଦକ୍ଷିଣ ପୂର୍ବ ଏସିଆ, ମଧ୍ୟ ଏସିଆ, ରୁଷିଆ ଏବଂ ୟୁରୋପ ସହିତ ସଂଯୋଗ କରୁଥିବା ଏକ ବିଶାଳ ଯୋଗାଯୋଗ ପ୍ରକଳ୍ପ । ଗତବର୍ଷ ଦିଲ୍ଲୀରେ ଅନୁଷ୍ଠିତ ଜି-୨୦ ଶିଖର ସମ୍ମିଳନୀରେ ଆଇଏମଇସିକୁ ଚୂଡ଼ାନ୍ତ ରୂପ ଦିଆଯାଇଥିଲା।

## କେନ୍ଦ୍ର ସାହିତ୍ୟ ...

ତାଙ୍କ ପୁସ୍ତକ 'ଗପ କଳିକା' ପାଇଁ ଏହି ପୁରସ୍କାର ପାଇବେ। ପୁରସ୍କାର ବାବଦକୁ ତାଙ୍କୁ ଏକ ତାମ୍ରଫଳକ ସହିତ ୫୦ ହଜାର ଟଙ୍କାର ଏକ ଚେକ ମଳିବ। କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ପରବର୍ତ୍ତୀ ସମୟରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯିବ। ସେହିପରି ୨୦୨୪ ବର୍ଷ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ୨୩ଟି ଭାଷାରେ ୨୩ ଜଣ ଲେଖକଙ୍କୁ ଯୁବ ପୁରସ୍କାର ପ୍ରଦାନ କରାଯିବାକୁ ଘୋଷଣା କରାଯାଇଛି। ଓଡ଼ିଆ ଭାଷା ପାଇଁ ଯୁବ କଥାକାର ସଞ୍ଜୟ କୁମାର ପଣ୍ଡା ପାଇବେ ଚଳିତ ୨୦୨୪ ବର୍ଷର କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର। ସେ ତାଙ୍କ ପୁସ୍ତକ 'ହୁ ବାଇଆ' ପାଇଁ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ପୁରସ୍କାର ବାବଦକୁ ତାଙ୍କୁ ଏକ ତାମ୍ରଫଳକ ସହିତ ୫୦ ହଜାର ଟଙ୍କାର ଏକ ଚେକ୍ ମଳିବ। କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ପରବର୍ତ୍ତୀ ସମୟରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯିବ। ସୂଚନାଯୋଗ୍ୟ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଶନିବାର ସଂସ୍କୃତ ଭାଷା ପାଇଁ ଯୁବ ପୁରସ୍କାର ଘୋଷଣା କରାଯାଇ ନାହିଁ। ପରବର୍ତ୍ତୀ ସମୟରେ ଏନେଇ ଘୋଷଣା କରାଯିବ ବୋଲି ଏକାଡେମୀ ପକ୍ଷରୁ କୁହାଯାଇଛି ।

## କୁଏତ୍ ଅଗ୍ନିକାଣ୍ଡ...

ମୃତକଙ୍କ ମୃତଦେହ କେରଳରୁ ଆସି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସେମାନଙ୍କ ଗାଁ ଅଭିମୁଖେ ଯାତ୍ରା କରିଛି । ତେବେ ଭୁବନେଶ୍ୱରରେ ସେମାନଙ୍କ ମୃତଦେହ ଆସି ପହଞ୍ଚିବା ପରେ ଦୁଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା, ମନ୍ତ୍ରୀ ବିଭୂତିଭୂଷଣ ଜେନା, ପୃଥ୍ୱୀରାଜ ହରିଚନ୍ଦନ, ସାଂସଦ ଅନିତା ଶୁଭଦର୍ଶିନୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ସମେତ ବହୁ ନେତା ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

## ହାଇ ସ୍ପିଡ୍ ରେଳ...

ପ୍ଲାଟଫର୍ମରେ ପୋଷ୍ଟ କରିଛି ପ୍ରଧାନମନ୍ତ୍ରୀ ଫୁମିଓ କିଶିଦାଙ୍କ ସହ ଦ୍ୱିପାକ୍ଷିକ ବୈଠକ। ପିଏମଓ ଏହି ଅବସରରେ କହିଛନ୍ତି ଯେ, ଆଲୋଚନାରେ ବି୨ବି, ପି୨ପି ଏବଂ ଏଚ୍୨ଏଚ୍ ସମ୍ପର୍କ ଏବଂ ବାଣିଜ୍ୟକୁ ମଜଭୁତ କରିବା ସହିତ ପ୍ରତିରକ୍ଷା, ହାଇ ସ୍ପିଡ ରେଳ ଭିତ୍ତିଭୂମି ଭଳି ରଣନୀତିକ କ୍ଷେତ୍ରକୁ ପ୍ରୋତ୍ସାହିତ କରାଯାଇଛି।

ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତି ଜାରି କରି କହିଛି ଯେ ଫୁମିଓ କିଶିଦା କ୍ରମାଗତ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ପଦ ଗ୍ରହଣ କରିଥିବାରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହି ଅଭିନନ୍ଦନ ପାଇଁ ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ ନିଶ୍ଚିତ କରିଛନ୍ତି ଯେ ଜାପାନ ସହିତ ଦ୍ୱିପାକ୍ଷିକ ସମ୍ପର୍କ ତାଙ୍କ ତୃତୀୟ କାର୍ଯ୍ୟକାଳରେ ପ୍ରାଥମିକତା ପାଇବ । ଏହି ବିବୃତିରେ ଆହୁରି ମଧ୍ୟ କୁହାଯାଇଛି ଯେ ମୁମ୍ବାଇ-ଅହମ୍ମଦାବାଦ ହାଇ ସ୍ପିଡ ରେଳ ପ୍ରକଳ୍ପ, ଭାରତ-ଜାପାନ ଶିଳ୍ପ ପ୍ରତିଯୋଗିତା ସହଭାଗିତା ସମେତ ସାତୋଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଭାରତ ଏବଂ ଜାପାନ ସହଯୋଗ କରିବେ।

## କାଶୀପୁର ଅଜଣା ...

ପରିସ୍ଥିତି ଫେରାଇ ଅଣାଯିବା ପାଇଁ କ'ଣ ପଦକ୍ଷେପ ନିଆଯିବ ସେଥିନେଇ ଅନୁସନ୍ଧାନ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏବଂ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର(ଆରଏମଆରସି)କୁ ନିର୍ଦ୍ଦେଶ ଦେଇଛନ୍ତି । ଅଜଣା ରୋଗ ବ୍ୟାପିଥିବା ମନୁଷପଦର ଗାଁକୁ ରାସ୍ତା ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ପଞ୍ଚାୟତିରାଜ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

ଏଠାରେ ସୂଚନା ଯୋଗ୍ୟ ଯେ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ମନୁଷପଦର ଗାଁରେ ଅଜଣା ରୋଗ ବ୍ୟାପିବା ଦ୍ୱାରା ଏକ ମାସ ମଧ୍ୟରେ ୫ଜଣ ଲୋକଙ୍କ ମୃତ୍ୟୁ ହୋଇଛି । ଏହି ଗାଁଟି ଦୁର୍ଗମ ଅଞ୍ଚଳରେ ଥିବାବେଳେ ଏଠାକୁ ପହଞ୍ଚିବା କଷ୍ଟକର ହୋଇଥାଏ।

ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ମନୁଷପଦର ଗାଁ ପରିଦର୍ଶନ କରିବା ସହ ଘରକୁ ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିଛନ୍ତି ଏବଂ ରୋଗ ନିଦାନ ପାଇଁ ଅନୁସନ୍ଧାନ ସହ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦେଇଛନ୍ତି । ସ୍ୱାସ୍ଥ୍ୟ ବିଭାଗର ଏକ ପ୍ରତିନିଧି ଦଳ ପ୍ରତିଦିନ ଏହି ଅଞ୍ଚଳ ପରିଦର୍ଶନରେ ଯିବା ସହିତ ପରିସ୍ଥିତି ନିୟନ୍ତ୍ରଣ ଉପରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି।

ପ୍ରଥମ ୪ଜଣଙ୍କ ମୃତ୍ୟୁ ଖବର ସ୍ୱାସ୍ଥ୍ୟକର୍ମୀଙ୍କ ନଜରକୁ ଅଣାଯାଇନଥିଲା ଏବଂ ସେମାନଙ୍କ ମୃତଦେହଗୁଡ଼ିକୁ ସମ୍ପ୍ରଦାୟ ସ୍ତରରେ ସତ୍କାର କରାଯାଇଥିଲା। କିନ୍ତୁ ସେମାନଙ୍କ ମୃତ୍ୟୁ ଡିପଥେରିଆ ଯୋଗୁଁ ହୋଇଥିବା ସନ୍ଦେହ କରାଯାଇଥିଲା। ପଞ୍ଚମ ବ୍ୟକ୍ତିଙ୍କ ମୃତ୍ୟୁ ପରେ ନମୂନା ସଂଗ୍ରହ କରାଯାଇ ଆରଏମଆରସିକୁ ପଠାଯାଇଥିଲା। ସଂଗ୍ରହ କରାଯାଇଥିବା ନମୂନା ପରୀକ୍ଷଣ ପରେ ଏହା ଡିପଥେରିଆ ବୋଲି ଜଣାପଡ଼ିଥିଲା।

ଡିପଥେରିଆ ରୋଗରେ ସମସ୍ତ ସଂକ୍ରମିତ ବ୍ୟକ୍ତିଙ୍କୁ ଆଣ୍ଟିବାୟୋଟିକର ଏକ ପ୍ରୋଫାଇଲାକ୍ଟିକ ଡୋଜ ଦିଆଯାଇଛି ଏବଂ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥାରେ ବେଶ ଉନ୍ନତି ହେଉଛି। ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଛି ଏବଂ ପରିସ୍ଥିତି ନିୟନ୍ତ୍ରଣରେ ଥିବା ଜଣାପଡ଼ିଛି।

## ୫୪ ଔଷଧ ଶସ୍ତା...

ହୋଇଥିଲା। ବୈଠକରେ ଔଷଧର ମୂଲ୍ୟ ହ୍ରାସ କରିବାକୁ ଆଲୋଚନା ହୋଇଥିଲା। ଏହାକୁ ସରକାର ଅନୁମୋଦନ ପ୍ରଦାନ କରିଛନ୍ତି । ଫଳରେ ୫୪ଟି ଅତ୍ୟାବଶ୍ୟକ ଔଷଧ ସହିତ ୮ ଟି ସ୍ୱତନ୍ତ୍ର ଔଷଧର ଦର ହ୍ରାସ କରାଯାଇଛି। ସେସବୁ ଔଷଧ ମଧ୍ୟରେ ମଧୁମେହ ଔଷଧ, ହୃଦୟ ଔଷଧ, ଆଣ୍ଟିବାୟୋଟିକ୍, ଭିଟାମିନ ଡି, ମଲ୍ଟି ଭିଟାମିନ ,କାନ ଔଷଧ, ନାକ ଔଷଧ ଆଦି ରହିଛି। ଏହା ସହିତ ୮ ଟି ସ୍ୱତନ୍ତ୍ର ଔଷଧର ଦର ମଧ୍ୟ ହ୍ରାସ କରାଯାଇଛି।

ଗତ ମେ' ମାସରେ ସରକାର ଔଷଧର ଦର ହ୍ରାସ କରିଥିଲେ। ସେତେବେଳେ ୪୧ ଟି ଜରୁରୀ ଔଷଧ ଏବଂ ୬ ଟି ବିଶେଷ ଔଷଧର ଦର ହ୍ରାସ କରାଯାଇଥିଲା। ଏଥିରେ ଏସିଡିଟି, ଗ୍ୟାସ୍, ପେନ କିଲର, ଆଲର୍ଜି ଏବଂ ଯକୃତ ଔଷଧ ଅନ୍ତର୍ଭୁକ୍ତ । ଏହା ସହିତ ମଧୁମେହ, ଆଣ୍ଟିବାୟୋଟିକ୍, ହୃଦୟ ଏବଂ ମଲ୍ଟି ଭିଟାମିନ ଔଷଧ ମଧ୍ୟ ଅନ୍ତର୍ଭୁକ୍ତ ରହିଥିଲା। ପରିସଂଖ୍ୟାନ ଅନୁସାରେ ଭାରତରେ ୧୦ କୋଟିରୁ ଅଧିକ ମଧୁମେହ ରୋଗୀ ଅଛନ୍ତି, ଯେଉଁମାନେ ଶର୍କରାସ୍ତର ନିୟନ୍ତ୍ରଣ କରିବା ପାଇଁ ପ୍ରତିଦିନ ଔଷଧ ସେବନ କରୁଛନ୍ତି । ଏଭଳି ପରିସ୍ଥିତିରେ ମଧୁମେହ ରୋଗୀମାନେ ଔଷଧ ଦର ହ୍ରାସ ଯୋଗୁ ଉପକୃତ ହୋଇପାରିବେ।

## ସଶକ୍ତ ବିରୋଧୀ...

ସୌଭିକ୍ ବିଶ୍ୱାଳ, ସୁଶାନ୍ତ ରାଉତ ପ୍ରମୁଖ ଯେଉଁମାନେ କି ୨୦୨୪ ନିର୍ବାଚନରେ ଜିତିଛନ୍ତି ଏବଂ ସେମାନେ ସମସ୍ତେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ବିରୋଧୀ ଦଳର ନେତା ପଦ ଅଳଙ୍କୃତ କରନ୍ତୁ ବୋଲି ଚାହୁଁଛନ୍ତି। ଆସନ୍ତା ୧୮ ଓ ୧୯ ତାରିଖ ଦୁଇଦିନ ବିଧାନସଭାରେ ନବ ନିର୍ବାଚିତ ବିଧାୟକଙ୍କ ଶପଥ ଗ୍ରହଣ, ୨୦ ତାରିଖରେ ବାଚସ୍ପତି ନିର୍ବାଚନ ପରେ ପରେ ନୂଆ ବିରୋଧ ଦଳ ନେତାଙ୍କ ନାମ ଘୋଷଣା ହୋଇପାରେ। ଏଥିପାଇଁ ବିଜେଡ଼ି ନେତାମାନଙ୍କ ଆଲୋଚନା ବୈଠକ ଜାରି ରହିଛି।

# ପୂର୍ବତନ ମନ୍ତ୍ରୀ ଅସୁସ୍ଥ ସୁରେନ୍ଦ୍ରନାଥ ନାୟକଙ୍କୁ ଭେଟିଲେ ଛତିଶଗଡ ରାଜ୍ୟପାଳ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ବରିଷ୍ଠ ରାଜନେତା ସୁରେନ୍ଦ୍ର ନାଥ ନାୟକଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି। ଦୀର୍ଘ ଦିନ ଧରି ୯୩ବର୍ଷ ବୟସ୍କ ଶ୍ରୀ ନାୟକ ଅସୁସ୍ଥ ଅଛନ୍ତି। ଗୋଟିଏ ସମୟରେ ଓଡ଼ିଶା ମନ୍ତ୍ରୀମଣ୍ଡଳରେ ଶ୍ରୀ ନାୟକ ଓ ଶ୍ରୀ ହରିଚନ୍ଦନ ଏକାଠି କାମ କରିଥିଲେ । ୧୯୭୭ ମସିହାରେ ଶ୍ରୀ ହରିଚନ୍ଦନ ମନ୍ତ୍ରୀ ଥିବାବେଳେ ଶ୍ରୀ ନାୟକ ବିଧାନସଭାର ଉପ-ବାଚସ୍ପତି ଥିଲେ। ଉଭୟଙ୍କ ମଧ୍ୟରେ ଦୀର୍ଘ ବର୍ଷ ଧରି ପାରିବାରିକ ସମ୍ପର୍କ ରହିଛି। ଏମିତିକି ଶ୍ରୀ ହରିଚନ୍ଦନଙ୍କ ପିତା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପର୍ଶୁରାମ ହରିଚନ୍ଦନ ପୁରୀ ଜିଲ୍ଲା ବୋର୍ଡର ଉପାଧ୍ୟକ୍ଷ ଥିବାବେଳେ ଶ୍ରୀ ନାୟକ ଅସ୍ତରଙ୍ଗ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଥିଲେ।

ଶ୍ରୀ ନାୟକଙ୍କୁ ଭେଟି ଶ୍ରୀ ହରିଚନ୍ଦନ ତାଙ୍କ ପରିବାରର ସଦସ୍ୟଙ୍କଠାରୁ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ପଚାରି ବୁଝିବା ସହ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ଏହି ୨ ବର୍ଷୀୟାନ ପରସ୍ପରକୁ ଭେଟିବା ବେଳେ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ। ଶ୍ରୀ ନାୟକଙ୍କ ୨ ପୁଅ ସ୍ୱାଧୀନ ଓ ସାନ୍ତନୁ ଏବଂ ପରିବାରର ଅନ୍ୟ ସଦସ୍ୟ ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ। ପୂର୍ବରୁ ଶ୍ରୀ ହରିଚନ୍ଦନ ମଧ୍ୟ ଏକାଧିକବାର ଅସୁସ୍ଥ ଶ୍ରୀ ନାୟକଙ୍କୁ ବିଭିନ୍ନ ସମୟରେ ଭେଟିଛନ୍ତି। ଉଲ୍ଲେଖଯୋଗ୍ୟ, ମସ୍ତିଷ୍କାଘାତରେ ଆକ୍ରାନ୍ତ ହୋଇ ୨୦୧୯ ମସିହାରୁ ଏଯାବତ ଶ୍ରୀ ନାୟକ ଅସୁସ୍ଥ ଥିଲେ ମଧ୍ୟ ନିୟମିତ ଗୀତା ଓ ଗାନ୍ଧୀ ସାହିତ୍ୟ ପଢୁଛନ୍ତି ଏବଂ ରାଜ୍ୟ ତଥା ଦେଶର ଭଲ ମନ୍ଦ ବିଷୟ ଗଣମାଧ୍ୟମରୁ ଜାଣୁଛନ୍ତି ।

## ଖୋର୍ଦ୍ଧା ରୋଡ଼ ପ୍ଲାଟଫର୍ମ ଭିତରେ ଅଗ୍ନିକାଣ୍ଡ

**ଖୋର୍ଦ୍ଧା, ନ୍ୟୁଜ ବ୍ୟୁରୋ**

ଖୋର୍ଦ୍ଧା ରୋଡ଼ ପ୍ଲାଟଫର୍ମ ଭିତରେ ଅଗ୍ନିକାଣ୍ଡ। ୩ ନମ୍ବର ପ୍ଲାଟଫର୍ମ ଭିତରେ ଥିବା ପୋଷ୍ଟ ଅଫିସରେ ଲାଗିଲା ନିଆଁ । ଅଗ୍ନିକାଣ୍ଡ ଯୋଗୁଁ ପୋଷ୍ଟ ଅଫିସରେ ଥିବା ଆସବାବ ପତ୍ର ଜଳି ଯାଇଛି। କମ୍ ସମୟ ମଧ୍ୟରେ ନିଆଁକୁ ଆୟତ କରାଯାଇଛି। ଏକ ବଡ ଧରଣର ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣାରୁ ରେଳ ଷ୍ଟେସନ ବର୍ତ୍ତି ଯାଇଛି। ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟି ଥିବାର ଅନୁମାନ କରାଯାଉଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଛନ୍ତି । ଅଗ୍ନିକାଣ୍ଡର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ିନାହିଁ।

# ସର୍ବକାଳୀନ ରେକର୍ଡ ଛୁଇଁଲା ସେନସେକ୍ସ

**ମୁମ୍ବାଇ,**

ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ) ସେନସେକ୍ସ ସର୍ବକାଳୀନ ରେକର୍ଡ ସ୍ତର ଛୁଇଁଛି। କ୍ରମାଗତ ଭାବେ ତୃତୀୟ ଦିନ ଧରି ବଜାର କାରବାରରେ ଅଭିବୃଦ୍ଧି ସହିତ ୩୦ ସେୟାର ବିଶିଷ୍ଟ ବିଏସଇ ସେନସେକ୍ସ ୧୮୧.୮୮ ପଏଣ୍ଟ ଅର୍ଥାତ ୦.୨୪ ପଏଣ୍ଟ ଉପରକୁ ଉଠି ୭୬,୯୪୯ ପଏଣ୍ଟର ସର୍ବକାଳୀନ ଉଚ୍ଚତମ ସ୍ତରରେ ପହଞ୍ଚିଛି । ଏହି କାରବାର ଶେଷ ବେଳକୁ ସେନସେକ୍ସ ୧୮୧ ପଏଣ୍ଟ ବୃଦ୍ଧି ଘଟି ୭୬,୯୯୨.୭୭ ପଏଣ୍ଟର ନୂଆ ରେକର୍ଡ ସ୍ତରରେ ବନ୍ଦ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟିରେ ୬୬.୭୦ ପଏଣ୍ଟ ବା ୦.୨୯ ପ୍ରତିଶତ ବୃଦ୍ଧି ଘଟି ୨୩, ୪୬୫, ୬୦ ପଏଣ୍ଟର ନୂଆ ରେକର୍ଡ ସ୍ତରରେ ବନ୍ଦ ହୋଇଛି। ଏହି କାରବାରରେ ବ୍ୟାଙ୍କ ଷ୍ଟକ୍ ମୂଲ୍ୟରେ ବେଶ ଭଲ ବୃଦ୍ଧି ଘଟିଥିଲା।

# ଏନ.ସି.ଇ.ଆର.ଟି.ର ସର୍ବଭାରତୀୟ ଚୟନ ପରୀକ୍ଷା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଅନ୍ତର୍ଗତ ଏନ.ସି.ଇ.ଆର.ଟି.ର ବିଭିନ୍ନ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱର, ଭୋପାଳ, ଆଜ୍‌ମେର, ମୈସୁର ଓ ଶିଲଂରେ ବି.ଇଡି, ଏମ.ଇଡି, ବିଏ.ବି.ଇଡି, ବି.ଏସ୍.ସି.ବି.ଇଡି, ଏମ୍.ଏସସି.ଇଡି ଆଦି ଉନ୍ନତମାନର ଶିକ୍ଷାଭିତ୍ତିକ ପାଠପଢ଼ାପାଇଁ ଶନିବାର ସର୍ବ ଭାରତୀୟ ଚୟନ ପରୀକ୍ଷା ସିଇଇ-୨୦୨୪ ଅନୁଷ୍ଠିତ ହୋଇଛି। ଚଳିତବର୍ଷ ଭାରତର ୨୯ ସହରର ୫୮ଟି କେନ୍ଦ୍ରରେ ସକାଳ ୯ଟାରୁ ୧୧ ପର୍ଯ୍ୟନ୍ତ ହେବାକୁଥିବା ଏହି ସାଧାରଣ ଚୟନ ପରୀକ୍ଷାପାଇଁ ସମୁଦାୟ ପରୀକ୍ଷାର୍ଥୀଙ୍କ ସଂଖ୍ୟା ୧୯,୫୪୭ । ପ୍ରକାଶ ଥାଉକି, ଚଳିତ ବର୍ଷ ପ୍ରଥମଥରପାଇଁ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ଏହି ପରୀକ୍ଷା ନୋଡାଲ ସେଣ୍ଟରର ଭାବେ ପରିଚାଳନା କରୁଛି।

# ବରିଷ୍ଠ ନାଗରିକଙ୍କ ପ୍ରତି ଦୁର୍ବ୍ୟବହାର ଦିନକୁ ଦିନ ବଢି ଚାଲିଛି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତର ମୋଟ୍ ଜନସଂଖ୍ୟାର ୧୨ ପ୍ରତିଶତ ବରିଷ୍ଠ ନାଗରିକ। ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଦୁର୍ବ୍ୟବହାରର ଶିକାର ହେଉଛନ୍ତି । କିନ୍ତୁ ଏ ବାବଦରେ ମାତ୍ର ୭ ପ୍ରତିଶତ ମୁହଁ ଖୋଲୁଥିବା ବେଳେ ୫ପ୍ରତିଶତ ନିରବ ରହିଥାନ୍ତି। ବାପା-ମା'ଙ୍କୁ ନିର୍ଯାତନା ଦେବା ପଛରେ ମୁଖ୍ୟ ଦୋଷୀ ହେଉଛନ୍ତି ସେମାନଙ୍କ ପୁଅ-ବୋହୂ । ଦୋଷୀଙ୍କ ମଧ୍ୟରେ ପୁଅଙ୍କ ହାର ୪୨% ରହିଥିବା ବେଳେ ବୋହୂଙ୍କ ହାର ୨୮ % ବୋଲି ହେଲ୍ପ-ଏଜ୍ ଇଣ୍ଡିଆର ଜାତୀୟ ବାର୍ଷିକ ରିପୋର୍ଟରେ ପ୍ରକାଶ ପାଇଛି। ଏହି ରିପୋର୍ଟ 'ଏଜିଙ୍ଗ୍ ଇନ୍ ଇଣ୍ଡିଆ: ଏକ୍ସପ୍ଲୋରିଂ ପ୍ରିପାରନେସ୍ ଆଣ୍ଡ୍ ରେସପନ୍ସ ଟୁ କେୟାର ଚ୍ୟାଲେଞ୍ଜେସ୍'ରେ ଉଲ୍ଲେଖ ରହିଛି । ହେଲ୍ପ ଏଜ୍ ଇଣ୍ଡିଆର ଏହି ଜାତୀୟ ରିପୋର୍ଟର୍ ଅନୁସାରେ, ୧୦ଟି ୧୦ଟି ରାଜ୍ୟର ଦୁଇଟି ପର୍ଯ୍ୟାୟରେ ଯଥା ଟାୟର-୧ ଏବଂ ଟାୟର-୨ ସହରରେ ୫୧୬୯ ଜଣ ବୟସ୍କ ଏବଂ ୧୩୩୩ ଜଣ ଯତ୍ନବାନଙ୍କ ପ୍ରାଥମିକ ପରିବାର ସଦସ୍ୟଙ୍କ ଉପରେ ଏହି ସର୍ଭେ କରାଯାଇଥିଲା। ଏକାଧିକ



କ୍ଷେତ୍ରରେ ମୌଳିକ ସେବା ପାଇବା, ସମ୍ମାନଜନକ ଜୀବନଯାପନ କରିବାର ଉପଲବ୍ଧତା ଏବଂ ସଚେତନତା ଦୃଷ୍ଟିରୁ ଭାରତରେ ବୟସ୍କମାନଙ୍କ ମଧ୍ୟରେ 'ଅପ୍ରସ୍ତୁତତା ଏବଂ ଅସହାୟତା' ବିଷୟରେ ଏହି ରିପୋର୍ଟରେ ଆଲୋକପାତ କରାଯାଇଛି।

ରିପୋର୍ଟରୁ ଜଣାପଡ଼ିଛି ଯେ ପ୍ରତି ତିନିଜଣ ବୟସ୍କଙ୍କ ମଧ୍ୟରୁ ଜଣେ ବୟସ୍କଙ୍କର ଆର୍ଥିକ ଅଭାବ ରହିଛି ତଥା ଗତ ଏକ ବର୍ଷ ମଧ୍ୟରେ ସେମାନଙ୍କର କୌଣସି ରୋଜଗାର ନାହିଁ। ପାଖାପାଖି ୬୫% ବୟସ୍କମାନେ ସେମାନଙ୍କର ବର୍ତ୍ତମାନର ଆୟ ଏବଂ ସଞ୍ଚୟ ଏବଂ ନିବେଶର ଉପଲବ୍ଧତା ସହିତ ଆର୍ଥିକ ଦୃଷ୍ଟିରୁ ସୁରକ୍ଷିତ ନୁହନ୍ତି। ଏହାବ୍ୟତୀତ, ଅଧିକାଂଶ ବୟସ୍କ ଯେଉଁମାନେ ନିର୍ଯାତନାର ସମ୍ମୁଖୀନ ହୋଇଥିଲେ, ସେମାନେ ବିଭିନ୍ନ ରୋଗରେ ପୀଡ଼ିତ ଥିବା ବେଳେ ବୟସ୍କ ଲୋକଙ୍କ ମଧ୍ୟରୁ ଅଧିକ ପ୍ରତିଶତ ନିରକ୍ଷର ଏବଂ ସେମାନଙ୍କ ଆୟ କମ୍ । ସେହିପରି ନିର୍ଯାତନା ବା ଦୁର୍ବ୍ୟବହାରର ଶିକାର ହେଉଥିବ। ପ୍ରାୟ ସମସ୍ତ ବୟସ୍କ (୯୪%) ଅତି କମ୍‌ରେ ଗୋଟିଏ କ୍ରନିକ୍ ରୋଗରେ ପିଡ଼ୀତ ଥିବା ଜଣାପଡ଼ିଛି। ଏହା ଦର୍ଶାଉଛି ଯେ ପରିବାର ସଦସ୍ୟଙ୍କ ଉପରେ ବୟସ୍କମାନଙ୍କର ନିର୍ଭରଶୀଳତା ସ୍ତର ବୃଦ୍ଧି ପାଇଥାଏ। ଫଳରେ ପରିବାର ସଦସ୍ୟ ଏହି ସମୟରେ ମୁହଁ ଏଡ଼ାଇ ଦିଅନ୍ତି । ତେବେ ୪୧% ବୟସ୍କଙ୍କ ପାଖରେ ଡିଜିଟାଲ ଡିଭାଇସ୍ ଉପଲବ୍ଧ ଥିବା ବେଳେ ୫୯% ଲୋକ ଏଥିରୁ ବଞ୍ଚିତ। ବୟସ ବଢ଼ିବା ସହିତ ଡିଜିଟାଲ ଡିଭାଇସ୍‌ର ବ୍ୟବହାର ଯଥେଷ୍ଟ ହ୍ରାସ ପାଇଛି, ୮୦ ବର୍ଷରୁ ଅଧିକ ବୟସ୍କଙ୍କ ମଧ୍ୟରୁ ମାତ୍ର ୨୬% ଲୋକ କୌଣସି ଡିଜିଟାଲ୍ ଡିଭାଇସ୍ ଆକସେସ୍ ପାଇଛନ୍ତି। ଯାହାଦ୍ୱାରା ୬୩% ଅନୁଭବ କରିଥିଲେ ଯେ, ଏଭଳି ନେଟୱାର୍କ ସେମାନଙ୍କୁ ଶାରୀରିକ ଏବଂ ମାନସିକ ଭାବରେ ସକ୍ରିୟ ରଖିଥାଏ। ଏବେ ମଧ୍ୟ ୬୧% ବୟସ୍କମାନେ ସେମାନଙ୍କ ନାତିନାତୁଣୀଙ୍କ ଯତ୍ନ ନେବାରେ ନିୟୋଜିତ ଥିବା ବେଳେ ଏବଂ ଏକ ତୃତୀୟାଂଶରୁ ଅଧିକ ବୟସ୍କମାନେ ନିୟମିତ ଘର କାମ, ରୋଷେଇରେ ନିୟୋଜିତ ଥିବା ଏହି ରିପୋର୍ଟରୁ ଜଣାଯାଇଛି। ତେବେ ଏହି ରିପୋର୍ଟ ଅନୁସାରେ, ବାର୍ଦ୍ଧକ୍ୟ ଅବସ୍ଥାରେ ରୋଗାଗ୍ରସ୍ତ କିମ୍ବା ସମ୍ପତ୍ତି ଓ ଆର୍ଥିକ ସ୍ଥିତି ଅନୁସାରେ ବରିଷ୍ଠ ନାଗରିକମାନେ ମାନସିକ ଓ ଶାରୀରିକ କ୍ଷେତ୍ରରେ ନିର୍ଯାତନା ଓ ଦୁର୍ବ୍ୟବହାରର ଶିକାର ହେଉଛନ୍ତି।

ଭୁବନେଶ୍ୱର
୧୬ ଜୁନ୍
ରବିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ଆଗେଇ ଚାଲିଛି ରଥ ନିର୍ମାଣ କାର୍ଯ୍ୟ : ତିନି ରଥରେ ଲାଗିଲା ଦଣ୍ଡା



**ପୁରୀ, ୧୫/୦୬ ନ୍ୟୁଜ ବ୍ୟୁରୋ**
ମହାପ୍ରଭୁଙ୍କ ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି । ଶନିବାର ତିନି ରଥର ଦଣ୍ଡା ଉଠିଛି। ତିନି ରଥର ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ସହଯୋଗୀ ମହାରଣା ଏବଂ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଚାଲିଛି ରଥ କାମ। ଭୋଇ ସେବକମାନଙ୍କ ସହଯୋଗରେ ତିନି ରଥର ଚକ ଥାକ ସହ ଦିଗ ନିର୍ଣ୍ଣୟ କାର୍ଯ୍ୟ ସମ୍ପନ୍ନ ହୋଇଅଛି। ରଥ ଯାତ୍ରା ପୂର୍ବ ଦିନ ତିନି ରଥ ବିନା ବାଧାରେ ଯେପରି ନିଜ ନିଜ ସ୍ଥାନରେ ସିଂହଦ୍ୱାର ଠାରେ ପହଞ୍ଚି ପାରିବେ ସେଥିପ୍ରତି ଧ୍ୟାନ ଦିଆଯାଉଛି। ସେଥିପ୍ରତି ଦୃଷ୍ଟିଦେଇ ଦିଗ ନିର୍ଣ୍ଣୟ କରାଯାଇ ଚକ..ଅଖ ଗୁଡ଼ିକୁ ମଧ୍ୟ ସେଟିଂ କରାଯାଇଛି। ଏଥିସହ ରଥ ନିର୍ମାଣ ସମୟରେ ଚକ ଗୁଡ଼ିକ ନିଜ ସ୍ଥାନରୁ ନଗଡିବା ପାଇଁ ପ୍ରତ୍ୟେକ ଚକର ଉଭୟ ପାର୍ଶ୍ୱରେ ଆମ୍ବ ଗଡ ବାନ୍ଧ ଦିଆଯିବ। ଏହାସହ ରଥ ଉପର ନିର୍ମାଣ କାର୍ଯ୍ୟ ଗଢି ଉଠିଲେ ଅଖ ଉପରେ ଅଧିକ ଚାପ ନପଡ଼ିବା ପାଇଁ ଅଖକୁ ମୁଣ୍ଡାଇ ରଖିବା ପାଇଁ ଅଖ ତଳେ ଆମ୍ବ ଗଡ ବା ମେଣ୍ଢି ଖମ୍ବ ଲଗାଯାଇଛି। ପାଞ୍ଚ ଦଣ୍ଡାରେ ଲାଗିଥିବା ଗୁଜ, ଜଳଯନ୍ତ୍ର ଏବଂ କୁତୁକା ଇତ୍ୟାଦିରେ କାପ, କଳସା, ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ଅଖ ଉପରକୁ ତିନି ରଥର ଦଣ୍ଡା ଫ୍ରେମ ଉଠିଲା ପରେ ଫ୍ରେମରେ କଣ୍ଟା ବାଡିଆ ଯାଇ ଦଣ୍ଡା ଫ୍ରେମକୁ ଉଠାଯିବ । ତିନି ରଥର ଦୁଇଟି ଲେଖାଏଁ ଚଉପଟ ଗରଗରରେ ବିନ୍ଧ କାର୍ଯ୍ୟ ଶେଷ ହୋଇଥିବା ବେଳେ ତିନି ରଥର ୪ଟି ଲେଖାଏଁ ଚଉଦ ନାହାକା ନିର୍ମାଣ ଶେଷ ହୋଇଛି। ରୂପକାର ସେବକମାନେ ତିନିଥର ଦୁଆର ପାଇଁ ନାଟଗୋଡ଼ରେ ରାହୁରୂପ ଖୋଦେଇ ସହ ସିଂହାସନ ମୁହଁରେ ଖୋଦେଇ ଚିତ୍ରର ପଲିସ କାର୍ଯ୍ୟ ଜାରୀ ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକ ମାନେ ତିନି ରଥର ଯୋକା କଣ୍ଟା, ଗୟଳ କଣ୍ଟା ଏବଂ ଚନାକ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।



ଦୋଳି ଖେଳୁଛି ମୋ ସାନ ଭଉଣୀ
ପାଦରେ ନାଇଛି ଅଳତା



ରଜ ମହୋତ୍ସବ ସାରା ଓଡ଼ିଶାରେ
ଭକ୍ତ ମୋ ଜଗତଜିତା

# ମୋଦିଙ୍କ କାର୍ଯ୍ୟକୁ ଫ୍ରାନ୍ସ ରାଷ୍ଟ୍ରପତିଙ୍କ ଭୂୟସୀ ପ୍ରଶଂସା



**ନୂଆଦିଲ୍ଲୀ, ୧୫/୦୬**
ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ, ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ ଓ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମୀର ଜେଲେନସ୍କିଙ୍କୁ ଭେଟିଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରନ ତାଙ୍କୁ ତୃତୀୟ ଥର ପାଇଁ କାର୍ଯ୍ୟଭାର ଗ୍ରହଣ ଲାଗି ଶୁଭେଚ୍ଛା ଜଣାଇଥିଲେ। ଏଥିସହ ଏଆଇ ଓ ଡିପିଆଇ ଲାଗି ମୋଦିଙ୍କ ବିଭିନ୍ନ ଯୋଜନାକୁ ସେ ପ୍ରଶଂସା କରିଥିଲେ । ଉଭୟ ନେତା ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରିବା ସହ 'ହରାଇଜନ ୨୦୪୭' ରୋଡମ୍ୟାପ୍ ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ରୋଡମ୍ୟାପ୍ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତିରକ୍ଷା, ପରମାଣୁ, ମହାକାଶ, ଶିକ୍ଷା, ଜଳବାୟୁ କାର୍ଯ୍ୟାନୁଷ୍ଠାନ, ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି, ଯୋଗାଯୋଗ ଏବଂ ସାଂସ୍କୃତିକ ପଦକ୍ଷେପ ଯଥା ଜାତୀୟ ସଂଗ୍ରହାଳୟ ଭାଗିଦାରୀ ଏବଂ ଲୋକଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି କ୍ଷେତ୍ରରେ ସହଯୋଗ ଉପରେ ଆଲୋଚନା ହୋଇଥିଲା। 'ମେକ୍ ଇନ୍ ଇଣ୍ଡିଆ' ଉପରେ ଅଧିକ ଗୁରୁତ୍ୱ ଦେବା ସହ ରଣନୈତିକ ପ୍ରତିରକ୍ଷା ସହଯୋଗକୁ ଆହୁରି ତୀବ୍ର କରିବାକୁ ଉଭୟ ସହମତ ହୋଇଥିଲେ। ୨୦୨୫ରେ ଫ୍ରାନ୍ସରେ ଆୟୋଜିତ ହେବାକୁ ଥିବା ପରବର୍ତ୍ତୀ ଏଆଇ ଶିଖର ସମ୍ମିଳନୀ ଏବଂ ମିଳିତ ଜାତିସଂଘ ମହାସାଗର ସମ୍ମିଳନୀ ପରିପ୍ରେକ୍ଷୀରେ ଉପଯୁକ୍ତ ଭାବେ କାର୍ଯ୍ୟ କରିବା ସହିତ ଏଆଇ, ଗୁରୁତ୍ୱପୂର୍ଣ୍ଣ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ଶକ୍ତି ଏବଂ କ୍ରୀଡ଼ା କ୍ଷେତ୍ରରେ ସହଯୋଗ ବିସ୍ତାର କରିବାକୁ ମଧ୍ୟ ଉଭୟ ସହମତ ହୋଇଥିଲେ। ଉଭୟ ନେତା ପ୍ରମୁଖ ବୈଶ୍ୱିକ ଓ ଆଞ୍ଚଳିକ ପ୍ରସଙ୍ଗ ଉପରେ ମଧ୍ୟ ମତ ବିନିମୟ କରିଥିଲେ। ଏକ ସ୍ଥିର ତଥା ସମୃଦ୍ଧ ବିଶ୍ୱ ବ୍ୟବସ୍ଥା ପାଇଁ ଭାରତ ଓ ଫ୍ରାନ୍ସ ମଧ୍ୟରେ ଏକ ଦୃଢ଼ ତଥା ବିଶ୍ୱସନୀୟ ରଣନୈତିକ ଭାଗିଦାରୀ ଗୁରୁତ୍ୱପୂର୍ଣ୍ଣ ବୋଲି ସେମାନେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଆଗାମୀ ପ୍ୟାରିସ୍ ଅଲିମ୍ପିକ୍ ଏବଂ ପାରାଲିମ୍ପିକ୍ କ୍ରୀଡ଼ା ପାଇଁ ମୋଦି ରାଷ୍ଟ୍ରପତି ମାକ୍ରନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଜି-୭ ସମ୍ମିଳନୀରେ ଯୋଗ ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ବିଳମ୍ବିତ ରାତିରେ ଇଟାଲୀର ଆପୁଲିଆରେ ପହଞ୍ଚିଥିଲେ। ବ୍ରିନ୍ଦିଶି ବିମାନ ବନ୍ଦରରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଇଟାଲିରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ବାଣୀ ରାଓ ଏବଂ ଅନ୍ୟ ଅଧିକାରୀମାନେ ସ୍ୱାଗତ କରିଥିଲେ ।

# ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକ : ସ୍ନାନଯାତ୍ରା ପାଇଁ ନୀତି ନିର୍ଘଣ୍ଟ

**ପୁରୀ, ୧୫/୦୬ ନ୍ୟୁଜ ବ୍ୟୁରୋ**
ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବ ମହାପ୍ରଭୁଙ୍କ ସ୍ନାନ ଯାତ୍ରା । ଏହା ପୂର୍ବରୁ ଅନୁଷ୍ଠିତ ହୋଇଯାଇଛି ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକ । ବୈଠକରେ ରାଜେନ୍ଦ୍ରାଭିଷେକଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟକୁ ଅନୁମୋଦନ କରିଛି ଛତିଶା ନିଯୋଗ । ଶୃଙ୍ଖଳିତ ନୀତି କାନ୍ତି ସହ ମହାପ୍ରଭୁଙ୍କ ସ୍ନାନ ଯାତ୍ରା ଓ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା କିଭଳି ସୁରୁଖୁରୁରେ ସମ୍ପନ୍ନ ହେବ ସେନେଇ ଛତିଶା ନିଯୋଗ ସେବାୟତ ସଦସ୍ୟଙ୍କ ସହଯୋଗ ଲୋଡ଼ିଥିଲା ଶ୍ରୀମନ୍ଦିର ପ୍ରଶାସନ । ଆସନ୍ତା ୨୨ ତାରିଖରେ ମହାପ୍ରଭୁଙ୍କ ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ବିଶେଷ ନୀତିକାନ୍ତି ଥିବାରୁ ଏହାକୁ କିଭଳି ଶୃଙ୍ଖଳିତ ଭାବେ ପରିଚାଳିତ କରାଯିବ ସେନେଇ ବିଶେଷ ଗୁରୁତ୍ୱ ଦିଆଯାଇଛି । ସ୍ନାନ ପୂର୍ଣ୍ଣିମା ଦିନ ପହଣ୍ଡି ସମୟ ଭୋର ୪ଟାରୁ ୬ଟା ରହିଛି । ଏହାପରେ ଅନ୍ୟାନ୍ୟ ନୀତିକାନ୍ତି ବଢ଼ିବା ପରେ ଦିନ ୨ଟାରେ ଛେରା ପହଁରା, ୨ଟା ୪୦ରେ ହାତୀବେଶ, ୬ଟା ୩୦ରୁ ୯ଟା ୩୦ ମଧ୍ୟରେ ସାହାଣମେଲା ଦର୍ଶନ ରହିଛି । ପରେ ୧୦ଟା ୩୦ରୁ ରାତ୍ର ୧ଟା ମଧ୍ୟରେ ବାହୁଡ଼ା ପହଣ୍ଡି, ୧ଟା ୩୦ରେ ସୁନା ଚିତା ଓ ରାହୁରେଖା ମଇଲମ ନୀତି କରାଯିବା ନେଇ ନୀତି ନିର୍ଘଣ୍ଟରେ ସୂଚନା ଦିଆଯାଇଛି । ତେବେ ଉକ୍ତ ଦିନର ନୀତି ଅନୁଯାୟୀ ନୀତି ନିର୍ଘଣ୍ଟରେ ପରିବର୍ତ୍ତନ ହୋଇପାରେ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଚଳିତ ବର୍ଷ ୧୩ ଦିନ ଅଣସର ପଡୁଥିବାରୁ ସେବାୟତ ଓ ପ୍ରଶାସନ ପାଇଁ ଏହା ଏକ ବଡ଼ ଚ୍ୟାଲେଞ୍ଜ ହେବ । ସ୍ନାନ ଯାତ୍ରାରେ ଲକ୍ଷାଧିକ ଭକ୍ତ ଶ୍ରଦ୍ଧାଳୁଙ୍କ ସମାଗମ ହେବାକୁ ଥିବାରୁ ସେନେଇ ସମସ୍ତ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ । ଆସନ୍ତା ସ୍ନାନ ପୂର୍ଣ୍ଣିମା ଓ ଘୋଷଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସେବାୟତଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ସେବାୟତ ପ୍ରତିଶ୍ରୁତି ଦେଇଛନ୍ତି । ନିଳାଦ୍ରୀ ଭକ୍ତ ନିବାସଠାରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଅଧକ୍ଷତା କରିଥିବା ବେଳେ ଏଥିରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସପି ପିନାକ ମିଶ୍ର, ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ, ପରିଚାଳନା କମିଟି ସେବାୟତ ସଦସ୍ୟ ଓ ଛତିଶା ନିଯୋଗର ସେବାୟତ ସଦସ୍ୟ ମାନେ ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ଚାରି ଦ୍ୱାର ଭକ୍ତଙ୍କ ପାଇଁ ଖୋଲିବା ପରେ ମନ୍ଦିର ଭିତରେ କିଭଳି ଭକ୍ତ ଶୃଙ୍ଖଳିତ ଦର୍ଶନ କରିବେ ସେନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବା ପାଇଁ ସେବାୟତ ପରାମର୍ଶ ଦେଇଥିଲେ । ତେବେ ମହପ୍ରଭୁଙ୍କ ଗଜାନନ ବେଶ ବେଳେ କେବଳ ନୀତି ଥିବା ପାଳିଆ ସେବାୟତଙ୍କ ଛଡା ଅନ୍ୟ କୌଣସି ସେବାୟତଙ୍କୁ ମହାପ୍ରଭୁଙ୍କ ନିକଟରେ ଠିଆ ହେବାକୁ ଦିଆନଯିବାକୁ ଖୁଣ୍ଟିଆ ନିଯୋଗ ଦାବି ଜଣାଇଛି । ଅଧିକ ସେବାୟତ ଠିଆ ହୋଇ ରହୁଥିବାରୁ ନୀତିରେ ବିଳମ୍ବ ସହ ଲକ୍ଷ ଲକ୍ଷ ଭକ୍ତ ମଧ୍ୟ ମହାପ୍ରଭୁଙ୍କ ଗଜାନନ ବେଶ ଠିକରେ ଦର୍ଶନ କରିପାରୁନାହାନ୍ତି । ତେବେ ଏ ଦିଗରେ ସବୁ ପଦକ୍ଷେପ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଆଯିବ ବୋଲି ସୂଚନା ଦିଆଯାଇଛି । ଦୀର୍ଘ ୫୩ ବର୍ଷ ପରେ ଚଳିତ ବର୍ଷ ମହାପ୍ରଭୁଙ୍କ ନୀତିକାନ୍ତିରେ ପରିବର୍ତ୍ତନ ଦେଖିବାକୁ ମିଳିବାକୁ ଯାଉଛି । ଅଣସର ୧୫ ଦିନ ପରିବର୍ତ୍ତେ ୧୩ ଦିନ ଅନୁଷ୍ଠିତ ହେବାକୁ ଯାଉଛି । କେବଳ ସେତିକି ନୁହେଁ ଚଳିତବର୍ଷ ରଥଯାତ୍ରା ଦିନ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ଶ୍ରୀଗୁଣ୍ଡିଚା ଯାତ୍ରା ମଧ୍ୟ ଗୋଟିଏ ଦିନରେ ପଡୁଛି । ଦୀର୍ଘ ପାଞ୍ଚ ଦଶନ୍ଧି ପରେ କ୍ଷୟ ତିଥି ପଡୁଥିବାରୁ ଏଭଳି ନୀତିରେ ପରିବର୍ତ୍ତନ ଦେଖିବାକୁ ମିଳିବ । ଅନ୍ୟପଟେ ଏହାକୁ ନେଇ ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସନ ଚିନ୍ତାରେ ପଡିଯାଇଛନ୍ତି। ସେପଟେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଶର୍ମା କହିଛନ୍ତି, 'ପ୍ରତି ୪୦ରୁ ୫୦ ବର୍ଷ ମଧ୍ୟରେ ଏଭଳି କ୍ଷୟ ତିଥି ପଡ଼ିଥାଏ । ଏଣୁ ପୂର୍ବରୁ ଶ୍ରୀମନ୍ଦିରର ଥିବା ପରମ୍ପରା ଓ ନୀତିକାନ୍ତି ଅନୁଯାୟୀ ଚଳିତ ବର୍ଷ ମଧ୍ୟ ମହାପ୍ରଭୁଙ୍କ ରଥଯାତ୍ରା ଶୃଙ୍ଖଳାରେ ଆୟୋଜନ ହେବ ।' ଅନ୍ୟପଟେ ୩ ନୀତି ଗୋଟିଏ ଦିନରେ ପଡୁଥିବାରୁ ସମୟ ଅଭାବ ହେତୁ ଚଳିତବର୍ଷ ଭକ୍ତମାନେ ନବ ଯୌବନ ଦର୍ଶନରୁ ବଞ୍ଚିତ ହେବେ। ଭକ୍ତଙ୍କ ପାଇଁ ନବ ଯୌବନ ଦର୍ଶନ ବ୍ୟବସ୍ଥା ହେବ ନାହିଁ ବୋଲି ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।



## ମଦ ନିଶାରେ ସାଙ୍ଗକୁ ମାରିଦେଲେ ଦୁଇ ବନ୍ଧୁ

**ଭୁବନେଶ୍ୱର, ୧୫/୦୬ ନ୍ୟୁଜ ବ୍ୟୁରୋ**
ଦେଶୀ ମଦ ପିଇ ଫେରୁଥିଲେ ୩ ସାଙ୍ଗ। ହେଲେ ମଝି ରାସ୍ତାରେ ଧୋକା ଦେଲା ଗାଡ଼ି। ପେଟ୍ରୋଲ୍ ସରିଯିବାରୁ ଅଟକିଲା ଗାଡ଼ି। ଏହାକୁ ନେଇ ନିଶାରେ ଥିବା ୩ ସାଙ୍ଗଙ୍କ ମଧ୍ୟରେ ଠେଲାପେଲା ଓ ଗଣ୍ଡଗୋଳ ହୋଇଥିଲା। ଆଉ ତା'ପରେ ସାଙ୍ଗଙ୍କ ବେକରେ ଗାମୁଛା ଗୁଡ଼ାଇ ମାରିଦେଲେ ଦୁଇ ବନ୍ଧୁ। ରାଜଧାନୀ ଭୁବନେଶ୍ୱରରେ ଘଟିଥିଲା ଏପରି ଘଟଣା। ସୁଶାନ୍ତ କୁମାର ଟୁଡୁ ଏକ ଇଞ୍ଜିନିୟରିଂ କଲେଜରେ ପାଠ ପଢ଼ନ୍ତି। ସେ ତାଙ୍କର ଦୁଇ ବନ୍ଧୁ ରାଜେନ୍ଦ୍ର ହାଁସଦା ଓ ମୋହନ ମାରାଣ୍ଡିଙ୍କ ସହିତ ଦେଶୀ ମଦ ପିଇବା ପାଇଁ ଶୁଡଙ୍ଗଗଡ଼ ଜଙ୍ଗଲ ପାର୍ଶ୍ୱକୁ ଯାଇଥିଲେ। ସମସ୍ତେ ସୁଶାନ୍ତଙ୍କ ସ୍କୁଟିରେ ଯାଇଥିଲେ। ସେଠାରେ ଦୁଇ ବୋତଲ ଦେଶୀ ମଦ ପିଇଥିଲେ। ମଦ ପିଇବା ପରେ ନିଶାରେ ସ୍କୁଟି ଚଲାଇ ଘରକୁ ଫେରୁଥିଲେ।

## ମା' ସମଲେଶ୍ୱରୀଙ୍କ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# ଜ୍ଞାନ ଆଧାରିତ ଅର୍ଥନୀତିର ପେଣ୍ଠସ୍ଥଳୀ ହେବ ସମ୍ବଲପୁର



**ସମ୍ବଲପୁର, ୧୫/୦୬ ନ୍ୟୁଜ ବ୍ୟୁରୋ**
କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଲୋକସଭା ଆସନରୁ ସାଂସଦ ଭାବରେ ନିର୍ବାଚିତ ହୋଇ ମୋଦି ସରକାରଙ୍କ ତୃତୀୟ ପାଳିରେ ଶିକ୍ଷା ମନ୍ତ୍ରଣାଳୟର ଦାୟିତ୍ୱ ନେବା ପରେ ଶନିବାର ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଦର୍ଶନ କରିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିବାର ସୌଭାଗ୍ୟ ଲାଭ କଲି । ମା'ଙ୍କ ଆଶିଷ ଓ ଜନଆଶୀର୍ବାଦ କାରଣରୁ ସମ୍ବଲପୁର ଲୋକସଭା ଆସନରୁ ସାଂସଦ ଭାବରେ ନିର୍ବାଚିତ ହୋଇ ଲୋକଙ୍କ ସେବା କରିବାର ସୁଯୋଗ ପାଇଛି। ଏଥିପାଇଁ ମୁଁ ସମ୍ବଲପୁରବାସୀଙ୍କ ପାଖରେ ଚିର ଋଣୀ । ସମ୍ବଲପୁରକୁ ଏକ ଅଗ୍ରଣୀ ଅଞ୍ଚଳ କରିବା ପାଇଁ ଗୁରୁତ୍ତର ଦାୟିତ୍ୱ ନେବି, ଏହା ମୋର ସଂକଳ୍ପ । ମୁଁ ଯେଉଁ କାମରେ ବି ରୁହେ, ଶେଷ ସମୟ ପର୍ଯ୍ୟନ୍ତ ସମ୍ବଲପୁରବାସୀଙ୍କ ସେବାରେ ରହିବି । ସମ୍ବଲପୁରକୁ ଏକ ଜ୍ଞାନ ଅର୍ଥନୀତିର ପେଣ୍ଠସ୍ଥଳୀ କରିବା ପାଇଁ ସମସ୍ତେ ଉଦ୍ୟମ କରିବି। ମା'ଙ୍କ କରୁଣା ଓ ଶୁଭ ଦୃଷ୍ଟି ସମ୍ବଲପୁର ସମେତ ସମଗ୍ର ବିଶ୍ୱବାସୀଙ୍କ ଉପରେ ରହିବା ନେଇ ଶ୍ରୀ ପ୍ରଧାନ କାମନା କରିଛନ୍ତି । ଉଲ୍ଲେଖନୀୟ ଯେ, ଝାରସୁଗୁଡା ବିମାନବନ୍ଦରରେ ପହଞ୍ଚିବା ପରେ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ କେନ୍ଦ୍ରମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ସମ୍ବଲପୁରର ଅନେକ ସ୍ଥାନରେ କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଜନସାଧାରଣଙ୍କୁ ମଧ୍ୟ ଶ୍ରୀ ପ୍ରଧାନ ଅଭିବାଦନ ଜଣାଇଥିଲେ ।



ଭୁବନେଶ୍ୱର : ନୂତନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ଭେଟୁଛନ୍ତି। (ଫଟୋ : ସମ୍ବାଦ କଳିକା)

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କୋରାପୁଟରେ ସ୍ୱାଭାବିକ ହେଲା ବସ୍ ଚଳାଚଳ

**ଭୁବନେଶ୍ୱର ୧୫/୦୬ ନ୍ୟୁଜ ବ୍ୟୁରୋ**
ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ କୋରାପୁଟ ଜିଲ୍ଲା ପ୍ରଶାସନ, ଜିଲ୍ଲାର ବସ୍ ମାଲିକ ସଂଘ ଓ କର୍ମଚାରୀ ସଂଘ ସହ ଆଲୋଚନା କରିଛନ୍ତି । ଉଭୟ ସଂଘ ମଧ୍ୟରେ ଉପୁଜିଥିବା ବିବାଦ ଯୋଗୁଁ ଜିଲ୍ଲାରେ ବସ୍ ଚଳାଚଳରେ ବ୍ୟାଘାତ ଘଟିଥିଲା ଓ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଉଭୟ ସଂଘ ମଧ୍ୟରେ ଆଲୋଚନା ଓ ବୁଝାମଣା ଫଳରେ ଏବେ କୋରାପୁଟ ଜିଲ୍ଲାରେ ବସ୍ ଚଳାଚଳ ସ୍ୱାଭାବିକ ହୋଇଛି । ସାଧାରଣ ଯାତ୍ରୀଙ୍କ ସ୍ୱାର୍ଥକୁ ସର୍ବଦା ପ୍ରାଧାନ୍ୟ ଦେବାକୁ ପରିବହନ ବିଭାଗ, ଉଭୟ ସଂଘ ଓ ଜିଲ୍ଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।



ଭୁବନେଶ୍ୱର : କୁଏତ ଅଗ୍ନିକାଣ୍ଡରେ ମୃତ୍ୟୁ ବରଣ କରିଥିବା ଦୁଇ ଓଡିଆ ସନ୍ତୋଷ କୁମାର ଗୌଡ ଓ ମହମ୍ମଦ ଯହୁର୍‌ଙ୍କ ମର ଶରୀରକୁ ବିମାନବନ୍ଦରରେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ଦୁଇ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଶ୍ରୀମତୀ ପ୍ରଭାତି ପରିଡ଼ା। ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଅନ୍ୟ ବରିଷ୍ଠ ନେତୃବୃନ୍ଦ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଭାରତ ଶାନ୍ତିପୂର୍ଣ୍ଣ ସମାଧାନ ଚାହେଁ

**ବାରି(ଇଟାଲୀ), ୧୫।୬**
ଭାରତ ସବୁ ସମସ୍ୟାର ମାନବକୈନ୍ଦ୍ରିକ ସମାଧାନରେ ବିଶ୍ୱାସ କରେ। ଆଲୋଚନା ଓ କୂଟନୀତି ଜରିଆରେ ୟୁକ୍ରେନ୍ ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନ ସମ୍ଭବ। ଏଥିପାଇଁ ଭାରତ ନିଜ ସୀମାରେ ରହି ଯାହାକିଛି ପାରିବ, ସବୁ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କୁ କହିଛନ୍ତି। ଇଟାଲୀର ଅପୁଲିଆରେ ଚାଲିଥିବା ଜି-୭ ସମ୍ମିଳନୀରେ ଦୁଇନେତାଙ୍କ ମଧ୍ୟରେ ସାକ୍ଷାତ ବେଳେ ମୋଦି ଜେଲେନସ୍କିଙ୍କୁ ଏହି ପ୍ରତିଶ୍ରୁତି ଦେଇଛନ୍ତି। ଆଲୋଚନା ବେଳେ ସୁଇଜରଲାଣ୍ଡରେ ଶନିବାର ଓ ରବିବାର ହେବାକୁ ଥିବା ୟୁକ୍ରେନ୍ ଶାନ୍ତି ସମ୍ମିଳନୀ ବିଷୟ ମଧ୍ୟ ଉଠିଥିଲା। ଏହି କନକ୍ଲେଭକୁ ଭାରତ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ପଠାଇଥିବାରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଜେଲେନସ୍କି ଧନ୍ୟବାଦ ଦେଇଛନ୍ତି। କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ବ୍ରିଟେନ୍ ଓ ଆମେରିକା ଭଳି ଶିଳ୍ପ ସମୃଦ୍ଧ ରାଷ୍ଟ୍ରସମୂହକୁ ନେଇ ଜି-୭ ଗଠିତ। ଭାରତ ଏହି ଗୋଷ୍ଠୀର ସଦସ୍ୟ ନ ଥିଲେ ମଧ୍ୟ ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନିଙ୍କ ନିମନ୍ତ୍ରଣକ୍ରମେ ମୋଦି ସେଠାକୁ ଯାଇଛନ୍ତି। ଜି-୭ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ, ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୟେଲ ମାକ୍ରଁଙ୍କ ସମେତ ଅନ୍ୟ ବିଶ୍ୱନେତାଙ୍କୁ ଭେଟିଛନ୍ତି। ଜି-୭ରେ କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ଯୋଗଦେବା ଅବସରରେ ବିକାଶରେ ମାନବୀୟ ମର୍ଯ୍ୟାଦାକୁ ସର୍ବାଧିକ ଅଗ୍ରାଧିକାର ଦେବାକୁ ପରାମର୍ଶ ଦେଇଛନ୍ତି। ଶକ୍ତିଶାଳୀ ଟେକ୍ନୋଲୋଜି ମଣିଷର ସମ୍ପର୍କକୁ ଆଲ୍ଗୋରିଦିମରେ ପରିଣତ କରିଦେଇଥିବା ନେଇ ସେ ସତର୍କ କରାଇଛନ୍ତି। ଏଥିସହ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ଭୟାବହତା ସମ୍ପର୍କରେ ବିଶ୍ୱନେତାଙ୍କୁ ଚେତାଇଦେଇଛନ୍ତି।

## ପୋପ୍‌ଙ୍କୁ ନିମନ୍ତ୍ରଣ କଲେ ପ୍ରଧାନମନ୍ତ୍ରୀ



ଜି-୭ ବୈଠକରେ ଯୋଗ ଦେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍‌ଙ୍କୁ ଭେଟି ଭାରତ ଆସିବା ପାଇଁ ନିମନ୍ତ୍ରଣ କରିଛନ୍ତି। ସମ୍ମିଳନୀ ସ୍ଥଳ ବୋର୍ଗୋ ଏଗ୍ନାଜିଆରେ ବିଶ୍ୱନେତାମାନଙ୍କ ସହ ସାମିଲ ହେବା ପାଇଁ ୮୭ ବର୍ଷୀୟ ପୋପ୍ ଏକ ହ୍ୱିଲ୍ ଚେୟାରରେ ଯାଇଥିଲେ। ପ୍ରଧାନମନ୍ତ୍ରୀ ମୋଦି ପୋପ୍‌ଙ୍କ ସହ ଭାବବିନିମୟ କରିଥିଲେ। ମୋଦି ପୋପ୍‌ଙ୍କୁ ଆଲିଙ୍ଗନ କରିଥିବା ବେଳର ଫଟୋକୁ ନିଜ ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ କରିଛନ୍ତି। ତାଙ୍କୁ ମୁଁ ଭାରତକୁ ନିମନ୍ତ୍ରଣ କରିଛି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

# ଯୁଦ୍ଧ ବନ୍ଦ ଲାଗି ଋଷ୍ ରାଷ୍ଟ୍ରପତି ପୁଟିନ ରଖିଲେ ସର୍ତ୍ତ



**ନୂଆଦିଲ୍ଲୀ, ୧୫/୦୬**
ଯୁଦ୍ଧ ବନ୍ଦ ଲାଗି ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ରଖିଲେ ସର୍ତ୍ତ। ଯଦି ନାଟୋରେ ଯୋଗଦେବା ଲାଗି କରିଥିବା ଯୋଜନାକୁ ୟୁକ୍ରେନ ରଦ୍ଦ କରେ ତେବେ ରୁଷିଆ ତୁରନ୍ତ ଅସ୍ତ୍ରବିରତି ଘୋଷଣା କରିବ। ଏହାସହ ୟୁକ୍ରେନର ଚାରିଟି ଅଧିକୃତ ଅଞ୍ଚଳରୁ ରୁଷିଆ ନିଜର ସୈନ୍ୟ ପ୍ରତ୍ୟାହାର କରିବ ବୋଲି କହିଛନ୍ତି ପୁଟିନ। ରୁଷିଆ ବୈଦେଶିକ ମନ୍ତ୍ରଣାଳୟରେ ଆୟୋଜିତ ବୈଠକରେ ଯୋଗଦେଇ ପୁଟିନ ଏହା କହିଛନ୍ତି। ସେ କହିଛନ୍ତି ଯଦି ୟୁକ୍ରେନ ଏହି ପ୍ରସ୍ତାବରେ ସମ୍ମତ ପ୍ରକାଶ କରେ ତେବେ ଅସ୍ତ୍ରବିରତି ପ୍ରସ୍ତାବ ସ୍ଥଗିତ ରଖିବା ବଦଳରେ ଚୂଡ଼ାନ୍ତ ଭାବେ ଏହାର ସମାଧନ ଲାଗି ରୁଷିଆ ପଦକ୍ଷେପ ନେବ। କାଳବିଳମ୍ବ ନ କରି କ୍ରେମଲିନ ଯୁଦ୍ଧର ସମାଧାନ ଲାଗି ବୁଝାମଣା ଦିଗରେ ଆଗ୍ରହୀ ହେବ। ଇଟାଲୀରେ ଆୟୋଜିତ ଜି-୭ ସମ୍ମିଳନୀ ଅବସରରେ ୟୁକ୍ରେନରେ ଶାନ୍ତି ପ୍ରତିଷ୍ଠା ଲାଗି ସୁଇଜରଲ୍ୟାଣ୍ଡ ପକ୍ଷରୁ ଏକ ବୈଠକ ଆୟୋଜନ କରିବାକୁ ନେଇ ଏହି ପ୍ରତିକ୍ରିୟା ରଖିଛନ୍ତି ପୁଟିନ। ଏହି ପ୍ରସ୍ତାବିତ ବୈଠକ ଖୁବ ଶୀଘ୍ର ବସିବ ବୋଲି ସୂଚନା ମିଳିଛି।

## କଇଁଛ ଚାଲାଣ ବେଳେ ୪ ଗିରଫ : ୧୭୬ କଇଁଛ ଉଦ୍ଧାର



**ଉମରକୋଟ, ୧୫/୦୬ ନ୍ୟୁଜ ବ୍ୟୁରୋ**
କଇଁଛ ଚୋରା ଚାଲାଣ ବେଳେ ମାଡ଼ି ବସିଲା ବନ ବିଭାଗ । ୧୭୬ଟି ବିରଳ କଇଁଛ ଉଦ୍ଧାର ସହ ଚାରି ଜଣ ଗିରଫ ହୋଇଛନ୍ତି। କଇଁଛ ଚୋରା ଚାଲାଣ ବେଳେ ଦୁଇ ବାଇକ ସହ ଚାରିଜଣ କଇଁଛ ଚୋରା ଚାଲାଣକାରୀକୁ ଗିରଫ କରିଛି ନବରଙ୍ଗପୁର ଜିଲ୍ଲା ଝରିଗାଁ ବନ ବିଭାଗ । ତେବେ କଇଁଛ ଗୁଡିକ କଳାହାଣ୍ଡି ଜିଲ୍ଲା ଗଡମୁଣ୍ଡା ଠାରୁ ଉମରକୋଟ ଅଞ୍ଚଳକୁ ଚାଲାଣ ହେଉଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଝରିଗାଁ ବନାଞ୍ଚଳ ଅଧିକାରୀ ଗୋବିନ୍ଦ ନାୟକଙ୍କ ନେତୃତ୍ୱରେ ୱାଇଲଡ ଲାଇଫ ଟିମ୍ ଓ ପାରା ଷ୍ଟାଫ ସହ ବନବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ପାଖାପାଖି ୧୭୬ଟି ଜିଅନ୍ତା କଇଁଛ ଉଦ୍ଧାର କରିଥିଲେ। ଉଦ୍ଧାର କଇଁଛ ଗୁଡିକ ଝରିଗାଁ ସେଣ୍ଟ୍ରାଲ ନର୍ସରୀରେ ରଖାଯାଇଥିବା ବେଳେ, ଚୋରାଚାଲାଣ କରୁଥିବା ଚାରିଜଣ ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ଗିରଫ ଚାରି ଜଣ କଳାହାଣ୍ଡି ଅଞ୍ଚଳର ହୋଇଥିବା ସୂଚନା ମିଳିଛି ।